

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-210 ◆SUNDAY ◆25 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧୦ ◆ରବିବାର ◆୨୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ବିବାହ ଉତ୍ସବରେ ଆତ୍ମଘାତୀ ବିସ୍ଫୋରଣ; ୭ ମୃତ



■ ଡେରା ଇସ୍ମାଇଲ ଖାନ୍, ୨୪।୧ (ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସମାଇଲ ଖାନ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲେ। ଏଥିରେ ଅତିକମ୍‌ରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାଯାଇଛି। ରିପୋର୍ଟ ଅନୁଯାୟୀ, ସ୍ଥାନୀୟ ଶାନ୍ତି କମିଟି ସଦସ୍ୟ ନୁର ଆଲମ ମେହସୁଦଙ୍କ ବାସଭବନରେ ଏକ ବିବାହ ଉତ୍ସବ ସମୟରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ କୋଠାର ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ପୀଡିତଙ୍କ ଉଦ୍ଧାର କର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିବାହ ଶୋଭାଯାତ୍ରାରେ ଲୋକମାନେ ନାଚୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଖାଇବର ପଖତୁନଖ୍ୱାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମୀଙ୍କ ମୁଖପାତ୍ର ବିଲାଲ ଅହମ୍ମଦ ଫୈଜଙ୍କ ଅନୁଯାୟୀ, ମୃତକଙ୍କ ମୃତଦେହ ଓ ଆହତଙ୍କୁ ▶ପୃଷ୍ଠା-୭

## ପାକିସ୍ତାନରେ ହିମସ୍ଖଳନ; ଗୋଟିଏ ପରିବାରର ୯ ମୃତ

■ ପେଶାୱାର, ୨୪।୧ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତୁନଖ୍ୱା ରାଜ୍ୟର ଏକ ପାର୍ବତମୟ ଜିଲ୍ଲାରେ ଶୁକ୍ରବାର ଏକ ଘର ଉପରେ ଅଚାନକ ହିମସ୍ଖଳନ ଘଟିଥିଲା। ଏଥିରେ ଅତିକମ୍‌ରେ ଗୋଟିଏ ପରିବାରର ୯ ଜଣ ମୃତ୍ୟୁବରଣ କରିଛନ୍ତି। ଜଣେ ଆହତ ହୋଇଥିବା ଶିଶୁକୁ ଉଦ୍ଧାର କରାଯାଇଛି। ନିମ୍ନ ଚିତ୍ରାଲ ଜିଲ୍ଲାର ଆରଣ୍ଡୁ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତକଙ୍କ ମୃତଦେହଗୁଡିକୁ ମଧ୍ୟ ଉଦ୍ଧାର କରାଯାଇଛି ଓ ଏଗୁଡ଼ିକୁ ଦ୍ରୋଶକୁ କବର ଦେବା ପାଇଁ ନିଆଯାଇଛି। ଆହତ ଶିଶୁକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡେପୁଟି କମିଶନରଙ୍କ କାର୍ଯ୍ୟାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ପ୍ରବଳ ଥଣ୍ଡା ଓ ତୁଷାରପାତ ଯୋଗୁଁ ଜରୁରୀକାଳୀନ ପରିସ୍ଥିତ ଉପୁଜିଛି। ତୁଷାରପାତ ଓ ହିମସ୍ଖଳନ କାରଣରୁ ଖାଇବର ପଖତୁନଖ୍ୱା, ବେଲୁଚିସ୍ତାନ, ଗିଲିକିଟ-ବାଲ୍ଟିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ▶ପୃଷ୍ଠା-୭



# ଜଳ ସଙ୍କଟରେ ଅଧାବିଶ୍ୱ

### ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁରେ ଜଳାଭାବ ■ ମରୁଡ଼ିର ଦ୍ୱାରଦେଶରେ ଚେନ୍ନଇ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଆର୍ଥାତ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟ ରହିଛନ୍ତି। ଜାତିସଙ୍ଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦ୍‌ବେଗଜନକ ତଥ୍ୟ ଦିଆଯାଇଛି। କେବେଳ ସେତିକି ନୁହେଁ; ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଓ ରିଓ ଭଳି ସହର ଅନ୍ତର୍ଭୁକ୍ତ।

ରିପୋର୍ଟ ଅନୁଯାୟୀ, ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବଇ ଦ୍ୱାଦଶ, ବେଙ୍ଗାଲୁରୁ ୨୪ତମ ଓ ଚେନ୍ନଇ ୨୯ତମ ସ୍ଥାନରେ ରହିଛି। ହାଇଦରାବାଦ, ଅହମଦାବାଦ, ସୁରତ ଓ ପୁଣେ ମଧ୍ୟ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।



ଆଫଗାନିସ୍ତାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ୍ ତଳକୁ ଧସିବା ଅର୍ଥାତ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟଗୁଡ଼ିକରେ କଲୋରଡ଼ା ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି।

ରିପୋର୍ଟ ଅନୁଯାୟୀ, ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖିଯାଉଛି। ଜମି କମିଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମିର ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମ୍‌ରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମୁରୁଡ଼ିର ସମ୍ମୁଖୀନ ହେଉଛି ଓ 'ଡେ ଜିରୋ' ଅର୍ଥାତ 'ଶୂନ୍ୟ ଦିନ'ର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ୍ ଟାଉନ ଓ ଚେନ୍ନଇ ମଧ୍ୟ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।

ଜାତିସଙ୍ଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ କାଭେ ମଦାନୀ କହିଛନ୍ତି ଯେ, ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦର ▶ପୃଷ୍ଠା-୭

## ଟି-୨୦ ବିଶ୍ୱକପ୍: ଆଇସିସିର ଚୂଡ଼ାନ୍ତ ନିଷ୍ପତ୍ତି

## ବାଂଲାଦେଶ ବିଦା, ସ୍କଟ୍‌ଲାଣ୍ଡ ସାମିଲ୍




■ କରାଚି, ୨୪।୧ (ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ଶେଷ ମୁହୂର୍ତ୍ତରେ ମନା କରିବାରୁ ବାଂଲାଦେଶକୁ ବାଦ୍ ଦିଆଯାଇଛି। ଭାରତରେ ଜୀବନପ୍ରତି ବିପଦ ଥିବା ଦର୍ଶାଇ ବାଂଲଦେଶ କ୍ରିକେଟ ବୋର୍ଡ ଯେଉଁ ସମୟରେ ଭେନ୍ୟୁ ପରିବର୍ତ୍ତନ କରିବାକୁ ଦାବି କରିଥିଲା ତାହା ଆଇସିସି ଦ୍ୱାରା ଗ୍ରହଣୀୟ ହୋଇନାହିଁ। ଯାହା ଫଳରେ ଆଇସିସିର ଶକ୍ତିଶାଳୀ କାର୍ଯ୍ୟନିର୍ବାହୀ ବୋର୍ଡ ବାଂଲାଦେଶ ସ୍ଥାନରେ ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ଭାଗନେବାକୁ ଆମନ୍ତ୍ରଣ କରିଛନ୍ତି। ଆଇସିସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ବାଂଲାଦେଶର ଦାବିକୁ ଶେଷ ମୁହୂର୍ତ୍ତରେ ସମର୍ଥନ ଜଣାଇଥିବା ପାକିସ୍ତାନ ଆଇସିସିର ଏହି ନିଷ୍ପତ୍ତି ପରେ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ଓହରିଯିବାକୁ ଧମକ ଦେଇଛି। ପାକିସ୍ତାନର ଗୃହମନ୍ତ୍ରୀ ଥିବା ମୋହସିନ ନକ୍‌ଭୀ ଏବେ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ଅଛନ୍ତି। ବାଂଲାଦେଶକୁ ଆଇସିସି ବିଦା କରିବା ଘଟଣା ସମ୍ପର୍କରେ ପାକିସ୍ତାନ ସରକାରଙ୍କୁ ନକ୍‌ଭୀ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପରେ ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବ କି ନାହିଁ ତାହାର ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି। ସରିଫ ଏବେ ଦେଶ ବାହାରେ ଅଛନ୍ତି। ସେ ସ୍ୱଦେଶ ଫେରିବା ପରେ ସରକାର ଯେଉଁ ନିଷ୍ପତ୍ତି ନେବେ ତାହାକୁ ଆମେ ମାନିନେବୁ ବୋଲି ନକ୍‌ଭୀ କହିଛନ୍ତି। ପୂର୍ବରୁ ବାଂଲାଦେଶକୁ ସମର୍ଥନ କରିବ, କିନ୍ତୁ ବିଶ୍ୱକପ୍‌ରୁ ଓହରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ କହିଥିଲା। ଏବେ କିନ୍ତୁ ▶ପୃଷ୍ଠା-୭

**ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନର ଧମକ**

## ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା: ଧାନବାଦ୍‌ରୁ ୨ ଗିରଫ

### ଅଭିଯୁକ୍ତଙ୍କୁ ରାସ୍ତାରେ ଚଲାଇ ଚଲାଇ ନେଲା ପୁଲିସ

■ ବଡ଼ବିଲ, ୨୪।୧ (ସମିସ): ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରୁ ଡକାୟତି ଘଟଣାରେ ପୁଲିସକୁ ସଫଳତା ମିଳିଛି। ଘଟଣାର ୫ଦିନ ପରେ ବଡ଼ବିଲ ପୁଲିସ ଝାଡ଼ଖଣ୍ଡ ଧାନବାଦରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କୁନାଲ ରାଜ ବର୍ମା ଏବଂ ରାଜକୁମାର ସିଂ। ସହରର ନିଲସା ଏବଂ ସିନ୍ଦ୍ରୀ ଅଞ୍ଚଳରେ ଚଢ଼ଉ କରି ଏମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଦୁଇଟି ସ୍କର୍ପିଓ, ଚାରିଟି ମୋବାଇଲ୍, ୨୨୮ ଗ୍ରାମ୍ ସୁନା ଜବତ ହୋଇଛି। ଅପରପକ୍ଷେ, ସେମାନଙ୍କୁ ବଡ଼ବିଲ ଅଣାଯିବା ପରେ ସ୍ଥାନୀୟ ଏସ୍‌ଡିପିଓ କାର୍ଯ୍ୟାଳୟ ନିକଟରୁ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଯାଇଥିଲା।



ସୂଚନାନୁସାରେ, ଗତ ୧୯ ତାରିଖ ଦିନ ପ୍ରାୟ ୨ଟାରେ ୬ ଜଣ ମୁଖା ଓ ହେଲମେଟ୍‌ପିନ୍ଧା ଡକାୟତ ବଡ଼ବିଲ-କଳିଙ୍ଗ ରାସ୍ତାରେ ଥିବା ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରରେ ଧସେଇ ପଶିଥିଲେ। ସେମାନେ ବନ୍ଧୁକ ଦେଖାଇ ୬କେଜି ୪୦୦ ଗ୍ରାମ୍ ଓଜନର ସୁନା ଏବଂ ନଗଦ ୪ଲକ୍ଷ ୩୫ହଜାର ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ବ୍ୟାଙ୍କରୁ ସୁନା ଓ ଟଙ୍କା ଲୁଟ୍ କରିବା ପରେ ଅପରାଧୀମାନେ ଝାଡ଼ଖଣ୍ଡ ପଳାଇ ଯାଇଛନ୍ତି। ପୁଲିସର ୬ଟିଯାକ ଟିମ୍ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଖାନତଲାସି ▶ପୃଷ୍ଠା-୭

**ବନ୍ଧୁକ ଦେଖାଇ ଲୁଟିଥିଲେ ୫ କୋଟିର ଅଳଙ୍କାର**

### ୨୮ରେ ବଜେଟ ଅଧିବେଶନ

## ୨୭ରେ ସର୍ବଦଳୀୟ ବୈଠକ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଆସନ୍ତା ୨୮ ତାରିଖରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ସୁରୁଖୁରୁରେ ଗୃହ ଚଲାଇବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବଜେଟ ଦିନକ ପୂର୍ବରୁ ୨୭ ତାରିଖରେ ସରକାର ସର୍ବଦଳୀୟ ବୈଠକ ଡକାଇଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଡକାଇଥିବା ଏହି ବୈଠକ ୨୭ ତାରିଖ ସକାଳ ୧୧ଟାରେ ସଂସଦ ଭବନର ଆନେକ୍ସି ମୁଖ୍ୟ କମିଟି କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ବିରୋଧୀ ଏବଂ ସରକାର ଅଧିବେଶନର ଏଜେଣ୍ଡା ଉପରେ ନିଜ ନିଜ ରାୟ ରଖିବେ। ସଂସଦର କାର୍ଯ୍ୟସୂଚୀ ଏବଂ ଅଧିବେଶନର ଉତ୍ଥାପନ ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଚର୍ଚ୍ଚା କରାଯିବ। ସବୁ ଦଳର ରାୟ ଜାଣିବା ଏବଂ ହଙ୍ଗାମା ବିନା ଗୃହ ଚଳାଇବା ଏହି ବୈଠକର ଉଦ୍ଦେଶ୍ୟ।



ମନରେଗା ବଦଳରେ ସରକାର ଆଣିଥିବା ବିକଶିତ ଭାରତ-ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିଶନ (ଭିବି ଜି-ରାମ-ଜି)କୁ ନେଇ ବିରୋଧୀ କଂଗ୍ରେସ ସାରା ଦେଶରେ ଅଭିଯାନ ଚଲାଉଥିବା ବେଳେ ଏହି ▶ପୃଷ୍ଠା-୭

### ବଳ ଗୋଟାଉଛନ୍ତି ସଭାପତି; ଦଳ ଛାଡୁଛନ୍ତି ନେତା

## କଂଗ୍ରେସ ଛାଡ଼ିଲେ ୪୧ ମୋକିମ୍ ସମର୍ଥକ

■ ଭୁବନେଶ୍ୱର, ୨୪।୧ (ସମିସ): କଂଗ୍ରେସରୁ ବରିଷ୍ଠ ନେତା ମହମ୍ମଦ ମୋକିମ ବହିଷ୍କୃତ ହେବା ପରେ ରାଜ୍ୟରେ ନୂଆ ଦଳ ଗଠନ ନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି। ଅପରପକ୍ଷେ ମୋକିମଙ୍କ ବହିଷ୍କାର ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ପିସିସି ପକ୍ଷରୁ ବାରମ୍ବାର ଦୃଢ଼ୋକ୍ତି ପ୍ରକାଶ କରାଯାଉଛି। ଇତିମଧ୍ୟରେ ରାଜ୍ୟରେ କଂଗ୍ରେସ ଦଳ ଦୁର୍ବଳ ନାହିଁ, ରାଜ୍ୟସଭା ନିର୍ବାଚନରେ ଦଳ କାହା ସହ ସାଲିସ୍ ନ କରି ନିଜର ପ୍ରାର୍ଥୀ ଦେବ ବୋଲି କହି ପିସିସି ସଭାପତି ଭକ୍ତଚରଣ ଦାସ ଦଳରେ ବଳ ଗୋଟାଇବାକୁ ପ୍ରୟାସ କରୁଛନ୍ତି। ଏହାରି ମଧ୍ୟରେ ଶନିବାର କଂଗ୍ରେସରୁ ମହମ୍ମଦ ମୋକିମ୍‌ଙ୍କ ୪୧ ଜଣ ଅନୁଗତ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ଛାମୁଆ ନେତାଙ୍କ ମଧ୍ୟରେ ବର୍ତ୍ତମାନର ପିସିସି ମୁଖପାତ୍ର, ପୂର୍ବତନ ମୁଖପାତ୍ର ଓ ଛାତ୍ର କଂଗ୍ରେସ ସାଧାରଣ ସଂପାଦକ, ପୂର୍ବତନ ପିସିସ ସଂପାଦକଙ୍କ ସମେତ ବିଭିନ୍ନ ଜିଲ୍ଲାର ପୂର୍ବତନ କର୍ପୋରେଟର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ମହିଳା କଂଗ୍ରେସ ସଂପାଦକ, ପୂର୍ବତନ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ସଭାପତିମାନେ ରହିଛନ୍ତି। ଦଳୀୟ ସଭାପତିଙ୍କ ନେତୃତ୍ୱକୁ ସେମାନେ କଡ଼ା ସମାଲୋଚନା କରିବା ସହ ଦଳ ମୂଳ ଆଦର୍ଶରୁ ବିଚ୍ୟୁତି, ମୂଳ କର୍ମୀଙ୍କୁ ଅଣଦେଖା, ବିପର୍ଯ୍ୟସ୍ତ ସାଂଗଠନିକ ସ୍ଥିତିକୁ ନିଜ ଇସ୍ତଫାର କାରଣ ରୂପେ ଦର୍ଶାଇଛନ୍ତି।

ଦଳ ଛାଡ଼ିଥିବା ମୋକିମ୍ ଅନୁଗତଙ୍କ ଅଭିଯୋଗ ହେଲା ଯେ ବର୍ତ୍ତମାନର ସଭାପତି ଭକ୍ତ ଚରଣ ଦାସ ଦାୟିତ୍ୱ ଗ୍ରହଣ କରିବାର ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଦଳକୁ ସୁଦୃଢ଼ କରିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବରଂ ତାଙ୍କ ନେତୃତ୍ୱରେ ଦଳ ଦିନକୁ ଦିନ ସାଂଗଠନିକ ଭାବେ ଦୁର୍ବଳ ହେବାରେ ଲାଗିଛି। ସଭାପତି ନିଜେ ଜନତା ଦଳରୁ ଆସିଥିବାରୁ ସେ କଂଗ୍ରେସର ମୂଳ ଆଦର୍ଶ ପରିବର୍ତ୍ତେ ଜନତା ଦଳର ଚିନ୍ତାଧାରାରେ କାର୍ଯ୍ୟ କରୁଛନ୍ତି। ଏହାଫଳରେ ବର୍ଷ ବର୍ଷର ମୂଳ କଂଗ୍ରେସ କର୍ମୀ ଓ ▶ପୃଷ୍ଠା-୭

**ଇସ୍ତଫା ପାଇଁ ଦର୍ଶାଇଲେ ଏକାଧିକ କାରଣ**

**ସଭାପତିଙ୍କ ନେତୃତ୍ୱକୁ କଡ଼ା ସମାଲୋଚନା**

# ବାଘ ସହ ୧୦ ମିନିଟ୍ ଲଢ଼େଇ

### ଆଖିବୁଜିଲା ବାଘ; ଗୁରୁତର ଯୁବକ ଏସ୍‌ସିବିରେ ଭର୍ତ୍ତି

■ ନରସିଂହପୁର, ୨୪।୧ (ସମିସ): ବାଘକୁ ସାମ୍ନାରେ ଦେଖିଲେ ମଣିଷର ଅଧାରକ୍ତ ଶୁଖିଯାଏ। ମୁକାବିଲା କରିବା ତ ଦୂରର କଥା, ଜୀବନ ବିକଳରେ ଠାକୁରଙ୍କୁ ପ୍ରାର୍ଥନା କରି ଜୀବନ ଭିକ୍ଷା କରିଥାଏ। କିନ୍ତୁ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ଜଣେ ଯୁବକ ଏହି ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି। ବାଘ ସହ ପାଖାପାଖି ୧୦ ମିନିଟ୍ ଧରି ସାହସିକତାର ସହ ଲଢ଼େଇ କରି ନିଜ ଜୀବନ ବଞ୍ଚାଇଛନ୍ତି। ସେ ହେଲେ, ଜୟପୁର ଗ୍ରାମର ଶୁଭ୍ରାଂଶୁ ଭୋଳ (୨୬)। ଏହି ଲଢ଼େଇରେ ବାଘକୁ ନିଜ ଜୀବନ ହାରିବାକୁ ପଡ଼ିଛି। ଏହି ଘଟଣା ଆଜି





ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବାଘ ଆକ୍ରମଣରେ ଗୁରୁତର ଶୁଭ୍ରାଂଶୁଙ୍କୁ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଶୁଭ୍ରାଂଶୁଙ୍କୁ ସେଠାରେ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ଏହାସହ ଡାକ୍ତରଙ୍କ ସହ ତାଙ୍କ ଚିକିତ୍ସା ବାବଦରେ ଆଲୋଚନା କରିଥିଲେ।

ସୂଚନାନୁଯାୟୀ, ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନନ୍ତପ୍ରସାଦ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ହାବୁଡ଼ରେ ପଡ଼ିଥିଲେ ଶୁଭ୍ରାଂଶୁ। ସେ ନରସିଂହପୁର ଅନନ୍ତପ୍ରସାଦ ଗ୍ରାମରେ ଥିବା ତାଙ୍କର ଫାର୍ମରେ ରାତିରେ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବାଘଟି ବାହାରେ ବୁଲୁଥିବା ତାଙ୍କ କୁକୁରକୁ ଆକ୍ରମଣ କରିଥିଲା। କୁକୁରର ବିକଳ ରଡ଼ି ଶୁଣି ଶୁଭ୍ରାଂଶୁ କବାଟ ଖୋଲି ବାହାରକୁ ଆସିବା ମାତ୍ରେ ବାଘଟି ତାଙ୍କ ଉପରକୁ ଝାମ୍ପ ମାରିଥିଲା। ଶୁଭ୍ରାଂଶୁ ଜୀବନ ବିକଳରେ ଘର ଭିତରକୁ ପଶି ଯାଇଥିଲେ ହେଁ ▶ପୃଷ୍ଠା-୭




# ଆକ୍ରମଣ ଭୀଷଣ ହେବ: ଟ୍ରମ୍ପ


ଦ୍ରୁତଗତିରେ ଇରାନ ଆଡ଼କୁ ମାଡ଼ି ଆସୁଛି ଯୁଦ୍ଧ ଜାହାଜ

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକା ଓ ଇରାନ୍ ମଧ୍ୟରେ କ୍ରମାଗତ ଭାବେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ସାମାରିକ କାର୍ଯ୍ୟାନୁଷ୍ଠାନ ବିକଳ୍ପ ବିଷୟରେ ବିଚାର କରୁଛନ୍ତି ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ ତା'ର ସଦ୍ୟତମ ରିପୋର୍ଟରେ ଉଲ୍ଲେଖ କରିଛି। ଟ୍ରମ୍ପ ଏଭଳି ଏକ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଛନ୍ତି, ଯାହା ନିର୍ଣ୍ଣାୟକ ହେବ ଓ ଇରାନ ଏହାକୁ ସବୁଦିନେ ମନେ ରଖିବ ବୋଲି କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ ଓ ହ୍ୱାଇଟ୍ ହାଉସ୍ ଏ ନେଇ କାର୍ଯ୍ୟ କରିବାର ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଇରାନରେ ଶାସନାଧୀନ ସରକାରଙ୍କୁ ମୂଳୋତ୍ପାଟନ କରିବା ଲକ୍ଷ୍ୟ ରହିଛି। ଇତିମଧ୍ୟରେ ଆମେରିକୀୟ ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ ଶନିବାର ସୁଦ୍ଧା ମଧ୍ୟପ୍ରାଚ୍ୟ ପହଞ୍ଚିବାର ସମ୍ଭାବନା ରହିଛି। ଫଳରେ ଇରାନ ଉପରେ ଆମେରିକା ଅତର୍କିତ ଆକ୍ରମଣ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଆକ୍ରମଣ ଭୀଷଣ ହେବ ବୋଲି ଟ୍ରମ୍ପ ଧମକ ମଧ୍ୟ ଦେଇଛନ୍ତି।

ଇରାନ ମଧ୍ୟ ଆମେରିକା ଆକ୍ରମଣ କଡ଼ା ଜବାବ ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛି ବୋଲି କହିଛି। ଇରାନ ସୁପ୍ରିମକୋର୍ଟ ପରିଷଦର ଜାଭଦ ଆକବରୀ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଥିବା ସମସ୍ତ ଆମେରିକୀୟ ସାମିରିକ ଘାଟି ଇରାନ ଟାର୍ଗେଟରେ ରହିଛି। ପାଲଟା ଆକ୍ରମଣ କରିବାକୁ ଆମ କ୍ଷେପଣାସ୍ତ୍ର ପସ୍ତୁତ ରହିଛି। ଅନ୍ୟପଟେ ଇରାନର ଏକାଧିକ ସହର ୟୁଏସ୍‌ଏସ୍ ଆବ୍ରହାମ ଲିଙ୍କନ ଆକ୍ରମଣର ପରିସରରେ ଅଛି। ରିପୋର୍ଟ ଅନୁଯାୟୀ, ଆମେରିକାର ଏହି ଜାହାଜ ଆରବ ସାଗରରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସିଇଏନ୍‌ସିଓଏମ୍) ଜୋନରେ ପ୍ରବେଶ କରିଛି। ଏଥିସହ ଏକ ଆମେରିକୀୟ ସି-୩୭ବି ବିମାନ ମଧ୍ୟ ଇରାନର ଉତ୍ତରରେ ତୁର୍କମେନିସ୍ତାନର ଆଶଗାବାତ ଘାଟିରେ ପହଞ୍ଚିଛି। ଏହି ଜାହାଜ ପୂର୍ବରୁ ଦକ୍ଷିଣ ଚୀନ ସାଗରରେ ନିୟୋଜିତ ଥିଲା। ଜାନୁଆରୀ ୧୮ରେ, ଏହା ମଲାକ୍କା ପ୍ରଣାଳୀ ପାର କରି ଭାରତ ମହାସାଗରରେ ପ୍ରବେଶ କରିଥିଲା। ଏବେ ଏକ ବଡ଼ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି।

# ଆମେରିକାରେ ପତ୍ନୀ ସମେତ ୪ଜଣ ସମ୍ପର୍କୀୟଙ୍କୁ ହତ୍ୟା କଲେ ଭାରତୀୟ ବଂଶୋଦ୍ଭବ

ଆଟଲାଣ୍ଟା, ୨୪ ।୧(ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଏକ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ଏକ ସାମାନ୍ୟ ଝଗଡ଼ା ପରେ ସେ ତାଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ୩ ଜଣ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୁଲିସ କହିଛି ଯେ, ଘରୋଇ ବିବାଦରୁ ଏହି ଘଟଣା ଘଟିଥିଲା। ଏହି ବ୍ୟକ୍ତି ହେଉଛନ୍ତି ୫୧ ବର୍ଷୀୟ ବିଜୟ କୁମାର। ବିଜୟଙ୍କୁ ପୁଲିସ ଗିରଫ କରିଛି। ପୁଲିସ ଅଧିକାରୀ କହିଛନ୍ତି ଯେ, ଗୁଳିକାଣ୍ଡ ସମୟରେ ୩ ଜଣ ପିଲା ଘର ଭିତରେ ଥିଲେ। ସେମାନେ ନିଜକୁ ରକ୍ଷା କରିବାକୁ ଏକ ଆଲମାରୀରେ ଲୁଚି ରହିଥିଲେ। ସେମାନେ ହିଁ ପୁଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା



ଦେଇଥିଲେ। ଅଟଲାଣ୍ଟାରେ ଥିବା ଭାରତୀୟ ଦୂତାବାସ କହିଛି ଯେ, ପୀଡିତଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ଦୂତାବାସ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛି ଯେ, ପାରିବାରିକ ବିବାଦ ସହିତ ଜଡ଼ିତ ଏହି ଗୁଳିକାଣ୍ଡ ଘଟଣାରେ ଆମେ ଗଭୀର ଭାବେ ଦୁଃଖିତ। ଶୁକ୍ରବାର ପୁଲିସକୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଘରେ ଥିବା ୪ଜଣଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ମୃତକମାନେ ହେଲେ ବିଜୟ କୁମାରଙ୍କ ପତ୍ନୀ ୪୩ ବର୍ଷୀୟା ମିମୁ ଡୋଗରା, ୩୩ ବର୍ଷୀୟ ଗୌରବ କୁମାର, ୩୭ ବର୍ଷୀୟା ନିଧି ଚନ୍ଦର ଓ ୩୮ ବର୍ଷୀୟା ହରିଶ ଚନ୍ଦର। ପୁଲିସ ଏହି ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ତଦନ୍ତ କରୁଛି ବୋଲି କହିଛି।

## ପ୍ରଶାନ୍ତ ମହାସାଗରରେ ନୌକା ଉପରେ ଆମେରିକା ଆକ୍ରମଣ, ଦୁଇ ମୃତ

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକା ପ୍ରାଶନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ପରିବହନ କରିବା ଅଭିଯୋଗରେ ଏକ ନୌକା ଉପରେ ଆକ୍ରମଣ କରିଛି। ଏଥିରେ ଦୁଇ ନର୍କୋ- ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି ବୋଲି କୁହାଯାଇଛି। ତେବେ ଜଣେ ଏହି ଆକ୍ରମଣରୁ ବଞ୍ଚି ଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ପିସ୍ ବୋର୍ଡ' ଚାର୍ଟରରେ ସ୍ୱାକ୍ଷର କରିବାର ମାତ୍ର ଦୁଇଦିନ ପରେ ଏହି ପଦକ୍ଷେପ ନିଆଯାଇଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ବନ୍ଦୀ କରିବା ପରେ ଆମେରିକୀୟ ସେନା ପ୍ରଥମଥର ପାଇଁ ଏ ଭଳି ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିସହ ଗତ ୫ ମାସ ମଧ୍ୟରେ ଦକ୍ଷିଣ ଆମେରିକୀୟ ଜଳ ସୀମାରେ ତଥାକଥିତ ଡ୍ରଗ୍ସ ବାହକଙ୍କ ଉପରେ ଆମେରିକାର ଏହା ୩୬ତମ ଆକ୍ରମଣ ଘଟଣା। ଏଭଳି ଆକ୍ରମଣରେ ଏପର୍ଯ୍ୟନ୍ତ ୧୧୭ ଜଣଙ୍କର ମୃତ୍ୟୁ ହୋଇଛି। କାରିବିୟାନ ସାଗରରେ ଅଧିକାଂଶ ଥର ଏଭଳି ଆକ୍ରମଣ କରାଯାଇଛି। ଗତ ଡିସେମ୍ବରରେ ମଧ୍ୟ ଆମେରିକା ସେନା ଦ୍ୱାରା ସମାନ ଆକ୍ରମଣର ରିପୋର୍ଟ ହସ୍ତଗତ ହୋଇଥିଲା।

## ବିଜେପିକୁ ଜରିମାନା କଲା ବିଜେପିର ନଗର ନିଗମ

ତିରୁଅନନ୍ତପୁରମ, ୨୪ ।୧(ଏଜେନ୍ସି): ବିଜେପି ଅଧିନରେ ଥିବା କେରଳର ତିରୁଅନନ୍ତପୁରମ ନଗର ନିଗମ ବିଜେପି ଉପରେ ହିଁ ଜରିମାନା ଲାଗୁ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ସମୟରେ ସହରର ଫୁଟପାଥରେ ଫ୍ଲେକ୍ସ ବୋର୍ଡ ଲଗାଇବା କାରଣରୁ ନଗର ନିଗମ ବିଜେପି ଉପରେ ୧୯.୭ ଲକ୍ଷ ଟଙ୍କାର ଜରିମାନା ଲାଗୁ କରିଛି। ନଗର ନିଗମ ସଚିବଙ୍କ ଅଭିଯୋଗ ପରେ କ୍ୟାଣ୍ଟନମେଣ୍ଟ ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ବିଜେପି ଜିଲ୍ଲା ସଭାପତି କରମଣା ଜୟନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ଡିସେମ୍ବରରେ ଅନୁଷ୍ଠିତ ତିରୁଅନନ୍ତପୁରମ ନଗର ପାଳିକା ନିର୍ବାଚନରେ ବିଜେପି ସର୍ବାଧିକ ୫୦ଟି ଆସନ ଜିତିଥିଲା। ଏହାପରେ ଡିସେମ୍ବର ୨୬ରେ ବିଜେପି ଭିଭି ରାଜେଶଙ୍କୁ ମେୟର ନିଯୁକ୍ତ କରିଥିଲା। ଏଥିସହ ବିଜେପି କେରଳ ଇତିହାସରେ ପ୍ରଥମଥର ପାଇଁ ତିରୁଅନନ୍ତପୁରମର ମେୟର ନିଯୁକ୍ତ କରିଥିଲା। ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନରେ ମୋଟ୍ ୫୧ ଆସନ ସହ ବିଜେପି ଏହି ସଫଳତା ପାଇଥିଲା। ଦୀର୍ଘ ୪୫ ବର୍ଷ ଧରି ତିରୁଅନନ୍ତପୁରମ ନଗର ନିଗମ ବାମ ଲୋକତାନ୍ତ୍ରିକ ମୋର୍ଚ୍ଚା ଏଲ୍‌ଡିଏଫ୍ କବ୍‌ଜାରେ ଥିଲା। ଏଫ୍‌ଆଇଆର୍‌ରେ କେରଳ ହାଇକୋର୍ଟଙ୍କ ଅନେକ ନିର୍ଦ୍ଦେଶ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶର ଉଲ୍ଲଂଘନ ହୋଇଥିବା ଉଲ୍ଲେଖ କରାଯାଉଛି।

## ଗୋଟିଏ ବର୍ଷରେ ଚୀନ୍ କାନାଡ଼ାକୁ ଗିଳି ଯିବ: ଟ୍ରମ୍ପ

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପଡୋଶୀ କାନାଡ଼ା ଓ ତ'ର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଉପରେ ଅସନ୍ତୋଷ ଜାରି କରିଛନ୍ତି। ଚୀନ୍ ଗୋଟିଏ ବର୍ଷ ମଧ୍ୟରେ କାନାଡ଼ାକୁ ଗିଳି ଦେବ ବୋଲି ସେ ସତର୍କ କରାଇଦେଇଛନ୍ତି। ଏବେ କାନାଡ଼ା ଆମେରିକା ସହିତ ନୁହେଁ ବରଂ ଚୀନ ସହ ମିତ୍ରତା କରୁଛି। ଏହାର ପରିଣାମ କାନାଡ଼ା ହିଁ ଭୋଗିବ। କାନାଡ଼ର ଭୁଲ ନୀତି କରାଣରୁ ସମଗ୍ର ଉତ୍ତର ଆମେରିକା ପାଇଁ ବିପଦ ସୃଷ୍ଟି ହୋଇଛି। ପୁଣି ଚୀନ ସହ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରି କାନାଡ଼ା ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଗୋଟିଏ ବର୍ଷ ପୂର୍ବରୁ କାର୍ଣ୍ଣି ଚୀନକୁ ଏକ ବଡ଼ ବିପଦ ଭାବେ ବର୍ଣ୍ଣନା କରୁଥିଲେ। କିନ୍ତୁ ଏବେ ସ୍ଥିତି ବଦଳି ଯାଇଛି। ଯଦି କାନାଡ଼ା ସତର୍କ ନ ରହେ, ତେବେ ଚୀନ୍ କାନାଡ଼ା ପାଇଁ ବିପଦ ସୃଷ୍ଟି କରିବ ବୋଲି ଟ୍ରମ୍ପ ସତର୍କ କରାଇ କହିଛନ୍ତି।

# ଆମେରିକାର ୧୫ଟି ରାଜ୍ୟରେ ତୁଷାର ଝଡ଼

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକାରେ ତୁଷାର ଝଡ଼ ଆରମ୍ଭ ହୋଇଯାଇଛି। ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ୧୫ଟି ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଦୁଇ ଦିନ ମଧ୍ୟରେ ୭ ହଜାରରୁ ଅଧିକ

- ଜରୁରୀକାଳୀନ ସ୍ଥିତି ଘୋଷଣା
- ସଙ୍କଟରେ ୨୦ କୋଟି ଲୋକ
- ୭, ୦୦୦ ବିମାନ ବାତିଲ୍



ବିମାନ ବାତିଲ କରାଯାଇଛି। ଜାତୀୟ ପାଣିପାଗ ସେବା (ଏନ୍‌ଡବ୍ଲୁଏସ୍) ଅନୁଯାୟୀ, ୨୦ କୋଟି ଲୋକ ଅର୍ଥାତ ଦୁଇ- ତୃତୀୟାଂଶ ଆମେରିକୀୟ ଏହି ତୁଷାର ଝଡ଼ ଦ୍ୱାରା ପ୍ରଭାବିତ ହୋଇପାରିନ୍ତି।

ଝଡ଼ ଭୟରେ ଲୋକ ଜିନିଷପତ୍ର କିଣିବାକୁ ବଜାରକୁ ଯାଉଛନ୍ତି। ଅନେକ ଦୋକାନରେ ପାଣି, ଅଣ୍ଡା, ବଟର ଓ ମାଂସ ସରି ଆସୁଛି। ପାଣିପାଗ ସେବା ସତର୍କ କରାଇଛି ଯେ, ଝଡ଼ ପ୍ରବଳ ତୁଷାରପାତ, ବର୍ଷା ଓ ଥଣ୍ଡା ଆଣିବ। ଏହା ସ୍ଥିତିକୁ ଅତ୍ୟନ୍ତ ବିପଜ୍ଜନକ କରିଦେବ। ପରିବହନ ଅଧିକାରୀମାନେ ସପ୍ତାହ ଶେଷରେ ଯାତ୍ରା ବିଳମ୍ବ ଓ ବାତିଲ ବିଷୟରେ ଚେତାବନୀ ଦେଇଛନ୍ତି। ଅନେକ ପ୍ରମୁଖ ସହରରେ ବିମାନ ବନ୍ଦର ପ୍ରଭାବିତ ହୋଇଛି। ଫ୍ଲାଇଟ୍ ଟ୍ରାକିଂ ଓ ୱେବସାଇଟ୍ ଫ୍ଲାଇଟଆୱାର ଅନୁଯାୟୀ, ଶନିବାର ଆମେରିକାରେ ୩୨୦୦ରୁ ଅଧିକ ଓ ରବିବାର ୪୮୦୦ ବିମାନ ଉଡ଼ାଣ ବାତିଲ କରାଯାଇଥିଲା। ପାଣିପାଗ ବିଭାଗ ଅନୁଯାୟୀ ଏହି ଝଡ଼ ଆମେରିକା ଉଚ୍ଚ ସମତଳ ଅଞ୍ଚଳରୁ ଆରମ୍ଭ ହେବ ଓ ଧିରେ ଧିରେ ପୂର୍ବ ଦିଗକୁ ଗତି କରିବ। ଫଳରେ ମେମ୍‌ଫିସ, ନାଶଭିଲ, ୱାସିଂଟନ ଡିସି, ବାଲ୍ଟିମୋର, ଫିଲାଡେଲଫିୟା ଓ ନ୍ୟୁୟର୍କ ଭଳି ସହରଗୁଡ଼ିକରେ ପ୍ରବଳ ତୁଷାରପାତ ହେବ। ଆମେରିକାର ଅନେକ ଅଞ୍ଚଳରେ ୧୦ରୁ ୧୪ ଇଞ୍ଚ୍ ତୁଷାରପାତ ହେବାର ସମ୍ଭାବନା ରହିଛି। ଏୟାର ଇଣ୍ଡିଆ ନ୍ୟୁୟର୍କ ଯିବାକୁ ଥିବା ବିମାନକୁ ବାତିଲ କରିବାକୁ ଘୋଷଣା କରିଛି। ତେବେ ସବୁ ପ୍ରକାର ସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଆମେରିକା ସରକାର ଘୋଷଣା କରିଛନ୍ତି।

# ରାଜସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ କମିଲା

ନୂଆଦିଲ୍ଲୀ, ୨୪ ।୧(ଏଜେନ୍ସି): ଦେଶର ଉତ୍ତର ଭାଗରେ ଥିବା ୩ଟି ରାଜ୍ୟ ଯଥା ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଗୁରୁବାର ଓ ଶୁକ୍ରବାର ତୁଷାରପାତ ଆରମ୍ଭ ହୋଇଥିଲା ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଜାରି ରହିଥିଲା। ଏବେ ସିମଲା, ମନାଲି, ମସୁରୀ ଓ କଟରା ସମସ୍ତ ବରଫରେ ଆଚ୍ଛାଦିତ ହୋଇଛି। ସେପଟେ ଉତ୍ତରାଖଣ୍ଡର ଉତ୍ତରକାଶୀ, ଚାମୋଲି ଓ ଡୋଡ଼ାରେ ୨୪ ଘଣ୍ଟା ଧରି ରହି ରହିକରି ତୁଷାରପାତ ହେଉଛି। ଫଳରେ ସମତଳ ଅଞ୍ଚଳରେ ଏକ ଫୁଟ ଓ ଉଚ୍ଚ ପାହାଡ଼ରେ ୨ରୁ ୩ ଫୁଟର ବରଫ ଜମି ରହିଛି। ତୁଷାରପାତ ଓ ବରଫ ଜମିବା କାରଣରୁ ଶୁକ୍ରବାର ଶ୍ରୀନଗର ବିମାନ ବନ୍ଦର ବନ୍ଦ ରହିଥିଲା। ତେବେ ଶନିବାର ସକାଳେ ପାଗ ସୁଧରିବା ପରେ ଶ୍ରୀନଗର ବିମାନ ବନ୍ଦରରେ ବିମାନ ଚଳାଚଳ ପୁଣି ଆରମ୍ଭ ହୋଇଛି। ବିମାନ ବନ୍ଦର

**ମାଉଣ୍ଟ ଆବୁରେ ବିଯୁକ୍ତ ୭ ଡିଗ୍ରୀ**

କର୍ତ୍ତୃପକ୍ଷ, ବିଆରଓ ସହିତ ମିଳିତ ଭାବରେ, ରନୱେକୁ କାର୍ଯ୍ୟକ୍ଷମ କରିବା ପାଇଁ ଆପ୍ରନ ଓ ଟ୍ୟାକ୍ସିୱେ ସଫା କରିଛି। ୪୪ ନମ୍ବର ଜାତୀୟ ରାଜପଥ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବନ୍ଦ ରହିଛି। ପାଣିପାଗ ବିଭାଗ ସମସ୍ତ ୩ଟି ରାଜ୍ୟ ଉଚ୍ଚ ଅଞ୍ଚଳଗୁଡ଼ିକରେ ହିମସ୍ଖଳନର ଚେତାବନୀ ଦେଇଛି। ଅନପଟେ ପଶ୍ଚିମା ଝଡ଼ ପ୍ରଭାବରେ କୁଆପଥର ବର୍ଷା ଓ ବର୍ଷା ପରେ ରାଜସ୍ଥାନରେ ତାପାମାତ୍ରା ୧୦ ଡିଗ୍ରୀ ହ୍ରାସ ପାଇଛି। ରାଜ୍ୟର ଏକମାତ୍ର ପାହାଡ଼ି ସ୍ଥାନ ବା ଶୈଳନିବାସ ମାଉଣ୍ଟ ଆବୁରେ ପାରଦ ବିଯୁକ୍ତ ୭ ଡିଗ୍ରୀରେ ପହଞ୍ଚିଛି। ସିକରରେ କାକର ଜମାଟ ବାନ୍ଧିଛି। ସେହିପରି ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ମଧ୍ୟପ୍ରଦେଶର ଅନେକ ଜିଲ୍ଲାରେ ମଧ୍ୟ ହାଲୁକା ବର୍ଷା ହୋଇଛି। ବର୍ଷା ପରେ ରାଜଧାନୀ ଦିଲ୍ଲୀରେ କୁହୁଡ଼ି ଓ ଧୂଆଁ ହଟିଛି। କିନ୍ତୁ ତାପମାତ୍ରା ୧୧ ଡିଗ୍ରୀରେ ପହଞ୍ଚିଛି। ପାହାଡ଼ରୁ ଆସୁଥିବା ଥଣ୍ଡା ପବନ ଦିଲ୍ଲୀରେ ଶୀତ ବଢ଼ାଉଛି।

# ଏସ୍‌ଆଇଆର୍ ପାଇଁ ଦିନକୁ ୪ ଆତ୍ମହତ୍ୟା !

କୋଲକାତା, ୨୪ ।୧(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ସମାଲୋଚନା କରିଛନ୍ତି। ଏସ୍‌ଆଇଆର ଚିନ୍ତା ଯୋଗୁଁ ପ୍ରତିଦିନ ୩ରୁ ୪ ଜଣ ଆତ୍ମହତ୍ୟା କରୁଛନ୍ତି। ଏପର୍ଯ୍ୟନ୍ତ ୧୧୦ରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ହସ୍ପିଟାଲରେ ୪୦ରୁ ୪୫ ଜଣ ଲୋକ ଜୀବନ ପାଇଁ ସଂଘର୍ଷ କରୁଛନ୍ତି।

- ଅଭିଯୋଗ ଆଣିଲେ ମମତା
- ୧୧୦ ମୃତ୍ୟୁବରଣ କଲେଣି
- କେନ୍ଦ୍ର, ନିର୍ବାଚନ କମିସନଙ୍କୁ ଦାୟୀ କଲେ



ଏତେ ବର୍ଷ ପରେ, ଆମକୁ କ'ଣ ପ୍ରମାଣ କରିବାକୁ ପଡ଼ିବ ଯେ, ଆମେ ଏହି ଦେଶର ନାଗରିକ? କୋଲକାତାର ରେଡ ରୋଡ଼ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଡିସେମ୍ବରରେ ପ୍ରକାଶିତ ହୋଇଥିବା ଡ୍ରାଫ୍ଟ ଭୋଟର ତାଲିକାରୁ ୮୫ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ମୋଟ ୭.୬ କୋଟି ଭୋଟରଙ୍କ ମଧ୍ୟରୁ ୧.୬୬ କୋଟି ଭୋଟରଙ୍କ ନାଗରିକତା ଉପରେ ପ୍ରଶ୍ନ ଉଠିଛି। ସେମାନଙ୍କୁ ସେମାନଙ୍କ କାଗଜପତ୍ରର ପୁନଃ ଯାଞ୍ଚ କରିବା ପାଇଁ ଶୁଣାଣି ନୋଟିସ ପଠାଯାଇଛି। ବୟସ୍କ ଲୋକ, ଏପରିକି ପ୍ରସିଦ୍ଧ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନଙ୍କୁ ମଧ୍ୟ ନୋଟିସ ପଠାଯାଇଛି। କେବଳ ସେତିକି ନୁହେଁ, ଠିକ୍ ଭାବେ ନିର୍ଦ୍ଦେଶ ପାଳନ ନକଲେ ବିଏଲ୍‌ଓମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରକ୍ରିୟା ଅବଲମ୍ବନ କରାଯାଉଛି ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଲୋକସଭାରେ ବିରୋଧୀ ଦଳ ନେତା ତଥା ବିରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ନିଜର ପୁରୁଣା ମନ୍ତବ୍ୟକୁ ଦୋହରାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଏସ୍‌ଆଇଆର୍‌କୁ ଭୋଟ ଚୋରିର ଏକ ମାଧ୍ୟମ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି ଯେ, ଗୁଜରାଟରେ ଏସ୍‌ଆଇଆର୍ ଯାହା କିଛି କରାଯାଉଛି, ତାହା କୌଣସି ପ୍ରଶାସନିକ ପ୍ରକ୍ରିୟା ନୁହେଁ। ଏହା ଏକ ସୁନିୟୋଜିତ, ସଂଗଠିତ ଓ ରଣନୈତିକ ଭୋଟ ଚୋରି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ଗୋଟିଏ ନାମରେ ହଜାର ହଜାର ଆପତ୍ତି ଦାଖଲ କରାଯାଇଛି। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ କଂଗ୍ରେସର ସମର୍ଥିତ ବୁଥରୁ ବାଛି ବାଛି ଭୋଟ୍ କଟାଯାଉଛି। ଯେଉଁଠାରେ ବିଜେପି ହାରିବାର ଆଶଙ୍କା ରହିଛି, ସେଠାରେ ଭୋଟରଙ୍କୁ ସମ୍ପୂର୍ଣ୍ଣ ପ୍ରଣାଳୀରୁ ହଟାଇ ଦିଆଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏହା ଦେଖିବାକୁ ମିଳିଛି। ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ଦୋଷାରପ କରିଛନ୍ତି। ନିର୍ବାଚନ କମିସନ ଆଉ ଗଣତନ୍ତ୍ରର ରକ୍ଷକ ହୋଇ ରହିନାହିଁ, ବରଂ ଏହା ଭୋଟ ଚୋରି ଷଡ଼ଯନ୍ତ୍ରରେ ପ୍ରମୁଖ ସହଯୋଗୀ ପାଲଟିଛି ବୋଲି ରାହୁଲ ଗାନ୍ଧୀ କହିଛନ୍ତି।

# ଯୁଦ୍ଧବିରତି ଆଲୋଚନା ମଧ୍ୟରେ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ



କିଭ୍, ୨୪ ।୧(ଏଜେନ୍ସି): ଆମେକରିକାର ମଧ୍ୟସ୍ଥତାରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ରାଜଧାନୀ ଦୋହାରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ନେଇ ଆଲୋଚନା ଚାଲି ଥିବା ବେଳେ ରୁଷିଆ ୟୁକ୍ରେନ ଉପରେ ପୁଣି ଏକ ବଡ଼ଧରଣର ଆକ୍ରମଣ କରିଛି। ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷିଆ ଆକାଶମାର୍ଗରୁ ଶହ ଶହ ସଂଖ୍ୟାରେ ଡ୍ରୋନ ଓ ମିସାଇଲ ଦ୍ୱାରା ଆକ୍ରମଣ କରିଛି। ଏଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ଦ୍ୱିତୀୟ ବୃହତ୍ତମ ସହର ଖାରକିଭ୍‌ରେ ଉପରେ ମଧ୍ୟ ଆକ୍ରମଣ କରିଛି ଓ ଏଥିରେ ୧୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ଫଳରେ ଯୁଦ୍ଧବିରତି ନେଇ ଚାଲିଥିବା ଆଲୋଚନା ବିଫଳ ହେବା ନିଶ୍ଚିତ ମନେ ହେଉଛି। ଦ୍ୱିତୀୟ ଦିନର ଆଲୋଚନା ପୂର୍ବରୁ ହିଁ ଏହି ଆକ୍ରମଣ ହୋଇଛି। ରୁଷିଆର ଆକ୍ରମଣ ପାଇଁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ୟୁକ୍ରେନ ସମାଲୋଚନା କରିଛି। ଶନିବାର ଆଲୋଚନା ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ଶାନ୍ତି ପ୍ରତିଷ୍ଠା ପ୍ରତି ପୁତିନଙ୍କ ସ୍ପୃହା ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି ବୋଲି କୁହାଯାଇଛି। ୨୦୨୨ ଫେବୃଆରୀରୁ ରୁଷିଆ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଥିଲା। ଏହି ଯୁଦ୍ଧକୁ ରୋକିବା ପାଇଁ ଆମେରିକା ଉଭୟ ରୁଷିଆ ଓ ୟୁକ୍ରେନ ଉପରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଚାପ ପକାଇଆସୁଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ସ ବାହାରିପାରିନାହିଁ।

# କଂଗ୍ରେସ ସହ ଅପରେସନ ସିନ୍ଦୂର ନେଇ ଅସହମତି: ଥରୁର

ତିରୁଅନନ୍ତପୁରମ, ୨୪ ।୧(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର ଶନିବାର ପୁଣି ଥରେ ଦଳ ସହ ଥିବା ତାଙ୍କ ସମ୍ପର୍କକୁ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। କଂଗ୍ରେସ ସହ ମୋର କୌଣସି ମତଭେଦ ନାହିଁ। ସଂସଦରେ କଂଗ୍ରେସର କୌଣସି ମତକୁ ବିରୋଧ କରିନାହିଁ। ଏକମାତ୍ର ପ୍ରସଙ୍ଗ ଥିଲା 'ଅପରେସନ ସିନ୍ଦୂର'। ଏହା ଉପରେ ନୀତିଗତ ଭାବେ ଭିନ୍ନ୍ ମତ ରଖିଥିଲି ବୋଲି ସେ କହିଛନ୍ତି। ଥରୁର କହିଛନ୍ତି ଯେ, ଏହି ପ୍ରସଙ୍ଗରେ ଏକ ଦୃଢ଼ ମତାମତ ଦେଇଥିଲି। କିନ୍ତୁ ଏଥିପାଇଁ କ୍ଷମା ମାଗିବି ନାହିଁ। ପହଲଗାମ ଘଟଣା ପରେ, ମୁଁ ନିଜେ ଇଣ୍ଡିଆନ ଏକ୍ସପ୍ରେସରେ ସ୍ତମ୍ଭ ଲେଖିଥିଲି। ସେଥିରେ ମୁଁ କହିବାକୁ ପ୍ରୟାସ କରିଥିଲି ଯେ, ଏପରି ଘଟଣାକୁ ବିନା ଦଣ୍ଡରେ ଛଡ଼ା ଯାଇପାରିବ ନାହିଁ ଓ ଏହାର କଡ଼ା ଜବାବ ଦେବା ନିହାତି ଆବଶ୍ୟକ। ତିରୁଅନନ୍ତପୁରମର ସାଂସଦ ଥିବା ଥରୁର ଶନିବାର କୋଝିକୋଡ଼ରେ କେରଳ ସାହିତ୍ୟ ମହୋତ୍ସୋବ ସମୟରେ ଏହି ମନ୍ତବ୍ୟ ଦେଇଥିଲେ। ଅପରେସନ ସିନ୍ଦୂର ସମ୍ପର୍କରେ ଦୃଢ଼ ମତ ପୋଷଣ କରିଥିଲେ ମଧ୍ୟ ମୋର କୌଣସି ଅନୁତାପ ନାହିଁ। ଭାରତ ବିକାଶ ଉପରେ ଧ୍ୟାନ ଦେବା ଉଚିତ ଓ ପାକିସ୍ତାନ ସହ ଦୀର୍ଘକାଳୀନ ସଂଘର୍ଷରେ ଫସି ରହିବା ଉଚିତ ନୁହେଁ। ଯେଉଁ ପରାମର୍ଶ ଦେଇଥିଲେ ଭାରତ ସରକାର ଠିକ ତାହା କରିଥିଲେ। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତଭେଦ ଥାଇପାରେ, କିନ୍ତୁ ଜାତୀୟ ସ୍ୱାର୍ଥରେ କେବଳ ଭାରତ ଜିତିବା ଉଚିତ। କଂଗ୍ରେସର ଦଳୀୟ ନେତୃତ୍ୱକୁ ଯାହା କହିବାକୁ ଚାହୁଁଥିଲି ତାହା କହିସାରିଛି। ଏହାକୁ ନେଇ ସାର୍ବଜନୀନ ଭାବେ ଆଲୋଚନା କରିବା ମୋ ପାଇଁ ଠିକ୍ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନକୁ ପବିତ୍ର ବୋଲି ବିବେଚନା କରନ୍ତି। ସମ୍ବିଧାନକୁ ବିରୋଧ କରୁଥିବା ଆରଏସ୍‌ଏସ୍ ଭଳି ସଂଗଠନ ଏବେ ଏହାକୁ ଆପଣାଇଛନ୍ତି। ତେଣୁ ସମ୍ବିଧାନ ସମୟର କଷଟି ପଥରରେ ନିଜକୁ ପ୍ରମାଣିତ କରି ଆହୁରି ଦୃଢ଼ ହୋଇପାରିଛି ବୋଲି ଥରୁର କହିଛନ୍ତି।

## ୟୁପିର ୭୪ଟି ଜିଲ୍ଲା ବ୍ଲାକ୍‌ଆଉଟ୍, ଯୁଦ୍ଧ ସାଇରନ, ଡମି ମିସାଇଲ



ଲକ୍ଷ୍ନୌ, ୨୪ ।୧(ଏଜେନ୍ସି): ଉତ୍ତର ପ୍ରଦେଶର ୭୪ଟି ଜିଲ୍ଲାରେ ଶୁକ୍ରବାର ସନ୍ଧ୍ୟାରେ ବ୍ଲାକ୍‌ଆଉଟ୍ ଜାରି କରାଯାଇଥିଲା। ସାଇରନ ବାଜିବା ସହିତ ମକ୍‌ଡ୍ରିଲ୍‌ରେ ଅନ୍ଧାର ଛାଇ ଯାଇଥିଲା। ଗୋରଖପୁରରେ ଏକ ଡମି ମିସାଇଲ ପଡ଼ିଥିବା ବେଳେ, ବିସ୍ଫୋରଣ ଶବ୍ଦ ଶୁଣି ଲୋକମାନେ ଭୂଇଁ ଉପରେ ଶୋଇ ପଡ଼ିଥିଲେ। ବାରାଣସୀରେ ଏକ କୋଠାରେ ଫସି ରହିଥିବା ଜଣେ ମହିଳାଙ୍କୁ ଦଉଡ଼ି ସାହାଯ୍ୟରେ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଅପରେସନ ସିନ୍ଦୂର ସମୟରେ ସମାନ ପ୍ରକାର ମକ୍ ଡ୍ରିଲ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌ ପୁଲିସ ଲାଇନ୍ସରୁ ଏହି ମକ୍ ଡ୍ରିଲର ତଦାରଖ କରିଥିଲେ ଓ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ପ୍ରଶଂସା କରିଥିଲେ। ସୁଭାଷ ବୋଷଙ୍କ ଜନ୍ମ ବାର୍ଷିକୀରେ ଉତ୍ତର ପ୍ରଦେଶରେ ୧୦ ମିନିଟ୍ ପାଇଁ ବ୍ଲାକ ଆଉଟ୍ ଜାରି କରାଯାଇଥିଲା। ଶତ୍ରୁଠାରୁ ସ୍ଥାନ ଲୁଚାଇବା ଓ ଯୁଦ୍ଧ ସମୟରେ ବିମାନ ଆକ୍ରମଣ ଭଳି ପରିସ୍ଥିତିରେ ସୁରକ୍ଷା ପ୍ରସ୍ତୁତ କରିବା ନେଇ ଆୟୋଜନ ହେଉଥିବା ଏହି ପ୍ରକ୍ରିୟାକୁ ମକ୍ ଡ୍ରିଲ କୁହାଯାଇଥାଏ। ଏଥିରେ ସିଭିଲ ଡିଫେନ୍ସ, ଏନ୍‌ଡିଆର୍‌ଏଫ୍, ହୋମଗାର୍ଡ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ମକ୍‌ଡ୍ରିଲ୍‌ରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ପୂର୍ବରୁ ସମସ୍ତ ଜିଲ୍ଲାରେ ଏଥିପାଇଁ ସ୍ଥାନ ଚିହ୍ନଟ କରିଥିଲେ।

## ପ୍ରେକ୍ଷାଳୟରେ ବର୍ଡର-୨ର ଦମ୍‌ଦାର ଆରମ୍ଭ



ନୂଆଦିଲ୍ଲୀ, ୨୪ ।୧(ଏଜେନ୍ସି): ସନ୍ନି ଦେଓଲଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ବର୍ଡର-୨' ଶୁକ୍ରବାର ମୁକ୍ତିଲାଭ କରିବା ମାତ୍ରେ ହିଁ ଦମ୍‌ଦାର ଆରମ୍ଭ କରିଛି। ପାଖାପାଖି ୩୦ ବର୍ଷ ତଳେ ଅର୍ଥାତ ୧୯୯୭ରେ ଜେପି ଦତ୍ତାଙ୍କ ନିର୍ଦ୍ଦେଶନାରେ 'ବର୍ଡର' ଫିଲ୍ମ ମୁକ୍ତିଲାଭ କରି ବେଶ ଆଦୃତ ହେବା ସହ ସୁପର ହିଟ୍ ସାବ୍ୟସ୍ତ ହୋଇଥିଲା। ଲୋକେ ଯୁଦ୍ଧକୁ ନେଇ ନିର୍ମିତ ହୋଇଥିବା ଏହି ସିନେମାକୁ ବହୁତ ପସନ୍ଦ କରିଥିଲେ। ଏବେ ଏହାର ସିକ୍ୱେଲ ବର୍ଡର-୨ ମୁକ୍ତି ଲାଭ କରିଛି। ଏହାକୁ ଲୋକେ ପସନ୍ଦ କରିବେ କି ନା ସେ ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଏହି ଆଶଙ୍କା ଦୂର ହୋଇଛି। ବର୍ଡର-୨ ଭଲ ବ୍ୟବସାୟ ଆରମ୍ଭ କରିଛି। ପ୍ରଥମ ଦିନରେ ହିଁ ଏହି ସିନେମା ୩୨.୧୦ କୋଟି ଟଙ୍କା ଆୟ କରିଛି ବୋଲି ଏହି ସିନେମାର ନିର୍ମାତାମାନେ ପ୍ରେସ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ଏହିଭଳି ବ୍ୟବସାୟ ବଜାୟ ରଖିଲେ ବର୍ଡର-୨ ସୁପର ହିଟ୍ ହେବ ବୋଲି କୁହାଯାଇପାରେ। ଏଥିରେ ସନି ଦେଓଲଙ୍କ ସହ ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ, ଆହାନ ସେଟ୍ଟୀ, ମୋନା ସିଂ, ସୋନମ ବାଜୱା, ଅନ୍ୟା ସିଂ ଓ ମେଧା ରାଣା ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଅନୁରାଗ ସିଂ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



ସାଧାରଣତନ୍ତ୍ର ଦିବସ ପାଇଁ ରାଜଧାନୀର ଗାନ୍ଧୀମାର୍ଗରେ ପରେଡ୍ ଅଭ୍ୟାସ

# ଋଣ କରାଇଦେବାକୁ କହି ୩ କୋଟି ଠକେଇ

କପ୍ତିପଦା, ୨୪ା୧(ସମିସ): ଋଣ କରାଇଦେବା ନାଁରେ ଗ୍ରାମାଞ୍ଚଳ ମହିଳାଙ୍କଠାରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତ ମହିଳାଙ୍କୁ କପ୍ତିପଦା ପୁଲିସ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ, କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅଞ୍ଚଳର ବିନୋଦିନୀ ନାୟକ। ଗିରଫଦାରୀରୁ ବର୍ତ୍ତିବା ପାଇଁ ସେ ବାରମ୍ବାର ସ୍ଥାନ ଓ ମୋବାଇଲ ନମ୍ବର ବଦଳାଇ ଚାଲିଥିଲେ। ତେବେ ସେ ଭୁବନେଶ୍ୱର ହଂସପାଳ ଅଞ୍ଚଳରେ ଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ତାଙ୍କୁ ସେଠାରୁ ଗିରଫ କରିଛି। ତାଙ୍କୁ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି।



ପୁଲିସ୍ ସୂଚନାନୁଯାୟୀ, ବିନୋଦିନୀ ନିଜକୁ ଶ୍ରମ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ସେ ବିଶେଷକରି ଗ୍ରାମାଞ୍ଚଳର ମହିଳାଙ୍କୁ ଟାର୍ଗେଟ୍ କରୁଥିଲେ। କମ୍ ସୁଧରେ ଋଣ କରାଇଦେବାର ପ୍ରତିଶ୍ରୁତି ଦେଇ ସେ ସେମାନଙ୍କୁ ଚୂନ ମାରୁଥିଲେ। ଋଣ ପାଇଁ ସେ ମହିଳାଙ୍କଠାରୁ ଅଗ୍ରିମ ଆକାରରେ କିଛି ଟଙ୍କା ନେବା ପରେ ଆଉ ଧରାଛୁଆଁ ଦେଉନଥିଲେ। ଏମିତି ଉପାୟରେ ସେ କେବଳ କପ୍ତିପଦା ଥାନା ପରାସୀବାଡ଼ି ଅଞ୍ଚଳରୁ ୩୦ଲକ୍ଷରୁ ଊର୍ଦ୍ଧ ଟଙ୍କା ନେଇ ଯାଇଥିଲେ। କିନ୍ତୁ ନା ମହିଳାଙ୍କୁ ଋଣ ଟଙ୍କା ମିଳିଥିଲା ନା ସେମାନେ ବିନୋଦିନୀଙ୍କୁ ଦେଇଥିବା ଟଙ୍କା ଫେରିପାଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସେମାନେ କପ୍ତିପଦା ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ବିନୋଦିନୀ ବାରମ୍ବାର ନିଜର ଠିକଣା ଓ ମୋବାଇଲ୍ ନମ୍ବର ବଦଳାଉଥିବାରୁ ପୁଲିସ୍ ତାଙ୍କର ଟେର୍ ପାଇପାରିନଥିଲା। ତେବେ ବିନୋଦିନୀ ଭୁବନେଶ୍ୱର ହଂସପାଳ ଅଞ୍ଚଳରେ ଆତ୍ମଗୋପନ

## ହଂସପାଳରୁ ମହିଳାଙ୍କୁ ଟେକିନେଲା କପ୍ତିପଦା ପୁଲିସ

କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ପୁଲିସ ସେଠାରେ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ପୁଲିସ ବିନୋଦିନୀଙ୍କ କାରନାମା ଦେଖି ତାଜୁବ୍ ହୋଇଯାଇଥିଲା। ଏପରି ଉପାୟରେ ବିନୋଦିନୀ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣାପଡ଼ିଛି। କପ୍ତିପଦା ସମେତ ଉଦଳା, ଭଂଜପୁର ଏବଂ ଭୁବନେଶ୍ୱରର ଖାରବେଳନଗର ଓ ବାଲିପାଟଣା ଥାନାରେ ତାଙ୍କ ନାଁରେ ଅଭିଯୋଗ ରହିଛି।

### ଗାଁରୁ ସହର ଯାଏଁ ସବୁଠି ରାଜ୍ୟସଭା ନିର୍ବାଚନ ଚର୍ଚ୍ଚା

# କ୍ରସ୍ ଭୋଟିଂକୁ ନେଇ ବଢ଼ିଲାଣି ଆଶଙ୍କା

ଭୁବନେଶ୍ୱର,୨୪ା୧(ସମିସ): ଓଡ଼ିଶାରେ ଆସନ୍ତା ଏପ୍ରିଲ ମାସରେ ୪ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି। ଏହି ୪ଟି ଆସନରେ ସମ୍ଭାବ୍ୟ ପ୍ରାର୍ଥୀତ୍ୱ ଏବଂ କାହା ପାଖକୁ କେତେ ଆସନ ଯିବ, ସେନେଇ ସାଧାରଣରେ ଆଲୋଚନା ଜୋର୍ ଧରିଲାଣି। ଗାଁ ଛକରୁ ରାଜଧାନୀ ଖଟି ଯାଏଁ ରାଜ୍ୟସଭା ନିର୍ବାଚନକୁ ନେଇ ସମସ୍ତେ ନିଜ ନିଜ ସ୍ତରରେ ଅଙ୍କ କଷିବାରେ ଲାଗିଛନ୍ତି। ତେବେ ରାଜ୍ୟସଭା ନିର୍ବାଚତନରେ ଦଳୀୟ ହ୍ୱିପ୍, ହ୍ୱିପ୍ ଅମାନ୍ୟ ଏବଂ ବିଧାୟକ ଭାବେ ସଦସ୍ୟ ପଦକୁ ନେଇ ସାଧାରଣରେ ଭିନ୍ନ ଭିନ୍ନ ମତପ୍ରକାଶ ପାଉଛି। ଏହି ସଂଶୟକୁ ନେଇ ସ୍ୱଷ୍ଟୋକ୍ତି ରଖିଛନ୍ତି ସମ୍ବିଧାନ ବିଶେଷଜ୍ଞ। ରାଜ୍ୟସଭା ନିର୍ବାଚନରେ ଯଦିଓ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଏ, ମାତ୍ର ହ୍ୱିପ୍ ବିରୋଧରେ ଭୋଟ ଦେଲେ ତାହା ନାକଚ ହେବ ନାହିଁ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଯଦି ଜଣେ ବିଧାୟକ ନିଜ ଦଳର ହ୍‌ୱିପ୍ ଅମାନ୍ୟ କରି 'କ୍ରସ-ଭୋଟିଂ' କରନ୍ତି, ତଥାପି ତାଙ୍କ ଭୋଟକୁ ଅବୈଧ ବା ନାକଚ କରାଯାଇପାରିବ ନାହିଁ। ସେହି ଭୋଟ୍ ଗଣତିରେ ସାମିଲ ହେବ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛି। ଅପରପକ୍ଷେ ଦଳୀୟ ନିର୍ଦ୍ଦେଶ ଅମାନ୍ୟ ବିରୋଧରେ ଦଳ ଉକ୍ତ ବିଧାୟକଙ୍କୁ ନିଲମ୍ବନ କିମ୍ବା ବହିଷ୍କାର କରିପାରିବ। ମାତ୍ର ସେମାନଙ୍କ ସଦସ୍ୟତା ରଦ୍ଦ ହେବ ନାହିଁ ବୋଲି ସେମାନେ ସ୍ୱଷ୍ଟ କରିଛନ୍ତି।

- ହ୍ୱିପ୍ ଅମାନ୍ୟ କଲେ ମଧ୍ୟ ନାକଚ ହେବନି ଭୋଟ
- ସଂଶୟ ଦୂର କଲେ ବିଶେଷଜ୍ଞ, ରାଜ୍ୟସଭା ନିର୍ବାଚନ ସ୍ୱତନ୍ତ୍ର ପ୍ରକ୍ରିୟା
- ଅନୁଶାସନ କାର୍ଯ୍ୟାନୁଷ୍ଠାନ ନେଇପାରିବ ଦଳ; ମାତ୍ର ରଦ୍ଦ ହେବନି ସଦସ୍ୟତା

ସେମାନଙ୍କ ଅନୁଯାୟୀ ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧରେ ଭୋଟ୍ ଦେଲେ ସମ୍ବିଧାନର 'ଦଶମ ଅନୁସୂଚୀ' ଅନୁସାରେ ବିଧାୟକ ପଦ ସିଧାସଳଖ ରଦ୍ଦ ହୁଏନାହିଁ। ସେହି ବିଧାୟକ ନିଜ ପଦରେ ରହିପାରିବେ। ତେବେ ହ୍ୱିପ୍ ଅମାନ୍ୟ କରିଥିବା ବିଧାୟକଙ୍କୁ ଦଳ ଚାହିଁଲେ ନିଲମ୍ବିତ କିମ୍ବା ବହିଷ୍କାର କରିପାରିବ। ବହିଷ୍କାର ପରେ ମଧ୍ୟ ସେ ଜଣେ 'ସ୍ୱାଧୀନ' ବା 'ଦଳବିହୀନ' ସଦସ୍ୟ ଭାବେ ବିଧାନସଭାରେ ରହିପାରିବେ। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ସଂଖ୍ୟା ୫୬/ ସିଏ-ଆଇ/୨୦୧୭ରେ ଏଥିରେ ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିଛି। ତେବେ ଏହି ନିୟମ ଅନୁଯାୟୀ ବିଧାୟକମାନେ ନିଜ ଦଳର ଏଜେଣ୍ଟଙ୍କୁ ବାଲଟ୍ ପେପର ଦେଖାଇବାକୁ ବାଧ୍ୟ। ଯଦି ସେ ଏଜେଣ୍ଟଙ୍କୁ ବାଲଟ୍ ନଦେଖାନ୍ତି, ତେବେ ଭୋଟ୍ ନାକଚ ହେବାର ବ୍ୟବସ୍ଥା ମଧ୍ୟ ରହିଛି। ଏନେଇ ୨୦୦୬ ମସିହାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ। କୁଲଦୀପ ନାୟାର ବନାମ ଭାରତ ସରକାର (୨୦୦୬) ମାମଲାରେ ସୁପ୍ରିମକୋର୍ଟ ସ୍ୱଷ୍ଟ କରିଥିଲେ ଯେ ରାଜ୍ୟସଭା ନିର୍ବାଚନରେ 'ଖୋଲା ବାଲଟ୍' ବ୍ୟବସ୍ଥା ରହିଛି। ଜଣେ ବିଧାୟକ କାହାକୁ ଭୋଟ୍ ଦେଉଛନ୍ତି, ତାହା ତାଙ୍କ ଦଳର ଅଧିକୃତ ଏଜେଣ୍ଟଙ୍କୁ ଦେଖାଇବା ବାଧ୍ୟତାମୂଳକ। ଯଦି ଜଣେ ବିଧାୟକ ଦଳର ନିର୍ଦ୍ଦେଶ ବିରୋଧରେ ଭୋଟ୍ ଦିଅନ୍ତି, ତେବେ ତାହା ଦଳ ପ୍ରତି ବିଶ୍ୱାସଘାତକତା ଭାବେ ଗଣାଯିବ ଏବଂ ଦଳ ତାଙ୍କ ବିରୋଧରେ ଅନୁଶାସନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଅପରପକ୍ଷେ ରବି ଏସ୍. ନାଏକ ବନାମ ୟୁନିୟନ ଅଫ୍ ଇଣ୍ଡିଆ ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଜଣେ ସଦସ୍ୟ ଦଳର ହ୍ୱିପ୍ ଅମାନ୍ୟ କରନ୍ତି, ତେବେ ଏହାକୁ 'ସ୍ୱେଚ୍ଛାକୃତ ଭାବେ ଦଳର ସଦସ୍ୟତା ତ୍ୟାଗ କରିବା' ବୋଲି ଧରାଯାଇପାରେ।

ତେବେ ଆଗକୁ ରାଜ୍ୟର ୪ଟି ଆସନ ଖାଲି ହେବାକୁଥିବାବେଳେ ଏବେଠାରୁ ହ୍ୱିପ୍ ଅମାନ୍ୟ ଏବଂ କ୍ରସ୍ ଭୋଟିଂକୁ ନେଇ ଆଶଙ୍କା ଦେଖାଦେଲାଣି। ଅପରପକ୍ଷେ ସଦ୍ୟ ବିଜେଡିରୁ ନିଲମ୍ବନ ହୋଇଥିବା ୨ ବିଧାୟକ କାହାକୁ ଭୋଟ୍ ଦେଉଛନ୍ତି, ତାହାକୁ ନେଇ ମଧ୍ୟ ସାଧାରଣର ନଜର ରହିଛି।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ,୨୪ା୧(ସମିସ): ବିଷମକଟକ ଥାନା ଚାଟିକୋଣା ମାଳିସାହିରେ ସଂଘଟିତ ଏକ ହତ୍ୟା ମାମଲାର ଶୁଣାଣି କରି ବିଷମ କଟକ ଅତିରିକ୍ତ ଜିଲ୍ଲାଜଜ୍ ଶନିବାର ଅଭିଯୁକ୍ତ ଲକିନାଥ ପ୍ରାସ୍କାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଆଉ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।



ଗତ ୨୦୨୪ ମସିହା ଅକ୍ଟୋବର ୧ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲକିରାମ ଉକ୍ତ ରାତିରେ ଘାସିରାମ ଜିଲ୍ଲାକାରାଙ୍କୁ ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ଲକିରାମକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାର ଦେଢ଼ବର୍ଷ ପରେ ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତି କରି ଆଜି ବିଷମକଟକ ଅତିରିକ୍ତ ଜିଲ୍ଲା ଜଜ୍ ତାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ଏହି ମାମଲା ପରିଚାଳନା କରୁଥିଲେ।

### ଅଢ଼େଇ ମାସ ବିତିଲା

# ପ୍ରକାଶ ପାଉନି ଆର୍ଆଇ, ଅମିନ ପରୀକ୍ଷା ଫଳ

ଭୁବନେଶ୍ୱର, ୨୪ା୧(ସମିସ): ପ୍ରାୟ ଅଢ଼େଇ ମାସ ହେଲା ଆର୍ଆଇ, ଏଆର୍ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ଆଦି ପଦରେ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଶେଷ ହେଲାଣି। ଏହାରି ମଧ୍ୟରେ ଏସବୁ ପଦରେ ନିଯୁକ୍ତି ପାଇଁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଲାଣି। ମାତ୍ର ଫଳ ପ୍ରକାଶ କରିବାରେ ଅସମର୍ଥ ହୋଇଛି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ବା ଓଏସ୍ଏସ୍ଏସ୍ସି। କେବେ ସୁଦ୍ଧା ଫଳ ପ୍ରକାଶ ପାଇବ ଓ ମୁଖ୍ୟ ପରୀକ୍ଷା ହୋଇ ନିଯୁକ୍ତି ଦିଆଯିବ ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।

**ବିଳମ୍ବିତ ପ୍ରକ୍ରିୟା ପାଇଁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ**

ସୂଚନା ଅନୁଯାୟୀ, ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିବା ପରେ ଅକ୍ଟୋବର ୮ ତାରିଖରୁ ସାରା ରାଜ୍ୟରେ ପୁନଃ ପ୍ରିଲିମିନାରୀ ପରୀକ୍ଷା ହୋଇ ନଭେମ୍ବର ୧୩ ତାରିଖରେ ଶେଷ ହୋଇଛି। ଓଏସ୍ଏସ୍ଏସ୍ସି ପକ୍ଷରୁ ପ୍ରାଥମିକ 'ଆନ୍ସାର୍ କୀ' ପ୍ରକାଶ ପାଇଥିଲେ ମଧ୍ୟ ଚୂଡ଼ାନ୍ତ 'ଆନ୍ସାର୍ କୀ' ପ୍ରକାଶ ପାଇନାହିଁ। ପରୀକ୍ଷା ସରିବାକୁ ପ୍ରାୟ ଅଢ଼େଇ ମାସ ବିତିଥିଲେ ମଧ୍ୟ ଚୂଡ଼ାନ୍ତ ଆନ୍ସାର୍ କି ଏବଂ ମେଧା ତାଲିକା କେବେ ପ୍ରକାଶ ପାଇବ, ସେନେଇ ଓଏସ୍ଏସ୍ଏସ୍ସି ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ।

ଅପରପକ୍ଷରେ ନିଯୁକ୍ତି ପ୍ରକ୍ରିୟାକୁ ନିର୍ଭୁଲ୍ ଓ ତ୍ୱରାନ୍ୱିତ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇଛି। ହେଲେ କେଉଁ କାରଣରୁ ଫଳ ପ୍ରକାଶନରେ ବ୍ୟାପକ ବିଳମ୍ବ ହେଉଛି, ସେନେଇ ଅଧିକାରୀମାନେ ମଧ୍ୟ ମୁହଁ ଖୋଲୁ ନାହାନ୍ତି। ଏହି ପରୀକ୍ଷା ପାଇଁ ୨୦୨୩ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିକୁ ୨ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତ୍ୱରିତ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ତୁରନ୍ତ ଚୂଡ଼ାନ୍ତ ଆନସାର୍ ପ୍ରକାଶ କରିବା ସହ ମେଧା ତାଲିକା ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

### ବାଂଲାଦେଶୀ ସନ୍ଦେହ

# ପ.ବଙ୍ଗ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼

ବାଲେଶ୍ୱର(ଉତ୍ତର),୨୪ା୧(ସମିସ): ବାଂଲାଦେଶୀ ସନ୍ଦେହରେ ପଶ୍ଚିମବଙ୍ଗର ଜଣେ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଚନ୍ଦନେଶ୍ୱର ଅଞ୍ଚଳରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାଜିତପୁର ମହାନ୍ତି ଛକଠାରେ ଏହି ଅଘଟଣ ଘଟିଛି। ଯୁବକଜଣଙ୍କ ଜୀବନ ବିକଳରେ ବାରମ୍ବାର କାକୁତିମିନତି ହୋଇଥିଲେ ହେଁ କେହି ତାଙ୍କ କଥା ଶୁଣିନଥିଲେ। ଆକ୍ରମଣରେ ଯୁବକଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ସୂଚନାନୁଯାୟୀ, ଯୁବକଜଣଙ୍କ ଆଜି କୌଣସି କାମରେ ଚନ୍ଦନେଶ୍ୱର ଅଞ୍ଚଳକୁ ଆସିଥିଲେ। ସେ ବଙ୍ଗଳାରେ କଥାବର୍ତ୍ତା କରୁଥିବାରୁ ସ୍ଥାନୀୟ କିଛି ଲୋକ ତାଙ୍କ ଉପରେ ସନ୍ଦେହ କରିଥିଲେ। ପରେ ସେମାନେ ଏକାଠି ହୋଇ ଯୁବକଙ୍କୁ ପଚରାଉଚରା କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଯୁବକମାନେ ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇ ନିସ୍ତୁକ ପିଟି ଚାଲିଥିଲେ। ଯୁବକଜଣଙ୍କ ଯେତେ କାକୁତିମିନତି ହୋଇଥିଲେ ହେଁ ସେମାନେ କିଛି ଶୁଣିନଥିଲେ। ନିର୍ଘାତ ମାଡ଼ ମାରି ଚାଲିଥିଲେ। ତେବେ ଯୁବକଜଣଙ୍କ ଗୁରୁତର ହୋଇପଡ଼ିବା ପରେ ସେମାନେ ତାଙ୍କୁ ଛାଡ଼ି ପଳାଇଥିଲେ। ଏହି ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ତୀବ୍ର ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି ଯେ ପଶ୍ଚିମବଙ୍ଗର ଉକ୍ତ ଯୁବକକୁ ଯଦି ବାଂଲାଦେଶୀ ବୋଲି ସ୍ଥାନୀୟ ଯୁବକମାନଙ୍କ ସନ୍ଦେହ ହେଲା, ତେବେ ନିକଟସ୍ଥ ମେରାଇନ ଥାନା କିମ୍ବା ଚନ୍ଦନେଶ୍ୱର ଫାଣ୍ଡିର ପୁଲିସକୁ ଡାକି ତାର ପ୍ରକୃତ ପରିଚୟ ପରୀକ୍ଷା କରାଯାଇପାରିଥା'ନ୍ତା। ମାତ୍ର ତାହା ନ କରି ଆଇନ ନିଜ ହାତକୁ ନେଇ ଏଭଳି ନୃଶଂସ ଭାବେ ମାଡ଼ ମରାଯିବା ଦୁଇ ରାଜ୍ୟ (ଓଡ଼ିଶା-ପଶ୍ଚିମବଙ୍ଗ) ସଂପର୍କକୁ ତିକ୍ତ କରିବ। ଆଗକୁ ଏହା ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ହିଂସାକୁ ପ୍ରୋତ୍ସାହିତ କରିପାରେ ବୋଲି ସେମାନେ ଚିନ୍ତା ପ୍ରକଟ କରିଛନ୍ତି।

# ନୂଆ ବଜେଟ ପାଇଁ ପାଗ ଭିଡ଼ୁଛନ୍ତି ସରକାର

ଭୁବନେଶ୍ୱର,୨୪ା୧(ସମିସ): ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ଏହିକ୍ରମରେ ଆସନ୍ତା ୨୧ ତାରିଖ ଯାଏଁ ଅର୍ଥ ବିଭାଗ ସାଧାରଣ ଲୋକ ତଥା ନାଗରିକ ସମାଜ ଓ ବିଶେଷଜ୍ଞଙ୍କଠାରୁ ମତାମତ ଲୋଡ଼ିଛି। ତେବେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଅର୍ଥ ବିଭାଗ ଅଣ୍ଟା ଭିଡୁଥିବା ବେଳେ ଚଳିତ ବର୍ଷର ବଜେଟ ଖର୍ଚ୍ଚ କିନ୍ତୁ ଆଖିଦୃଶିଆ ହୋଇପାରି ନାହିଁ। କେବଳ ସାମଗ୍ରିକ ବଜେଟ ଅର୍ଥ ବ୍ୟୟ ନୁହେଁ, ପୁଞ୍ଜି ବ୍ୟୟ ମଧ୍ୟ ଗତବର୍ଷ ତୁଳନାରେ ୧୫ ପ୍ରତିଶତ କମ୍ ହୋଇଥିବା ଜଣାପଡ଼ିଛି। ତୃଣମୂଳସ୍ତରରେ ଉନ୍ନୟନ ମୂଳକ କାମ୍ ସଠିକ୍ ଢଙ୍ଗରେ କାର୍ଯ୍ୟାନ୍ୱୟନ ନହେବା, ବିଳମ୍ବରେ ଅନୁମୋଦନ ଲାଭ କରିବା ଏହାର ପ୍ରମୁଖ କାରଣ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟ ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୪୯ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୪୨ ହଜାର ୨୨୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ସମାନ ଅବଧି ସମୟରେ ରାଜ୍ୟ ସରକାର ମୋଟ ବଜେଟର ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିଲେ। ମୋଟ ବଜେଟ ବ୍ୟୟ ସାଙ୍ଗକୁ ପୁଞ୍ଜି ବ୍ୟୟ ହ୍ରାସ ସରକାରଙ୍କ ଆର୍ଥିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଗତ ଡିସେମ୍ବର ଶେଷ ସୁଦ୍ଧା ବଜେଟ ଅର୍ଥର ୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ରାଜୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏ କ୍ଷେତ୍ରରେ ସରକାର ପ୍ରାୟ ୧୧ ପ୍ରତିଶତ ପଛରେ ରହିଛନ୍ତି। ତେବେ ରାଜ୍ୟ ସରକାର କାର୍ଯ୍ୟକ୍ରମ ବ୍ୟୟ କ୍ଷେତ୍ରରେ ବିଗତ ଆର୍ଥିକ ବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି। ଗତ ଆର୍ଥିକ ବର୍ଷ ଡିସେମ୍ବରରେ ୪୪ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଚଳିତ ବର୍ଷ ୪୬ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ତେବେ ପୁଞ୍ଜି ବ୍ୟୟ ହ୍ରାସ ସରକାରଙ୍କ ପାଇଁ ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ପୁଞ୍ଜି ବ୍ୟୟ ମାତ୍ର ୨୨୮୩୫ କୋଟି ଟଙ୍କା ହୋଇଛି। ଯାହା ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସଡିପି)ର ମାତ୍ର ୨.୯ ପ୍ରତିଶତ ଅଟେ। ସୂଚନାଯୋଗ୍ୟ ଯେ ପୁଞ୍ଜି ବ୍ୟୟକୁ ଜିଏସଡିପିର ୬.୧ ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହା ସରକାରଙ୍କ ପାଇଁ ନିଶ୍ଚିତ ଭାବରେ ଚିନ୍ତାର ବିଷୟ ହୋଇଥିବା ବେଳେ ସରକାର ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଖର୍ଚ୍ଚ କରୁଥିବା ପ୍ରମୁଖ ବିଭାଗ ଯଥା ପଞ୍ଚାୟତିରାଜ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଖଣି ଓ ଇସ୍ପାତ, ଶିଳ୍ପ, କୃଷି, ସମବାୟ ପରି ବିଭାଗ ଗୁଡ଼ିକ ଅଧିକ ବଜେଟ ଅର୍ଥ ଖର୍ଚ୍ଚ ଉପରେ ଦ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

- ଚଳିତ ବର୍ଷର ଆର୍ଥିକ ପରିଚାଳନା ଚିନ୍ତାଜନକ କହିଲେ ବିଶେଷଜ୍ଞ
- ଡିସେମ୍ବର ଶେଷ ସୁଦ୍ଧା ପୁଞ୍ଜି ବ୍ୟୟ ହ୍ରାସ, ଗତବର୍ଷ ତୁଳନାରେ ୧୫ % କମ୍
- ଡିସେମ୍ବର ସୁଦ୍ଧା ୬୦ ପ୍ରତିଶତ ମୋଟ ବଜେଟ ଖର୍ଚ୍ଚ ଲକ୍ଷ୍ୟପ୍ରାପ୍ତି ନୋହିଲା
- ତୃଣମୂଳସ୍ତରରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବିଳମ୍ବକୁ ଦାୟୀ କଲେ ବିଶେଷଜ୍ଞ



## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ମଙ୍ଗଳପୁର, ୨୪।୧(ସମିସ):** ବରିଷ୍ଠ ସମାଜସେବୀ ଲକ୍ଷ୍ମୀଧର ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଦଶରଥପୁର ବ୍ଲକ ଦୁହୁରାଅନ୍ତା ପଞ୍ଚାୟତ ଆଖୁଆସାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ କୁଳମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅହିୟାସ ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ପାତ୍ର, ଶିକ୍ଷକ ନେତା ନିରଞ୍ଜନ ବିଶ୍ୱାଳ, ସାଧୁଗୌରେଶ୍ୱର ମହାବିଦ୍ୟାଳୟ ପୂର୍ବତନ ପ୍ରାଧ୍ୟାପକ ଡ. ବିଜୟ କୁମାର ସାମଲ, ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ଦିଗମ୍ବର ସାହୁ, ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅନନ୍ତ କିଶୋର ଶତପଥୀ, ମଠସାହି ଉପ୍ରା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଭୂୟାଁ, ମହତାବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ବଂଶୀଧର ଦାସ, ସମାଜସେବୀ ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ଲକ୍ଷ୍ମୀଧର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

### ଦୁବକଣ ବିଦ୍ୟାଳୟରେ ଶିକ୍ଷକ ବଦଳି ବିବାଦ

# ବଦଳି ବାତିଲ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



**ମଙ୍ଗଳପୁର/କୟାଁଗୋଲା, ୨୪।୧(ସମିସ)**

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଶନିବାର ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନ ଶିକ୍ଷକଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସୂଚନା ମୁତାବକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଅଚାନକ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରାଯିବା ପ୍ରତିବାଦ ଓ ବଦଳି ବାତିଲ ଦାବି କରି ଏହି ଧାରଣା ଦିଆଯାଇଥିଲା। ପରୀକ୍ଷାକୁ ଆଉ ମାତ୍ର ଦୁଇ ମାସ ବାକି ଥିବାବେଳେ ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରିବାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ବଦଳି ବାତିଲ କରାନଗଲେ ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଅଭିଭାବକ ମାନେ ସ୍ଲୋଗାନ ଦେଇଥିଲେ। ଘଟଣାର ଖବର ପାଇଁ ସିଆରସିସି ପ୍ରିୟରଞ୍ଜନ ଦାଶ ବିଦ୍ୟାଳୟ ନିକଟରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରିଥିଲେ ମଧ ଆନ୍ଦୋଳନ କାରି ମାନେ ଆନ୍ଦୋଳନରୁ ଓହରି ନଥିଲା। ଏହାପରେ ସିଆର୍‌ସିସି ବିଇଓ ଶାନ୍ତନୁ କୁମାର ମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ବିଇଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କ ବଦଳି ବାତିଲ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ କାରି ମାନଙ୍କ ସମସ୍ୟା ବୁଝି ବଦଳି ବାତିଲ ପାଇଁ ପ୍ରତିଶ୍ରୁତି ଦେବା ପରେ ବିଇଓ ଶାନ୍ତନୁ କୁମାର ମଲ୍ଲିକ ଓ ସିଆରସିସି ପ୍ରିୟରଞ୍ଜନ ଦାଶଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ସଭ୍ୟ ପ୍ରଭାତ କୁମାର ନାୟକ, ସଭ୍ୟା ରଶ୍ମିତା ସାହୁ, ମିନତି ଯେନା ଓ ଅଭିଭାବିକା ମାମିନା ଯେନାଙ୍କ ସମେତ କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନେ କୃତଜ୍ଞତା ଜଣେଇଛନ୍ତି।

## ଅରିଲୋରେ ସରସ୍ୱତୀ ପୂଜା

**ସିଂହପୁର, ୨୪।୧(ସମିସ):** ଅରିଲୋ ଗ୍ରାମରେ ସରସ୍ୱତୀ ପୂଜା ସମାରୋହରେ ପାଳନ କରାଯାଉଛି। ସରସ୍ୱତୀ ପୂଜା କମିଟି ପକ୍ଷରୁ ୧୯୮୬ ମସିହାରୁ ଦୀର୍ଘ ୪୦ ବର୍ଷ ହେଲା ପୂଜା ରିତିନୀତିରେ ପାଳନ କରାଯାଉଛି। ଶୁକ୍ରବାର ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ବ୍ୟକ୍ତି ସମାଗମ ହୋଇଥିଲେ। କାର୍ଯ୍ୟକ୍ରମକୁ ପୂଜା କମିଟିର ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ରବୀନ୍ଦ୍ର ନାରାୟଣ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା



**ବଡ଼ଚଣା, ୨୪।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଖେଳପଡ଼ିଆରେ ସ୍ପୋର୍ଟସ ଆଣ୍ଡ କଲଚରାଲ ଆସୋସିଏସନ୍ ଧାନମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ୧୧ତମ ଗୁରୁ ରବୀନ୍ଦ୍ର ନାରାୟଣ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଆଇଆରସି ଭୁବନେଶ୍ୱର ନିର୍ଦ୍ଧାରିତ ୨୦ଓଭରରେ ୨୬୮ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ଖୋଷଲିପୁର ଗୁଆଲିଆ ୨୪୪ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଖେଳକୁ ସତ୍ୟରଞ୍ଜନ ସାମଲ ଓ ଶିବ ପ୍ରସାଦ ନାୟକ ପରିଚାଳନା କରିଥିଲେ। ଏହି ଖେଳକୁ ଉଦ୍‌ଘାଟନ କରିଥିଲେ ରଶ୍ମିରଞ୍ଜନ ଦାସ। ଅନ୍ୟମାନଙ୍କ ମଧ୍ୟରେ ଧାନମଣ୍ଡଳ ସ୍ପୋର୍ଟସ ଆଣ୍ଡ କଲଚରାଲ୍ ଆସୋସିଏସନ୍‌ର ସଭାପତି ବିଭାଶ ଚନ୍ଦ୍ର ନନ୍ଦ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ନାୟକ, ଦୀପକ କୁମାର ମିଶ୍ର, ଧାନମଣ୍ଡଳ ଗ୍ରାମପଞ୍ଚାୟତ ସରପଞ୍ଚ ନବଦୀପ ନାୟକ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମହାନ୍ତି, ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲିର ଖେଳ ଗୋଲ୍ଡେନ୍ ଷ୍ଟାର୍ ଧାନମଣ୍ଡଳ ଓ ଡାଇମଣ୍ଡ ପେସ୍ ବଡ଼ଗୁମୁରି ମଧ୍ୟରେ ହେବ ବୋଲି ଆୟୋଜକଙ୍କ ଠାରୁ ଜଣାପଡ଼ିଛି।

## ସ୍ୱଜଳଧାରା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ମଙ୍ଗଳପୁର, ୨୪।୧(ସମିସ):** ଦଶରଥପୁର ବ୍ଲକର ଥାଲକୁଡ଼ି ପଞ୍ଚାୟତରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେ ଦକ୍ଷିଣବନ୍ଧ ଗ୍ରାମର ବିଜୁଳିପଡ଼ା, ଥାଲକୁଡ଼ି ଗ୍ରାମର କଣ୍ଡରା ବସ୍ତି ଓ ଧନପୁର ଗ୍ରାମରେ ଆଗକୁ ଖରା ଦିନ ଆସୁଥିବାରୁ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଜି ସ୍ୱଜଳଧାରା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଞ୍ଚାୟତରେ ପ୍ରାୟ ୫ଶହ ପରିବାର ଉପକୃତ ହୋଇପାରିବେ ବୋଲି ଥାଲକୁଡ଼ି ପଞ୍ଚାୟତ ବିଜେଡି ସଭାପତି ବିଜୟ କୁମାର ପାତ୍ର କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଥାଲକୁଡ଼ି ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ସେଠୀ, ସମିତିସଭ୍ୟା ଅର୍ଚ୍ଚନା ଦାସ, ଯୁବ ନେତା ଦୀପକ କୁମାର ବାରିକ, ସୌମ୍ୟ ରଞ୍ଜନ ମଲ୍ଲିକ, ଆମ୍ବ ଅଧକ୍ଷ ଅନନ୍ତ ପାଣ୍ଡବ, ଜାଫରପୁର ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିଆ, ବିରିପଟ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ନାୟକ, ନନ୍ଦନ ପୃଷ୍ଟି, ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ଦାସ, ସମାଜସେବୀ ପ୍ରମୋଦ କୁମାର ଦାସ, ଭରତ ମଲ୍ଲିକ, ହିମାଂଶୁ ନାୟକଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ବିବି କଲେଜ୍ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର



**ବଡ଼ଚଣା, ୨୪।୧(ସମିସ):** ଚଣ୍ଡିଖୋଲସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ପୋଷଣୀୟ ବିକାଶ ପାଇଁ ଶିକ୍ଷା: ଅସ୍ତିତ୍ୱ ପାଇଁ ଶିକ୍ଷା ଶୀର୍ଷକ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ମୁଖ୍ୟ ଅଧ୍ୟାପକ ମଥୁରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ତଥା ବିଷୟ ବିଶେଷଜ୍ଞ ଶିକ୍ଷା ବିଶେଷଜ୍ଞ କୁଳମଣି ସାହୁ ଧାରଣୀୟ ବିକାଶ ପାଇଁ ଶିକ୍ଷା ଲୋକମାନଙ୍କୁ ପରିବେଶ, ଅର୍ଥନୀତି ଏବଂ ସମାଜ ପାଇଁ ଉତ୍ତମ ଉପାୟରେ ବଞ୍ଚିବା ପାଇଁ ଜ୍ଞାନ, କୌଶଳ, ମୂଲ୍ୟବୋଧ ମନୋଭାବ ଏବଂ ଆଚରଣ ସହିତ ସଶକ୍ତ କରିଥାଏ। ପ୍ରାକୃତିକ ସମ୍ପଦର ସଂରକ୍ଷଣ, ପ୍ରଦୁଷଣ ମୁକ୍ତ ପରିବେଶ, ପ୍ଲାଷ୍ଟିକ ଦ୍ରବ୍ୟର ପୁନଃଚକ୍ରଣ ସହିତ ଏକ ସୁସ୍ଥ ପରିବେଶରେ ରେ ଜୀବନ ଅତିବାହିତ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ମନୋଜ କୁମାର ସ୍ୱାଇଁ ଆଲୋଚନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଡ. ଦିଲ୍ଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମଧୁସ୍ମିତା ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ କାଳନ୍ଦୀ ମଲିକ, ଅଧ୍ୟାପିକା ରୁକ୍ମିଣୀ ପ୍ରଧାନ, ସରିତା ସ୍ୱାଇଁ, ମାନସୀ ମହାନ୍ତି, ସହଯୋଗ କରିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପାଣିକୋଇଲି ଥାନାଧିକାରୀଙ୍କ ସହାୟତା

**ପାଣିକୋଇଲି, ୨୪।୧(ସମିସ):** ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ପାଟ୍ରୋଲିଂ କରୁଥିବା ବେଳେ ହଠାତ ତାଙ୍କ ନଜର ପଡ଼ିଥିଲା ତିନି ଜଣ ଦୃଷ୍ଟିହୀନ ଲୋକଙ୍କ ଉପରେ। ଢେଙ୍କାନାଳ ଅଞ୍ଚଳର ତିନିଜଣ ଦୃଷ୍ଟିହୀନ ରାମ ବାଡି ମୁଣ୍ଡା, କୋଇଲି ସାହୁ ଓ ବିଶିକେଶନ ନଦିଆ ବାଡି ଧରାଧରି ହେଶଇ ପାଣିକୋଇଲି ଅଞ୍ଚଳରେ ଦେକାନ ଦୋକାନ ବୁଲି ମାଗୁଥିଲେ। ଏହି ଦୃଶ୍ୟ ଦେଖି ଥାନାଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଥିଲେ। ସେମାନଙ୍କୁ ନୂତନ ବସ୍ତ୍ର, ସହ ଆର୍ଥିକ ସହାୟତା ଦେଇ ସେମାନଙ୍କୁ ଗାଡ଼ିରେ ନେଇ ହୋଟେଲରେ ଖାଦ୍ୟ ଖୁଆଇ ଛାଡ଼ିଥିଲେ।

## ସୁକିନ୍ଦା ହତ୍ୟାକାଣ୍ଡ ଘଟଣାର ଅଭିଯୁକ୍ତ ଗିରଫ

**ସୁକିନ୍ଦା, ୨୪।୧(ସମିସ):** ସୁକିନ୍ଦା ଅଞ୍ଚଳରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ମୃତ ବ୍ୟକ୍ତି ଏହି ଥାନା ଅନ୍ତର୍ଗତ ଲେମ୍ବୁ ପଞ୍ଚାୟତ ଅଧୀନ ମାଟିଗାଡ଼ିଆ ଗ୍ରାମ ଦଶରଥ ବେହେରା(୫୩)। ଗତ ଗୁରୁବାର ସକାଳୁ ମାଟିଗାଡ଼ିଆ ଗାଁ ଛକ ନିକଟରେ ଦଶରଥଙ୍କ ମୃତଦେହ ବିଭତ୍ସ ଅବସ୍ଥାରେ ପଡ଼ିଥିବା ଗାଁ ଲୋକେ ଦେଖି ସୁକିନ୍ଦା ପୋଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏ ସଂକ୍ରାନ୍ତରେ ୧୬/୨୦୨୬ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ସୂଚନା ଥାଉ କି ଗତ କିଛିଦିନ ପୂର୍ବରୁ ଦଶରଥଙ୍କ ପତ୍ନୀଙ୍କର ଦେହାନ୍ତ ହୋଇଛି। ତାଙ୍କର ଦୁଇ ପୁଅ। ଦଶରଥ ଓ ବଡ଼ପୁଅ ଗ୍ରାମ ପାଖ ବାଲିଆ ଗ୍ରାମରେ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସାନପୁଅ କେନ୍ଦୁଝରରେ ଏକ ଘରୋଇ କମ୍ପାନୀରେ କାମକରେ। ସବୁଦିନ ପରି ଗତ ବୁଧବାର ରାତିରେ ପୁଅ ଅଶୋକ ଦୋକାନରେ ସୋଇଥିଲା। ଦଶରଥ ଘରେ ଏକା ସୋଇଥିବା ଅବସ୍ଥାରେ କେହି ଦୁର୍ବୃତ୍ତ ତାଙ୍କୁ ଘରୁ ଟେକିନେଇ ଧାରୁଆ ଅସ୍ତ୍ରରେ ବେକକାଟି ହତ୍ୟାକରି ଫିଙ୍ଗିଥିଲା। ମୃତ ଦଶରଥଙ୍କ ଘର ନିକଟରେ ରହୁଥିବା ବନ୍ଧଗାଁର ସୁରେନ୍ଦ୍ର ବେହେରାଙ୍କ ପୁଅ ଶାନ୍ତନୁ ବେହେରା(୪୫) ପ୍ରତି ପୁଲିସ ସନ୍ଦେହ ସୃଷ୍ଟି ହୋଇଥିଲା। ଗତ ୨୦୨୨ମସିହାରେ ଅଭିଯୁକ୍ତ ଶାନ୍ତନୁ ମଣିଆ ବାବର ନାମକ ଜଣେ ବାବାଙ୍କ ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇ ଜେଲ ଯିବାପରେ ଜାମିନରେ ଆସି ଭଉଣୀ ଘରେ ରହୁଥିବା ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରିବା ପରେ ଗତ ଶୁକ୍ରବାର କେନ୍ଦୁଝର ଜିଲ୍ଲା ବାମ୍ବାରି ଥାନା ଅଞ୍ଚଳରୁ ସାନ୍ତାନୁକୁ ଗିରଫ କରିଥିଲା। ଶନିବାର ପୁଲିସ ଅଭିଯୁକ୍ତକୁ ନେଇ ଘଟଣା ସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀ ଜବତ କରିବା ପରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣା ରାତିରେ ଅଭିଯୁକ୍ତ ଶାନ୍ତନୁ ଓ ଦଶରଥ ମିଶି ମଦ୍ୟପାନ କରିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ସେଥିରେ ଉତ୍‌କ୍ଷିପ୍ତ ହୋଇ ଏଭଳି ଘଟଣା ଘଟିଥିବା ଶାନ୍ତନୁ ପୁଲିସ ନିକଟରେ କହିଥିବା ଜଣାପଡ଼ିଛି।

## ସୁକିନ୍ଦାରେ ହିନ୍ଦୁ ସମ୍ମିଳନୀ

**ସୁକିନ୍ଦା, ୨୪।୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ପୂର୍ତ୍ତି ଅବସରରେ ସୁକିନ୍ଦାରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନ ହେଉଥିବା ବେଳେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଙ୍କିଆ ସ୍ଥିତ ରାମ ମନ୍ଦିର ପରିସରରେ ସୁକିନ୍ଦା - ହରିପୁର ମଣ୍ଡଳ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି। ଶୁକ୍ରବାର ସକାଳୁ ସ୍ଥାନୀୟ ଅଞ୍ଚଳର ଏକ ହଜାର ଆଠ ମହିଳା ବ୍ରାହ୍ମଣୀ ନଦୀର ରେଙ୍ଗାଲି ଶାଖା କେନାଲ ନିକଟରେ ପୂଜାର୍ଚ୍ଚନା ପରେ କଳସୀରେ ଜଳ ନେଇ ବିରାଟ ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପହଞ୍ଚିଥିଲେ। ରାମ ମନ୍ଦିରରେ କଳସ ସ୍ଥାପନ ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ସେଠାରେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ଅବସରରେ କଳାକାର ଓ କୁନି କୁନି ପିଲାମାନଙ୍କ ଦ୍ୱାରା ମଞ୍ଚରେ ସୁନ୍ଦର ସାଂସ୍କୃତିକ କଳା ପ୍ରଦର୍ଶନ କରାଯାଇଥିଲା, ଯାହା ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପ୍ରଥମ ଦିନରେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ଦୁଇ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପାଦନ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାଧୁ ସନ୍ଥ ଏଥିରେ ଯୋଗ ଦେଇଥିବା ବେଳେ ଆସନ୍ତା କାଲି ପାଞ୍ଚ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେବାର ଆଶା କରାଯାଉଥିବାରୁ ସୁକିନ୍ଦା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ସରକାରୀ ଜମିରୁ ମାଟି ଉଠାଣକୁ ବିରୋଧ



**ଯାଜପୁର, ୨୪।୧(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର୍ ଜାତୀୟ ରାଜପଥର ଗଜି ପାଢ଼ୀ ଛକରେ କବିରପୁର ମୌଜାର ୫୧ ନମ୍ବର୍ ପ୍ଲଟ୍‌ରୁ ବେଆଇନ ମାଟି ଉଠାଣକୁ କେନ୍ଦ୍ର କରି ଅସନ୍ତୋଷ ଦେଖାଦେଇଛି। ଏଠାରେ ଥିବା ଜଳାଶୟରୁ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଆଜି ସକାଳ ୯ଟା ସମୟରେ ନମ୍ବର୍ ପ୍ଲେଟ୍ ନଥିବା ଗୋଟିଏ ଜେସିବି ଓ ୩ ଗୋଟି ଟ୍ରାକ୍ଟର ଦ୍ୱାରା ମାଟି ଖୋଳିଚାଲାଣ ବେଳେ କୌଣସି ସୂତ୍ରରୁ ସଦର ଥାନା ପୋଲିସ ଖବର ପାଇଥିଲେ। ମାଟି ଉଠାଇ ବେଆଇନ୍ ଚାଲାଣ ବେଳେ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବିରୋଧ କରି ଥିଲେ। ପ୍ରକାଶ ଥାଉକି ଉକ୍ତ ବିବାଦୀୟ ଜଳାଶୟ ଜମିରେ ୨ ଜଣ ଗରିବ ବେକାର ଯୁବକ ଦୁଇଟି କ୍ୟାବିନ୍ ପକାଇ ଆଜକୁ ଦୀର୍ଘ ବର୍ଷ ଧରି ସେଲୁନ୍ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। କିଛି ବ୍ୟକ୍ତି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଟି ଦୋକାନ ଉଚ୍ଛେଦ କରାଯାଇଥିଲା। ଯେଉଁ ବ୍ୟକ୍ତି ମାନେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସେହି ବ୍ୟକ୍ତି ମାନେ ଆଜି ବେଆଇନ୍ ଭାବେ ଜୋର୍ ଜବରଦସ୍ତ ମାଟି ଖୋଳି ବିକ୍ରି କରିବାପାଇଁ ମସୁଧା ଚଳାଇଥିଲେ। ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଚୋରୀକୁ ରୋକିବାକୁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ମାଫିଆଙ୍କ କୌଣସି ଭୟ ନଥାଇ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା।

## ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଉଦ୍‌ଘାଟିତ

**ଧର୍ମଶାଳା, ୨୪।୧(ସମିସ):** ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ସତ୍ୟକର୍ମ କରିବା ସହିତ ହୃଦୟ ମନକୁ ଶୁଦ୍ଧ ରଖିବା ହେଉଛି ଆଧ୍ୟାମିକ ଚିନ୍ତନର ପ୍ରକୃତ ମାର୍ଗ ଅଟେ ବୋଲି ମବ୍ୟକ୍ତ କରିଥିଲେ। ଉତ୍ସବରେ ସ୍ୱାମୀ ଦିନଦୟାଲ ସରସ୍ୱତୀ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ। କୋଡପୁରର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, କଣ୍ଟିଗଡ଼ିଆ ସମିତିସଭ୍ୟ ଅରୁପାନନ୍ଦ ଜେନା, କମିଟି ସଭାପତି ବିବେକାନନ୍ଦ ଦାସ, ସମ୍ପାଦକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଯଜ୍ଞର ଉଦ୍ୟୋକ୍ତା ତଥା ପ୍ରତିଷ୍ଠାତା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଏକ କଳସ ଯାତ୍ରା ଆୟୋଜିତ ହୋଇଥିଲା। କଳସଯାତ୍ରାରେ ଆଖପାଖ ୬ ଗୋଟି ପଞ୍ଚାୟତର ମହିଳାମାନେ ସାମିଲ ହୋଇଥିଲେ। ମହିଳାମାନେ ସ୍ଥାନୀୟ ଖଡ଼ିଅଙ୍ଗ ନଦୀରୁ କଳସରେ ଜଳ ଆଣିବା ପରେ ଯଜ୍ଞ ବେଦୀରେ ପ୍ରତିଷ୍ଠା କରାଯାଇଥିଲା। ଗୋରେଖ ଚୈତନ୍ୟ, ଦୟାନିଧି ଦାଶ, ବ୍ରଜକିଶୋର ମହାନ୍ତି, ସୁଶାନ୍ତ ନାଏକ, ରସାନନ୍ଦ ଦାସ, ଝୁନାରାଣୀ ମିଶ୍ର, ରାଧାରାଣୀ ମିଶ୍ର, ସବିତାମଞ୍ଜରୀ ବିଶ୍ୱାଳ, ମିନତୀ ପଣ୍ଡା, ରଶ୍ମିତା ନାଏକ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭାରତୀୟ ନାଟ୍ୟ ଏକାଡେମୀ ନାନପୁର ମାହାଙ୍ଗା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ମା' ବୀଣାପାଣି ପୂଜା ମହାସମାରୋହ

**ବିଞ୍ଝାରପୁର, ୨୪।୧(ସମିସ):** ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ଗ୍ରାମ ପଞ୍ଚାୟତର ଗୌଡସାହି କଲ୍ୟାଣେଶ୍ୱର ଛକ ଠାରେ ବଣିକ ସଂଘ ପକ୍ଷରୁ ଚଳିତ ବର୍ଷ ୬୨ତମ ମା' ବୀଣାପାଣି ପୂଜା ମହାସମାରୋହରେ ଆୟୋଜିତ ହେଉଛି। ବଣିକ ସଂଘ ଦ୍ୱାରା ନିର୍ମିତ ଆକର୍ଷଣୀୟ ପୂଜା ମଣ୍ଡପରେ ଶୁକ୍ରବାର ବେଦଜ୍ଞ ବ୍ରାହ୍ମଣ ବୁଲୁ ମିଶ୍ର ଓ ମୁରଲୀ ମିଶ୍ରଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନା କରାଯାଇ କଳସ ପୂଜା, ପ୍ରାଣ ପ୍ରତିଷ୍ଠା, ବିଧିବଦ୍ଧ ପୂଜାର୍ଚ୍ଚନା, ହୋମ, ନୈବେଦ୍ୟ ଓ ଶେଷରେ ପୁଷ୍ପାଞ୍ଜଳୀ ଆର୍ପଣ କରାଯାଇଥିଲା। ମା'ଙ୍କ ଧରାବତରଣ ପୂଜା ଉତ୍ସବ ଆଗାମୀ ୫ ଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ପୂଜା ଅନୁଷ୍ଠାନ ପକ୍ଷରୁ ଦାସକାଠିଆ, ଭଜନ ସନ୍ଧ୍ୟା, ଘୋଡ଼ାନାଚ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିବା ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ସୂଚନା ଦେଇଛନ୍ତି। ଏହି ପୂଜା ଉତ୍ସବର ସୁଚାରୁ ପରିଚାଳନାରେ ସୁନାକର ଧଳ, ଚିତ୍ତରଞ୍ଜନ ଯେନା, ନିରୋଦ ରଣା ପ୍ରମୁଖ ସହଯୋଗ କରୁଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ଦଶରଥପୁର, ୨୪।୧(ସମିସ):** ଦଶରଥପୁର ଶିକ୍ଷା ମଣ୍ଡଳ ଥାଲୁକୁଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୧ତମ ମାତୃ ସମ୍ମିଳନୀ ଏବଂ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପରିଚାଳନା ସମିତି ସଭାପତି ଦିଗାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଠାଧୀଶ ସଚ୍ଚିଦାନନ୍ଦ ଦାଶ ମହାରାଜ ମୁଖ୍ୟଅତିଥ ଠିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ କୈଳାସ ଚନ୍ଦ୍ର ସାମଲ, ଉପ ସଭାପତି ଦିଲ୍ଲୀପ କୁମାର ସାମଲ, ସଭ୍ୟା ଚନ୍ଦ୍ରାବତୀ ଦେଇ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠିତ ସମ୍ମିଳନୀରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ ସାମିଲ ହୋଇଥିଲେ। ସମସ୍ତ ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟା ସହଯୋଗ କରିଥିଲେ।

## ପ୍ରତିଭା ଚୟନ ପ୍ରତିଯୋଗିତା

**ସିଂହପୁର, ୨୪।୧(ସମିସ):** କଣ୍ଡିଆସ୍ଥିତ ଶାନ୍ତି ସଂଘ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ପବିତ୍ର ସରସ୍ୱତୀ ପୂଜା ଅବସରରେ ଏକ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ବିକେବି ଉଚ୍ଚ ବିଦ୍ୟାଳୟ ହାବଳଗଣ୍ଡ ପାଟଣାର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାହାସ ବିହାରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ବର୍ଷିୟାନ୍ ଶିକ୍ଷାବିତ୍ ଅଦୈତ୍ୟ ପ୍ରସାଦ ବାରିକ, ଅନ୍ୟତମ ବକ୍ତାଭାବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଙ୍ଗରା ଓ କଣ୍ଡିଆ ଗୀତା ପାଠଶାଳାର ବ୍ରହ୍ମାକୁମାରୀ ନିଲୁ ଭଉଣୀ ଓ ସ୍ୱପ୍ନା ଭଉଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ମିତ୍ରଭାନୁ ସାମନ୍ତସିଂହାର, ଭାରତୀ ବାରିକ୍, ଅକ୍ଷୟ କୁମାର ଦାସ ଓ ବିକେବି ହାଇସ୍କୁଲ ହାବଳଗଣ୍ଡ ପାଟଣାର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାରାଣୀ ଦାସଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅବିନାଶ ଦାସ ସଂଯୋଜନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ତପସ୍ୱିନୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବାସନ୍ତୀ ପରିଡ଼ା, ବାଦଲ କୁମାର ପରିଡ଼ା, ଅଂଶୁମାନ ନାୟକ, ସୁଜାତା ଜେନା, ମହେନ୍ଦ୍ର ବେହେରା, କାଳନ୍ଦୀ ବେହେରା, ବାବାଜୀ ନାୟକ, ପ୍ରମୋଦ କୁମାର ସାହୁ ଓ ପ୍ରମୋଦ ବାରିକ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜୟ ଜଗନ୍ନାଥ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ଯାଜପୁର, ୨୪।୧(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଅନ୍ତର୍ଗତ ଭୁବନପୁର ଗ୍ରାମରେ ଜୟ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଠାରେ ଏକକାଳୀନ ସଦାସର୍ବଦା ବିଶ୍ୱଶାନ୍ତି ମହାଯଜ୍ଞ, ମଞ୍ଚରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ଅଭିନେତା ରାକେଶ ଦେଓ ଯୋଗଦେଇଥିଲେ। ତାଙ୍କୁ ମହୋତ୍ସବ କମିଟି ତରଫରୁ ଉଚ୍ଛସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ନୃତ୍ୟ ନିର୍ଦ୍ଦେଶ ସଞ୍ଜୟ ସାହ ମଧ ଯୋଗ ଦେଇଥିଲେ। ଏହି ଅବସରରେ ଜୟ ଜଗନ୍ନାଥ ମହୋତ୍ସବ କମିଟିର ଆବାହକ ତଥା ବରିଷ୍ଠ ସମାଜସେବୀ ସତୀଶ ବିଶ୍ୱାଳ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆଲୋକ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ, କବି ଡ. ଚନ୍ଦ୍ରକଳା ନାୟକ ମାନପତ୍ର ପାଠ ଏବଂ ମାନସ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସର୍ବଶ୍ରୀ କାର୍ତ୍ତିକ ସାଇଁ, ସତ୍ୟାନନ୍ଦ ମିଶ୍ର, କୁଳମଣୀ ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ପ୍ରଦୀପ ବିଶ୍ୱାଳ, ଯୋଗୀଶ୍ୟାମ ଗୌରହରି ବିଶ୍ୱାଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)

ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

## ୟୁନିସେକ୍ସ ଫିଟ୍‌ନେସ୍ ସେଣ୍ଟର ଖୋଲିଲା




ଯାଜପୁର,୨୪।୧(ସମିସ): ଯାଜପୁର ବସଷ୍ଟାଣ୍ଡ ନିକଟସ୍ଥ ଜାଗେଶ୍ୱରପୁରରେ ଖୋଲିଲା ୟୁନିସେକ୍ସ ଫିଟନେସ ଜୋନ ବ୍ୟାୟାମଶାଳା। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏହି ବ୍ୟାୟାମଶାଳାକୁ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉଦଘାଟନୀ ଅବସରରେ ପ୍ରଣବ ନିଜେ ବ୍ୟାୟାମ କରିବା ସହ ଯୁବକ ମାନେ ଏହି ବ୍ୟାୟାମଶାଳା ମାଧ୍ୟମରେ ସୁନ୍ଦର ସ୍ୱାସ୍ଥ୍ୟ ଗଠନ କରିପାରିବେ ବୋଲି କହିଥିଲେ। ଏହି ଉଦଘାଟନୀ ଉତ୍ସବ ଅବସରରେ ଦିଲ୍ଲୀ, ବାଙ୍ଗାଲୋର, ଭୁବନେଶ୍ୱର ସମେତ ବିଭିନ୍ନ ସହରରୁ ବଡି ବଲଡ଼ର ମାନେ ଆସି ଏହି ଜିମ ପରିଦର୍ଶନ କରିବା ସହ ଉପସ୍ଥିତ ଯୁବକ ମାନଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବଡିବିଲଡ଼ରମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ବ୍ୟାୟାମଶାଳା ରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ମାନଙ୍କ ପାଇଁ ଯୋଗ ପ୍ରଶିକ୍ଷଣ ଏବଂ ଜୁମ୍ବା, ସାଲସା ଓ ମର୍ଡନ ଡ୍ୟାନ୍ସ ଶିକ୍ଷା ଦିଆଯାଉଥିବା ବୋଲି ଫିଟନେସ ଜୋନ ର ଉଦ୍ୟୋକ୍ତା ଜୀବନ କୁମାର ସାହୁ ଓ ସୁନୀଲ କୁମାର ସାହୁ ସୂଚନା ଦେଇଛନ୍ତି।

# ଗଞ୍ଜେଇ ଜବତ ମାମଲାରେ ୫ ଗିରଫ

ପାଣିକୋଇଲି,୨୪।୧(ସମିସ)



ପୋଖରୀ ହୁଡ଼ାରୁ ମିଳିଥିବା ଗଞ୍ଜେଇକୁ ବିକ୍ରି କରିଥିବା ଅଭିଯୋଗରେ ପୁଲିସ୍ ୫ ଜଣଙ୍କୁ ଗିରଫ କରିଛି।

ଖବର ଅନୁସାରେ, ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଚମାରଗଡିଆ ଆଡ଼ିରେ ଆଦିବାସୀ ମରାନ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା। ତାକୁ ଖେନ୍ତୁଆ ପୋଖରୀ ଆଡ଼ି ଶ୍ମଶାନରେ ସତ୍କାର କରିବାକୁ ନେବା ବେଳେ ଏକ ଗଞ୍ଜେଇ ବସ୍ତା ମିଳିଥିଲା। ସେମାନେ ଗଞ୍ଜେଇକୁ ନେଇ ଲୋକମାନଙ୍କ ମଧ୍ୟରେ ବିକ୍ରି କରିଥିଲେ। ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଖବର ଥାନାରେ ପହଞ୍ଚିଥିଲା। ଖବର ପାଇ ପାଣିକୋଇଲି ପୁଲିସ ତଦନ୍ତ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିଲା। ଗଞ୍ଜେଇ କେଉଁଠୁ ଆସିଲା ଓ ଏହା କିଏ ବେପାର କରୁଛି ତାହା ନେଇ ପୁଲିସ ତଦନ୍ତ ଜାରି ରଖିଛି। ଜବତ ଗଞ୍ଜେଇକୁ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଉକ୍ତ ଗଞ୍ଜେଇର ଓଜନ ୧୧କେଜି ୪୦୦ଗ୍ରା ହୋଇଥିଲା। ଏନେଇ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ଏତଲା ଦେବା ପରେ ଏକ ମାମଲା ୨୧/୨୬ରୁଜୁ କରାଯାଇଥିଲା। ଅଟକ ଥିବା ୫ଜଣଙ୍କୁ ଜେରା କରିବା ପରେ ଆଜି ସେମାନଙ୍କୁ ଅଦାଲତ ଚାଲାଣ କରାଯାଇଛି। ଏହି ଗଞ୍ଜାଇ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା କୋଠିସାହି ଗ୍ରାମର ସୁବାସ ସାହୁଙ୍କ ଠାରୁ ବିକ୍ରି ଉଦ୍ଦେଶ୍ୟରେ ଆସିଥିବା ପୁଲିସ ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତ ହେଲେ ଅଳତିରି ଚମାର ଗଡିଆ ସାହିର ଶଙ୍କର ମୁଣ୍ଡା(୨୦), ବାବନ ମୁଣ୍ଡା(୨୨), ବାବୁଲି ମୁଣ୍ଡା (୩୮), ଅଳତିରି କାଙ୍କଲାପାଟଣା ଗ୍ରାମର ପ୍ରଦୀପ ସାହୁ(୩୭) ଓ ଧବଳ ମଳିକ(୪୨)। ଆଜି ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶଙ୍କ ସୂତ୍ରରୁ ପ୍ରକାଶ।

## ୬.୬ ଗ୍ରାମ ବ୍ରାଉନ୍‌ସୁଗର ଓ ବାଇକ୍ ଜବତ



ବ୍ୟାସନଗର,୨୪।୧(ସମିସ): ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ଶନିବାର ସକାଳ ସମୟରେ ବେଆଇନ ଭାବେ ଧଳାଜହର ଚୋରାଚାଲାଣ କରୁଥିବା ଜଣେ ବ୍ୟକ୍ତିକୁ ଗିରଫ କରିବା ସହିତ ପ୍ରାୟ ୬.୬ ଗ୍ରାମର ଧଳା ଜହର ଜବତ କରିଛି। ସୂଚନାଯୋଗ୍ୟ ଯେ ଯାଜପୁର ରୋଡ୍ ଆଦର୍ଶ ଥାନା ଦାନଗଦି ଫାଣ୍ଡି ଅନ୍ତର୍ଗତ ମିଲିଟାରୀ ଛକରେ ଜନୈକ ବ୍ୟକ୍ତି ଧଳା ଜହର ଚୋରା ଚାଲାଣ କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ନିର୍ଦ୍ଦେଶରେ ଦାନଗଦି ଫାଣ୍ଡି ଅଧିକାରୀ ତଥା ଏସଆଇ ଅମୂଲ୍ୟ କୁମାର ମିଶ୍ରଙ୍କ ସହିତ ସ୍ଥାନୀୟ ପୁଲିସ ଟିମ୍ ସ୍ଥାନୀୟ ମିଲିଟାରୀ ଛକରେ ଚଢ଼ଉ କରି ଏକ ପଲସର ବାଇକ (ଓଡି୩୪ଟି୧୬୯୪)ରେ ଯାଉଥିବା ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଦାନଗଦୀ ଅଞ୍ଚଳର ଦିବ୍ୟଜ୍ୟୋତି ସାହୁ ଓରଫ ବବୁଲ(୨୫)କୁ ତଲାସି ନେବା ପରେ ତା' ନିକଟରୁ ୬ ଗ୍ରାମ ୬୦୦ ମିଲିଗ୍ରାମ ଓଜନର ଧଳା ଜହର (ବ୍ରାଉନ ସୁଗାର) ଜବତ କରିଥିଲେ। ପରେ ପୁଲିସ ଅଭିଯୁକ୍ତ ଦିବ୍ୟଜ୍ୟୋତିକୁ ଗିରଫ କରି ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ପରେ ଧଳା ଜହର ଏବଂ ବ୍ୟବହୃତ ବାଇକକୁ ଜବତ କରିବା ସହିତ ଅଭିଯୁକ୍ତ କୁ ଶନିବାର ଅଦାଲତ ଚାଲାଣ କରିଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ଚାଷୀଙ୍କ ସମସ୍ୟା ନେଇ ବୈଠକ

ଯାଜପୁର,୨୪।୧(ସମିସ): ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଶନିବାର ରାମ ମନ୍ଦିର ପରିସରରେ ଜିଲାର ପଞ୍ଜିକୃତ ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଚାଷୀ ଓ କୃଷକ ନେତାଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଏ ଯାଏ ସମସ୍ତ ମଣ୍ଡି ଖୋଲି ନଥିବା ବେଳେ ଚାଷୀଙ୍କର ବିଭିନ୍ନ ସମସ୍ୟା ନେଇ କୃଷକ ନେତା ଓ ଚାଷୀମାନେ ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ମଧ୍ୟ ପ୍ରଦାନ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମଣ୍ଡିରେ ଖୋଟ ଅଖାରେ ଧାନ ଦେବା, ବିଭିନ୍ନ ମଣ୍ଡିରେ ଏ ଯାଏ ଧାନ ନ ଉଠିବା, ଟୋକନ ପରିମାଣ କମ କରିବା, ୭ଧ କଟନି ଛଟନି କରିବା ପ୍ରଭୃତି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀମାନେ। ଧାନ ଉଠାଇବାରେ ବିଳମ୍ବ କରୁଥିବାରୁ ଚାଷୀମାନେ ବାଧ ହୋଇ ଅଭାବୀ ବିକ୍ରିର ସାମ୍ନା ହେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଥିଲେ। ଆଗାମୀ ୨୭ ତାରିଖ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ପ୍ରଦୀପ କୁମାର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଦିଗମ୍ବର କର, ନିରାକାର ସାହୁ, ଚନା ସାହୁ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ମା' କୋରେଇଶୁଣି ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ମଇଁନ୍ଦା,୨୪।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉଡ଼ରଙ୍ଗ ପଞ୍ଚାୟତର ମା' କୋରେଇଶୁଣି ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ପ୍ରଧାନ ଗୁରୁଜୀ ଶ୍ୟାମସୁନ୍ଦର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ କୁମାର ରାୟ, ସମ୍ମାନିତ ବକ୍ତା ଭାବେ ରବୀନ୍ଦ୍ର ମୋହନ ରଥ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସଭାପତି ପ୍ରାଣବନ୍ଧୁ ଶତପଥୀ, ସମାଜସେବୀ ଦିଲ୍ଲିପ କୁମାର ସାମଲ, ଦେବେନ୍ଦ୍ର କୁମାର ସ୍ୱାଇଁ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରମୋଦ କୁମାର ନାୟକ, ବିଦ୍ୟାସାଗର ବେହେରା ଆଦି ଯୋଗଦାନ କରିଥିଲେ। ଏହି ଅବସରରେ ପଠାଣି ସାମନ୍ତ ଗଣିତ ମେଧାରୁ ସ୍ଥିତିପ୍ରଜ୍ଞା ଦାସ, ଅଂଶୁମାନ ଦାସ, ପ୍ରତ୍ୟାଶା ପ୍ରିୟଦର୍ଶିନୀ ମିଶ୍ର। ଅଖିଳଚନ୍ଦ୍ରରୁ ଦେବାଶିଷ ଦାଶ, ପ୍ରଜ୍ଞାଶ୍ରୀ ଦାଶ, ଲଲାଟେନ୍ଦୁ ନାଥ, ରାମାନୁଜମ ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଅଭିଭାବିକା ଯୋଗଦାନ କରିଥିଲେ। ଏହି ଉତ୍ସବକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଖୋଲିଲା ହ୍ୟାଣ୍ଡଲୁମ୍ ୟୁନିଟ୍



ଯାଜପୁର,୨୪।୧(ସମିସ): ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆତ୍ମ ନିର୍ଭରଶୀଳ ହେଉଛନ୍ତି ମହିଳା। ଯାଜପୁର ପୌରାଞ୍ଚଳର ୧୬ନମ୍ବର ୱାର୍ଡ ବରୁଆଡ଼ି ଗ୍ରାମରେ ଆଦିଶକ୍ତି ମହାସଙ୍ଘର ମା' ରକ୍ଷାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଉଦ୍ୟମରେ ଉଦଘାଟିତ ହୋଇଛି ବିରଜା ହ୍ୟାଣ୍ଡଲୁମ ୟୁନିଟ୍। ଯାଜପୁର ପୌରପାଳିକାର ପୌରାଧକ୍ଷା ରଞ୍ଜୁଲତା ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ ମଲ୍ଲିକ ଯୋଗ ଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା ସହ ଆତ୍ମନିର୍ଭରଶୀଳ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଏଭଳି ଉଦ୍ୟମକୁ ବେଶ ପ୍ରଶଂସା କରିଥିଲେ।

ଏହି ୟୁନିଟ ଦ୍ୱାରା ଟସରର ହାତତିଆରି ମହିଳା ଓ ପୁରୁଷଙ୍କ ପାଇଁ ଶାଢ଼ି, ଯୋଡ, ସମ୍ବଲପୁରୀ, ଟେରାକୋଟା, ହ୍ୟାଣ୍ଡଲୁମ, ମାଣିଆବନ୍ଧୀ, କପଡ଼ା ଆଦି ବସ୍ତ୍ର ତିଆରି କରାଯାଇ ରିହାତି ମୂଲ୍ୟ ରେ ଉପଲବ୍ଧ ହୋଇପାରିବ ବୋଲି ମା' ରକ୍ଷାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ମିନତୀ ସେନାପତି ଓ ସମ୍ପାଦିକା ଉର୍ମିଳା ସେନାପତି ସୂଚନା ଦେଇଥିଲେ। ଏହି ଅବସରରେ ଆଦିଶକ୍ତି ମହାସଙ୍ଘର ସମସ୍ତ ସଭ୍ୟ ମାନେ ଯୋଗ ଦେଇଥିଲେ। ଏହି ୟୁନିଟ ମାଧ୍ୟମରେ ୨୦ରୁ ଊର୍ଦ୍ଧ୍ୱ ମହିଳା ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଆଶା କରାଯାଉଛି।

## ସ୍କାଉଟ୍ ଆଣ୍ଡ ଗାଇଡ୍‌ଙ୍କ ଦ୍ୱାରା ବେଳାଭୂମି ସଫେଇ




ବାଲିଚନ୍ଦ୍ରପୁର,୨୪।୧(ସମିସ): ବଡ଼ଚଣା ଶିକ୍ଷାମଣ୍ଡଳ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଆଣ୍ଡ ଗାଇଡ ଛାତ୍ରଛାତ୍ରୀଙ୍କ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲା ପେଣ୍ଠ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ତତ୍ତ୍ୱାବଧାନରେ ସ୍କାଉଟ ଶିକ୍ଷକ ବୀରସେନ ବଳ ଏବଂ ଗାଇଡ ଶିକ୍ଷୟିତ୍ରୀ ଶୁଭସ୍ମିତା ପରିଡା ଓ ସ୍କାଉଟ ଲିଡର ସବ୍‌ନମ ଆରାଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ନେଇ ପେଣ୍ଠ ବେଳାଭୂମିକୁ ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡା, ସ୍କୁଲ ପରଚାଳନା କମିଟି ସଭାପତି ରାକେଶ କୁମାର ବାରିକ, ବାଲିଚନ୍ଦ୍ରପୁର କ୍ଲଷ୍ଟରର ସିଆରସିସି ଏକାଦଶୀ ମଲ୍ଲିକ, ପଞ୍ଚସଖା ଶିକ୍ଷା ସେତୁ ଅଭିଯାନର ସଭାପତି ଜ୍ଞାନ ରଞ୍ଜନ ଦାସ, ବିଘ୍ନେଶ୍ୱର ସିଂ, ମରୁତ କୁମାର ସାମଲ, ଦେବାଶିଷ ଦାସ, ରଶ୍ମିତା ରାୟ, ଚାରୁବାଳା ନନ୍ଦ, ରୋନିଲତା ତରାଇ, କନକଲତା ଦାସ, ପୂର୍ବତନ ଶିକ୍ଷକ ଅମ୍ରିତା ସିଂ, ଶୁଭଶ୍ରୀ ମହାନ୍ତି, ନସିମ ମହମ୍ମଦ, ରତ୍ନାକର ବେହେରା, ସ୍କୁଲ ପରିଚାଳନା କମିଟିର ସଭ୍ୟ କୈଳାସ ବେହେରା, ଅମିତ ବେହେରା, ରାଜେନ୍ଦ୍ର ବେହେରା, ରାଜକିଶୋର ବେହେରା, ରଞ୍ଜିତା ଦାସ ପ୍ରମୁଖ ସହଯୋଗ କରିଥିଲେ।

■ ନେତାଜୀ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲ୍‌ରେ ମଙ୍ଗରାଜପୁର-ଚଣ୍ଡିଖୋଲ

କବାଟବନ୍ଧ,୨୪।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ରାଇଛଦା ପଞ୍ଚାୟତର ବାରକଣା ନେତାଜୀ ଗ୍ରାଉଣ୍ଡରେ ଚାଲିଥିବା ୨୮ତମ ନେତାଜୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସମସ୍ତ ସେମି ଫାଇନାଲ ମ୍ୟାଚ ଶେଷ ହୋଇଛି। ଶନିବାର ଏହାର ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ ମହାବୀର ଇଲେଭେନ ଚଣ୍ଡିଖୋଲ ବନାମ ହରିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସରେ ହରିପୁର ବ୍ୟାଟିଂ କରି ୧୮. ୨ ଓଭରରେ ସମସ୍ତ ୱିକେଟ ହରାଇ ୨୫୯ ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର ଇଲେଭେନ ଚଣ୍ଡିଖୋଲ ୧୯.୪ ଓଭରରେ ୭ ଉଇକେଟ ବିନିମୟରେ ୨୬୦ ରନ କରି ବିଜୟ ଲାଭ କରିଥିଲେ। ବିଜୟୀ ଦଳ ମହାବୀର ଇଲେଭେନ ଚଣ୍ଡିଖୋଲ ପକ୍ଷରୁ ଅଭିଳାଷ ନାୟକ ଭଲ ଖେଳ ପ୍ରଦର୍ଶନ କରି ମାତ୍ର ୩୯ ବଲ ଖେଳି ୧୨୬ ରନର କରି ଏକ ଧୂଆଁଧାର ଇନିଂସ ଖେଳି ମ୍ୟାନ ଅଫ ଦି ମ୍ୟାଚ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ନେତାଜୀ କ୍ରିକେଟ କ୍ଲବର ଆଲୁମିନ ପ୍ଲେୟର ତଥା ଭାଷ୍ୟକାର ସୁଦାମ ଚରଣ ବାରିକ ଏବଂ ସହଯୋଗୀ କମେଣ୍ଟେଟର ଅକ୍ଷୟ କୁମାର ବାରିକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ହିମାଂଶୁ ପରିଡ଼ା, ପ୍ରଶାନ୍ତ କୁମାର ସାହୁ, ରାହୁଲ ପରିଡ଼ା ଦାୟିତ୍ୱ ସମାଦନା କରିଥିଲେ। ଅମ୍ପାୟାର ବସନ୍ତ କୁମାର ପ୍ରଧାନ ଏବଂ କୀର୍ତ୍ତନ ନାୟକ ଖେଳ ପରିଚାଳନା କରିଥିଲେ। ନେତାଜୀ କ୍ରିକେଟ କ୍ଲବ ପକ୍ଷରୁ ମନୁଆ ସାହୁ, ଶିବୁନା ସାହୁ, ଜ୍ଞାନ ରଞ୍ଜନ ସାହୁ, ସୁବ୍ରତ ସାହୁ, ଶୁଭମ ମହାରଣା, ସୁମନ ମଲ୍ଲିକ, ରାଜା ମଲ୍ଲିକ, ସ୍ୱାଧୀନ ବାଉଳଙ୍କ ସମେତ ଅନ୍ୟ ମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା ରେ ସହଯୋଗ କରିଥିଲେ। ଏହାର ଫାଇନାଲ ମ୍ୟାଚ ଆସନ୍ତା ୨୮ ତାରିଖରେ ଅର୍ଜୁନ ଇଲେଭେନ ମଙ୍ଗରାଜପୁର ବନାମ ମହାବୀର ଇଲେଭେନ ଚଣ୍ଡିଖୋଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ନେତାଜୀ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

## ଉଛବାଳି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଦାନଗଦି,୨୪।୧(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଉଛବାଳି ପଞ୍ଚାୟତରେ ବହୁ ବିଦ୍ଧ କାର୍ଯ୍ୟର ଶୁଭ ଉଦଘାଟନ ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଉଦଘାଟନ ଓ ଲୋକାର୍ପଣ କରିଛନ୍ତି। ପଞ୍ଚାୟତର କୃଷକବନ୍ଧୁ ପ୍ରାଥମିକ ସେବା ସମବାୟ ସମିତି ଧାନମଣ୍ଡିର ଶୁଭ ଉଦଘାଟନ, ନୂତନ ଗ୍ରାମ ପଞ୍ଚାୟତ ଭବନ, କୃଷି ଓ କୃଷକଙ୍କ ପାଇଁ ପରାମର୍ଶ କେନ୍ଦ୍ର, ଗ୍ରାମ ପଞ୍ଚାୟତ ଫାସିଲିଟ୍ ସେଣ୍ଟର, ପଞ୍ଚାୟତ ସ୍ତରୀୟ ମହିଳା ଫେଡେରେସନର ସଭା ଓ ତାଲିମ୍ ଗୃହ, ଉଛବାଳି ନୋଡାଲ ଉପ୍ରା ବିଦ୍ୟାଳୟ, ରାଧାକୃଷ୍ଣ କମ୍ୟୁନିଟ୍ ସେଣ୍ଟର, ଅଭ୍ୟର୍ଥନା ଓ ବୈଠକ ଗୃହ, ଲକ୍ଷ୍ମୀ ନାରାୟଣ କମ୍ୟୁନିଟ ସେଣ୍ଟର ଆଦି ନୂତନ ଗୃହର ଲୋକାର୍ପଣ କରାଯାଇଥିଲା,

ଉଛବାଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏଥିନେଇ ଆୟୋଜିତ ସଭାରେ ଯାଜପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ରବୀନ୍ଦ୍ର ମୋହନ ଜେନା ଅଧକ୍ଷତା କରିଥିଲେ। ଯାଜପୁର ଜିଲ୍ଲା ବିଜେପି ସାଧାରଣ ସଂପାଦକ ସୁଧାଂଶୁ ଶେଖର ଭଞ୍ଜ, ଦାନଗଦି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦିପ କୁମାର ସେଠୀ, ପଞ୍ଚାୟତର ସରପଞ୍ଚ ବନଜା ଜେନା, ବାଙ୍ଗର କୋଟା ପଞ୍ଚାୟତ ସରପଞ୍ଚ ଅଭିମନ୍ୟୁ ରାଉତ, ନଛିପୁରା ପଞ୍ଚାୟତ ସରପଞ୍ଚ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ପ୍ରାକ୍ତନ ଏବଂ ବର୍ତ୍ତମାନର ସରପଞ୍ଚଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ପଥରପଦା ନେତାଜୀ କ୍ଲବର ବାର୍ଷିକୋତ୍ସବ



ପାଣିକୋଇଲି,୨୪।୧(ସମିସ): ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୩୦ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବର ପ୍ରଥମ ସନ୍ଧ୍ୟା ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯୁବ ନେତା ସେକ ଜହର ଅଲ୍ଲୀଙ୍କ ସଂଚାଳନରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ସୂର୍ଯ୍ୟମଣି ପଣ୍ଡା, ପ୍ରମୁଖ ଯୋଗଦେଇଥିଲେ। ଶେଷରେ କ୍ଲବର ଉପଦେଷ୍ଟା ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗୀତାରେକୃତିତ୍ୱ ହାସଲ କରିଥିବା ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକର୍ତ୍ତା ଅଶୋକ କୁମାର ବେହେରା, ମାନସ କୁମାର ସାହୁ, ପ୍ୟାରୀ ମୋହନ ବାରିକ, ପର୍ଶୁରାମ ବେହେରା, ରବୀନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୌମ୍ୟ ରଞ୍ଜନ ସାହୁ, ଅନିରୁଦ୍ଧ ବାରିକ, ସୁଧାଂଶୁ ବାରିକ, ଉମେଶ ବାରିକ, ଅମୀୟ କୁମାର ବେହେରା, ତାପସ ଦାସଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

କାଳିଆପାଣି,୨୪।୧(ସମିସ): ସ୍ଥାନୀୟ କାଙ୍କଡ଼ପାଳ ଗ୍ରାମରେ ୩୩ତମ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ପ୍ରଥମେ ଏସ୍‌ଏସ୍‌ସିସି କୁନିନ୍ଦା ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୭ ୱିକେଟ ହରେଇ ୨୦୧ ରନ କରିଥିଲା। ପ୍ରତିପକ୍ଷ ଏଏଲଏ ମଙ୍ଗରାଜପୁର ନିର୍ଦ୍ଧାରିତ ୧୮ ଓଭରରେ ୭ ୱିକେଟ ହରେଇ ୧୬୩ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତି ରଞ୍ଜନ ଘଡ଼ାଇ, ସମ୍ମାନିତ ଅତିଥି ଭାବେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଙ୍ଘର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ନିମଳେନ୍ଦୁ ବେହୁରା, ଗୋପାଳ ପରିଡା, ସୁକିନ୍ଦା ଗଡ଼ ସରପଞ୍ଚ ସ୍ୱାଧୀନ ଦାସ, କଙ୍କଡ଼ପାଳ ସରପଞ୍ଚ ସଞ୍ଜୟ ପରିଡା, ସମିତି ସଭ୍ୟ ସମ୍ବରା ମୁଣ୍ଡା,, ଯୁବ ସଂଗଠକ ହିମାଂଶୁ ଶେଖର ବାରିକ, ଜଗବନ୍ଧୁ ଜୟକ, ପ୍ରଦୀପ ପାତ୍ର ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ମ୍ୟାଚ ପରିଚାଳନା କରିଥିଲେ ଶିବାନନ୍ଦ ରାଉତ, ଲିଙ୍ଗରାଜ ନାୟକ, ସ୍କୋରର ବିଶ୍ୱଜିତ ନାୟକ, ଦୀପକ ନାୟକ ଭାବରେ ତୁଲାଇ ଥିଲେ। ଯୁବକ ସଂଘର ସମସ୍ତ ଖେଳାଳି ସହଯୋଗ କରିଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଚଢ଼ଉ



ଯାଜପୁର,୨୪।୧(ସମିସ)

ଆସନ୍ତା ଫେବୃଆରି ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ଜିଲ୍ଲା ଗସ୍ତରେ ଆସୁଛନ୍ତି। ବିଶେଷକରି ସେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରିବା ସହିତ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପୂର୍ବରୁ ଯାଜପୁର ସହରରେ ସଫେଇ ଓ ପରିମଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଛକ ବଜାରରେ ଖୋଲାଯାଇଥିବା ଉଠାଦୋକାନୀମାନଙ୍କ ଦ୍ୱାରା ହେଉଥିବା ଅଳିଆକୁ ବନ୍ଦ କରିବା ସହିତ ସଫେଇକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ମଦ ଦୋକାନ ପାଖରେ ଖୋଲାଯାଇଥିବା ଚାଖଣା ଦୋକାନ ଗୁଡିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଯାଜପୁର ଥାନା ପୁଲିସ ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରି ଏଭଳି ଚାଖଣା ଦୋକାନୀମାନଙ୍କୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଯଦି ନିର୍ଦ୍ଦେଶର ପାଳନ ନ ହୁଏ ତେବେ ଆଗାମୀ ଦିନରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। କାରଣ ଏଭଳି ମଦ ଦୋକାନ ପାଖରେ ଖୋଲିଥିବା ବେଆଇନ ଚାଖଣା ଦୋକାନ ଯୋଗୁଁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସେହି ଚାଖଣା ଦେକାନ ଗୁଡିକୁ ତୁରନ୍ତ ବନ୍ଦ କରିବାକୁ ପଦକ୍ଷେପ ନିଆଯାଇଥିବା ଯାଜପୁର ପୁଲିସ ସୂଚନା ଦେଇଛି। ଆଜିର ଏହି ଚଢ଼ଉରେ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି, ଏସ୍‌ଆଇ ସଂଯୁକ୍ତା ବେହେରା, ଏସ୍‌ଆଇ ମହେନ୍ଦ୍ର କୁମାର ସେଠୀ, ଏସ୍‌ଆଇ ସୌରଭ କୁମାର ମାଝୀ, କନେଷ୍ଟବଳ ସତ୍ୟ ରଞ୍ଜନ ଦଳାଇ, ବିଶ୍ୱନାଥ ସାହୁ, ତଅପୋଇ ମଲ୍ଲିକ, ବାବୁଲି ଜେନା, ମୁକେଶ ଦାସ ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ପୁଲିସ ଏଏସ୍‌ଆଇ ଆହତ

ସୁକିନ୍ଦା,୨୪।୧(ସମିସ): ୫୩ନଂ ଜାତୀୟ ସୁକିନ୍ଦା ଛକ ନିକଟରେ ଏକ ଦୁର୍ଘଟଣାରେ ହିନ୍ଦୋଳ ଥାନା ଏଏସଆଇ ରମେଶ ଚନ୍ଦ୍ର ବାଲମୁଚ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ଓଳିଆ ପଞ୍ଚାୟତ ଅଧୀନ ନୂଆଗାଁ ବାସିନ୍ଦା ରମେଶ ଚନ୍ଦ୍ର ବାଲମୁଚ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନାରେ ଏଏସଆଇ ଭାବେ କାର୍ଯ୍ୟରତ ଅଛନ୍ତି। ଢେଙ୍କାନାଳ ମହୋତ୍ସବରେ ଡ୍ୟୁଟି ସାରି ନିଜ ଘରକୁ ବାଇକ ଯୋଗେ ଫେରୁଥିବା ସମୟରେ ସୁକିନ୍ଦା ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ରି-ସାଇକ୍ଲିଂ





ମୂଳ ହିନ୍ଦୀ : ଏସ୍. ଭାଗ୍ୟମ ଶର୍ମା
ଅନୁସୃଜନ : ନମିତା ପାଇକରାୟ

ହସ୍‌ପିଟାଲର ବାରଣ୍ଡାରେ ବସି ମୋହିତ ବଡ଼ ବଡ଼ ଆଖିରେ ଚାହିଁଥିଲା। ସାମ୍ନା ବଗିଚାରେ ସୁନ୍ଦର ସୁନ୍ଦର ଫୁଲ ଫୁଟି ଥିଲା। ଯିବାଆସିବା କରୁଥିବା ମଣିଷମାନେ, ସେବା କରୁଥିବା କର୍ମଚାରୀମାନେ ଥିଲେ । ସେଠାର କାନ୍ଥଗୁଡ଼ିକରେ ଛୋଟ ପିଲାମାନଙ୍କ ଫଟୋ ଟଙ୍ଗା ହୋଇଛି। କିନ୍ତୁ କୌଣସି ଜିନିଷ ତା'ର ଧ୍ୟାନ ଆକର୍ଷଣ କରିପାରୁନି ।

ତା'ର ମନ ତ ସୁଗୁଣା...ସୁଗୁଣା ଜପୁ ଥିଲା। ସେ ସୁଗୁଣା ସହ ବିତାଇଥିବା ଅଠର ବର୍ଷ ଚଳଚ୍ଚିତ୍ର ପରି ଲାଗୁଥିଲା। ଯେମିତି ନେପଥ୍ୟରେ ଚଳଚ୍ଚିତ୍ର ଚାଲୁଥିଲା। ଯେଉଁ ଦିନ ସୁଗୁଣା ଘରକୁ ତାକୁ ଦେଖିବାକୁ ଯାଇଥିଲେ, ସେଦିନଠୁ ସେ ସମସ୍ତଙ୍କୁ ପ୍ରଭାବିତ କରି ରଖିଥିଲା। ମୋହିତର ବାପା ମା', ସୁଗୁଣା ବନେଇଥିବା ପକୁଡ଼ି ଓ ହାଲୁଆର ପ୍ରଶଂସା କରିଥିଲେ। ମୋହିତର ଭଉଣୀ ସୁଗୁଣାର ଘର ସଜାଇବାର କଳାରେ ମୁଗ୍ଧ ହୋଇଥିଲା। ସୁଗୁଣାର ବାପା ନିଜ ଝିଅର ପ୍ରଶଂଶା କରି କହିଲେ – "ସୁଗୁଣା ସବୁ କାମରେ ନିପୁଣା। ବୋହୂ ହେବା ପାଇଁ ଯୋଗ୍ୟା ।"

ସମସ୍ତେ ନିଜ ଝିଅର ପ୍ରଶଂସା କରନ୍ତି। ସୁଗୁଣାର ବାପା ଯେମିତି ପ୍ରସଂଶା କଲେ ପୂରା ନିଆରା। କହିଲେ, "ସୁଗୁଣା ରୋଷେଇ କରୁ କି ଇନ୍‌ଟେରିଅର୍ ଡେକୋରେସନ୍ କରୁ ସବୁ ସୁନ୍ଦର ଓ ନିଖୁଣ। ଶଶୁରଘରର ଲୋକ ବି କହୁଥିଲେ ସୁଗୁଣାର ବାପା ଯେତିକି ପ୍ରଶଂଶା କରୁଥିଲେ, ତାହାଠାରୁ ଆମ ବୋହୂ ଆହୁରି ଅଧିକ ପ୍ରଶଂସାର ପାତ୍ର।

ବାହାଘର ପରେ ଯେତେବେଳେ ଉପହାରର ପ୍ୟାକେଟ୍ ସମସ୍ତେ ଖୋଲି ଖୋଲି ଦେଖୁଥିଲେ। ସୁଗୁଣା ଚୁପ୍‌ଚାପ୍ ପ୍ୟାକେଟ୍ ଉପର ଚିକ୍ ମିକ୍ ଜରି କାଗଜଗୁଡ଼ିକ ସାଇତି ରଖୁଥିଲା।

ଶାଶୁ କହିଲେ, "ସୁଗୁଣା ସେଗୁଡ଼ାକ କ'ଣ କରିବୁ ? ଫୋପାଡ଼ି ଦେ ।"

ସୁଗୁଣା କହିଲା, "ଥାଉ ମା, କେତେବେଳେ ନା କେତେବେଳେ କାମରେ ଆସିବ... ।" ତା' କଥା ଶୁଣି ସମସ୍ତେ ହସିଲେ।

ଦାଦା ମଜାରେ କହିଲେ, "ମୋହିତ ତୋତେ ବିଲ୍‌କୁଲ୍ ଠିକ୍ ଝିଅ ମିଳିଛି ।" ଭଉଣୀ ହସି ହସି କହିଲା, "ତମେ ତ ଏବେ ହଇରାଣରେ ପଡ଼ିବ, ଫେସନ୍ ବଦଳି ଗଲା କହି ଜୋତା, ଚଷମା ଫୋପାଡ଼ି ଦିଅ, ନୂଆ କିଣି ଆଣ, ଏବେ ତୁମେ କ'ଣ କରିବ ?"

ମୋହିତ କେବେ ବି ସୁଗୁଣାର କାମରେ ଦଖଲ ଦିଏନା, ସୁଗୁଣାର କାମ କରିବା ବିଧି ସ୍ୱତନ୍ତ୍ର ଥିଲା। ସେ କୌଣସି ବସ୍ତୁକୁ ବେକାର ଭାବେନା, ଅଦରକାରୀ ବସ୍ତୁକୁ ବି ସେ କୌଣସି କାର୍ଯ୍ୟରେ ଲଗାଇ ଜାଣେ। ଘର ସଜେଇ ଦେବ, କାହାର ଦରକାର ହେଲେ ଦେଇ ଦେବ।

ଘରେ ଯେଉଁ ବଗିଚା ଥିଲା, ସେଥିରେ ବହୁତ ଫୁଲ ଫୁଟୁ ଥିଲା, ଘର ପୂଜା ପାଇଁ ସୁଗୁଣା ଫୁଲ ତୋଳି ରଖେ, ବାକି ଫୁଲ ପ୍ରତିଦିନ ପାଖ ମନ୍ଦିରରେ ଦେଇ ଆସେ। ଘରେ ଫଳ ପନିପରିବାର ଚୋପାକୁ ବଗିଚାରେ ଗାତ ଖୋଳି ସଢ଼ାଇ ଖତ କରେ। ମା'ର ପୁରୁଣା ଶାଢ଼ିରୁ କନ୍ଥା ବନେଇ ଘରେ ସହାୟତା କରୁଥିବା ଲୋକମାନଙ୍କୁ ଦିଏ। ଛୁଆଙ୍କ ଛୋଟ ହୋଇଯାଉଥିବା ପୋଷାକ ଓ ଖେଳଣା କାହାକୁ କାହାକୁ ଦେଇଦିଏ।

ସୁଗୁଣା କେବଳ ଶାଶୁଙ୍କର ଖୁବ୍ ଯତ୍ନ ନିଏ ବୋଲି ନୁହେଁ, ଦରକାର କରୁଥିବା ସବୁ ସଦସ୍ୟଙ୍କୁ ସାହାଯ୍ୟ କରେ। ମୋହିତ ଟୁର୍‌ରେ ଗଲେ, ଛୁଆଙ୍କ ପାଠପଢ଼ା, ଘର ପରିବାର, ବନ୍ଧୁବାନ୍ଧବଙ୍କ କଥା ସବୁ ସୁଗୁଣା ସୁନ୍ଦର ଭାବେ ବୁଝେ।

ହଠାତ୍ ମୋହିତର କାନ୍ଧ କିଏ ଧରିଲା। ଫେରି ଚାହିଁଲା ମୋହିତ ଦେଖିଲା ତା' ମା ଧରି ଥିଲା। ପୁଅକୁ ଚାହିଁ କାନ୍ଦି କାନ୍ଦି କହିଲେ, "ପୁଅରେ ଏ ସବୁ ମୋରି ପାଇଁ ହେଇଛି। ମୁଁ ପଡ଼ି ଯିବି ବୋଲି ସୁଗୁଣା ଦୌଡ଼ି ଆସିଲା ମୋତେ ଧରିବାକୁ ।"

ତେର ବର୍ଷର ନାତୁଣୀ ଆଶ୍ୱାସନା ଦେଇ କହିଲା, "ଜେଜେମା କାନ୍ଦ ନାହିଁ, ମା' ଆମକୁ ଛାଡ଼ି କୁଆଡ଼େ ଯିବନି ।"

ଗାଧୋଇବା ପରେ ଶାଶୁ ଆସୁଥିଲେ। ହଠାତ୍ ମୁଣ୍ଡ ବୁଲେଇଲା ପଡ଼ି ଯାଇ ଥାଆନ୍ତେ, ସୁଗୁଣା ଦୌଡ଼ି ଯାଇ ଧରି ପକାଇବ କ'ଣ ତା' ହାତରୁ ତେଲ ଗିନାଟା ଖସି ପଡ଼ିଲା। ତେଲ ଉପରେ ତା'ର ପାଦ ଖସି ଗଲା। ସେ ପଡ଼ିଗଲା ମାତ୍ରକେ ବେହୋସ୍ ହୋଇ ଗଲା। ଏହାକୁ ବିଧିର ବିଧାନ ନକହି ଆଉ କ'ଣ କହିବା?

ସୁଗୁଣାକୁ ଦେଖି ସାରି ଡାକ୍ତର ବାହାରକୁ ଆସିଲେ। ମୋହିତ କାନ୍ଧରେ ହାତ ରଖିଲେ। ମୋହିତ ଉଠିବାକୁ ଉଦ୍ୟତ ହେଲା ବେଳକୁ ଡାକ୍ତର ତା' ପାଖରେ ବସିଗଲେ। କହିଲେ- "ମୋହିତ ନିଜ ମନକୁ ଦୃଢ଼ କର। ଆମର ସବୁ ଚେଷ୍ଟା ବିଫଳ ହେଲା, ଭଗବାନଙ୍କ କୃପା ନାହିଁ। ବ୍ରେନ୍ ଡେଡ୍ ହୋଇଗଲା। ଜୀବନ ଅଛି, ନିଶ୍ୱାସ ନେଉଛି, ଯନ୍ତ୍ରଟି କାଢ଼ି ଦେଲେ ନିଶ୍ୱାସ ବନ୍ଦ ହୋଇ ଯିବ ।"

ମା' ପୁଅକୁ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲା। ସେତ ଆଗରୁ ଜଡ଼ ହୋଇ ଯାଇଥିଲା। ଖବର ପାଇ ଜ୍ଞାତି କୁଟୁମ୍ବ, ବନ୍ଧୁ ପରିଜନ ସମସ୍ତେ ଆସିବାକୁ ଲାଗିଲେ। ମୋହିତ ଚୁପ୍‌ଚାପ୍ ବସି ଥିଲା। ତା' କାନରେ ଡାକ୍ତରଙ୍କ କଥା ଗୁଞ୍ଜରିତ ହେଉଥିଲା।

ଡାକ୍ତର କହିଲେ, "କ୍ଷମା କରିବେ ମୋହିତ, ସାନ୍ତ୍ୱନା ଦେବା ପାଇଁ ଶବ୍ଦ ନାହିଁ ମୋ ପାଖରେ। ତଥାପି କହୁଛି ଆପଣ ଯଦି ଚାହିଁବେ, ଆପଣଙ୍କ ସ୍ତ୍ରୀର ଅଙ୍ଗପ୍ରତ୍ୟଙ୍ଗ ଦାନ କରିପାରିବେ। ଦରକାର କରୁଥିବା ବ୍ୟକ୍ତିମାନେ ଉପକୃତ ହେବେ। ଏହା ସମ୍ପୂର୍ଣ୍ଣ ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ।"

ମୋହିତ ଭାବୁଥିଲା, ଡାକ୍ତରଙ୍କ ନିବେଦନକୁ କେମିତି ଛୁଆଙ୍କୁ ଜଣାଇବ? ଏ କଷ୍ଟ କ'ଣ ସେମାନେ ସହି ପାରିବେ? ସୁଗୁଣାର ମା'ବାପାଙ୍କୁ କେମିତି ସାନ୍ତ୍ୱନା ଦେବ? ହେ ଭଗବାନ!

"ବାପା, ବାପା", ଯେମିତି ଝିଅର ଡାକ ଶୁଣିଲା ମୋହିତ ମୁଣ୍ଡ ଉଠାଇ ଚାହିଁଲା। ଝିଅ ପଚାରିଲା, "ବାପା କ'ଣ ଭାବୁଛ ? ଆମ ଆର୍ଥିକ ସ୍ଥିତି ସବୁବେଳେ ଭଲ ରହିଛି। ତଥାପି ମା' କୌଣସିପ୍ରକାର ଜିନିଷକୁ ବେକାର ଫୋପାଡ଼ି ଦିଏନି। କେମିତି ହେଉ ପଛେ ତାକୁ କାମରେ ଲଗେଇ ଦିଏ। ଯାହାର ଯାହା ଦରକାର ଅନ୍ୟମାନଙ୍କୁ ମା' ଖୁସିରେ ଦେଇ ଦିଏ। ମା' ମରିଗଲା ପରେ, ଏ ସ୍ଥିତିରେ, ମା'ର ଅଙ୍ଗପ୍ରତ୍ୟଙ୍ଗ ଯଦି ଅନ୍ୟ କାହାର କାମରେ ଆସିବ, ତାହେଲେ ମା'ର ଆତ୍ମାକୁ ଶାନ୍ତି ମିଳିବ ବାପା ।"

ଝିଅର କଥା ଶୁଣି ମୋହିତର ଚିନ୍ତା ଦୂର ହୋଇଗଲା। ମନରେ ଯେଉଁ ଦ୍ୱନ୍ଦ୍ୱ ଥିଲା ତାହା ଦୂର ହୋଇଗଲା। ଝିଅକୁ କୋଳେଇ ଧରି କାନ୍ଦି ପକେଇଲା, ଭିତରେ ଥିବା ସବୁ କୋହ ବାହାରି ଆସିଲା। ବର୍ଷା ପରେ ଆସିଥିବା ଖରା ପରି ଶାନ୍ତ ହୋଇ ଝିଅ ସହ ଡାକ୍ତରଙ୍କ ପାଖକୁ ମୋହିତ ଗଲା। ଝିଅ କହିଲା, "ବାପା ମା' କେତେ ମହାନ ଥିଲା। ସାରା ଜୀବନ ସବୁ ଜିନିଷକୁ ରି-ସାଇକ୍ଲିଂ କରୁଥିଲା। ଗଲା ବେଳକୁ ବି ତା' ନିଜ ଅଙ୍ଗ ପ୍ରତ୍ୟଙ୍ଗକୁ ରି-ସାଇକ୍ଲିଂ ପାଇଁ ଛାଡ଼ି ଗଲା। ସେ ଯେଉଁ ସିଦ୍ଧାନ୍ତରେ ଚାଲୁଥିଲା, ତାହା ତା' ଜୀବନରେ ପ୍ରମାଣିତ ହୋଇ ଗଲା ।"


"ହଁ ଝିଅ! ତୋ ମାଆ ମହାନ୍ ।" ■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୮୬୧୩୮୫୦୪୬

## ପୁସ୍ତକ ପରିଚୟ

### ବ୍ଲୁ

ଲୋପାମୁଦ୍ରା ମୈକାପ୍




ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୭୯ ଟଙ୍କା

ମାନବୀୟ ସମ୍ବନ୍ଧର ମାର୍ମିକ ଚିତ୍ରରେ ବର୍ଣ୍ଣିଳ ଲୋପାମୁଦ୍ରା ମୈକାପ୍‌ଙ୍କ 'ବ୍ଲୁ' ପୁସ୍ତକର ଗପଗୁଡ଼ିକ। ଏହି ପୁସ୍ତକରେ ୧୩ଟି ଗପ ସଂକଳିତ ହୋଇଛି। ପ୍ରତିଟି ଗପର ଭାବ, ଆବେଦନ, ଅନ୍ତଃସ୍ୱର ଅଲଗା ଅଲଗା। 'ଏକ ରେଳଯାତ୍ରା: ନିୟୁଦିଲ୍ଲୀରୁ ଭୁବନେଶ୍ୱର', 'ଜନ୍ମ', 'ଦଗ୍ଧ କାଠଯୋଡ଼ି', 'ଅନୁମତି', 'ନିଖୋଜ ଜହ୍ନର ଠିକଣା', 'ନୀଳାଞ୍ଜନା', 'ବାଘୁଣୀ', 'ଭର୍ଜିନ୍ ମୋହିତୋ ଓ ନୟନ ପଣ୍ଡା', 'ମୁଁ, ତୁମେ ଓ ଆମ ପୃଥିବୀ', 'ସରି ଆସୁଥିବା ରାତି', 'ବ୍ଲୁ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସକାରାତ୍ମକ ବିଚାରଧାରା, ମାନବୀୟ ସମ୍ବେଦନଶୀଳତା, ସାମାଜିକ ପ୍ରତିବଦ୍ଧତାର ଚିତ୍ର ଅନେକ ଗପରେ ପ୍ରତିଫଳିତ ହୋଇଛି। ଆଧୁନିକ ମଣିଷର ଜୀବନଶୈଳୀ ଓ ଚିନ୍ତାଧାରା ଅତି ଚମତ୍କାର ଭାବେ କେତେକ ଗପରେ ଫୁଟି ଉଠିଛି। 'ବ୍ଲୁ' ଗପରେ ଦାମ୍ପତ୍ୟ ଓ କୈଶୋର ପ୍ରେମର ନିଛକ ପ୍ରତିଛବି, ମଧୁର ସ୍ମୃତି ପ୍ରସ୍ଫୁଟିତ ହୋଇଉଠିଛି । 'ମେଘା' ଚରିତ୍ରର ଅନ୍ତଃଭାବନାକୁ ଗାଳ୍ପିକା ଅତି ଚମତ୍କାର ଭାବେ ରୂପାୟିତ କରିଛନ୍ତି। ମଣିଷ ମନର ପ୍ରେମ, ଆଶା, ଆନନ୍ଦ, ବେଦନା ଓ ଅବସାଦ ବିଭିନ୍ନ ଭାବରେ ଭିନ୍ନ ଭିନ୍ନ ଗପରେ ଅତି ସରଳ ଭାଷାରେ ପ୍ରକାଶ ପାଇଛି। 'ବ୍ଲୁ' ପୁସ୍ତକର ଗପଗୁଡ଼ିକ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ମାଇଁ ହାର୍ଟ ସ୍ପିକ୍ସ

ନନ୍ଦ କିଶୋର ଦାଶ




ଜାଲ୍ ପ୍ରିଣ୍ଟିଂ ୱାର୍କସ
ଗୋବିନ୍ଦପାଲି ରୋଡ୍
ବରଗଡ଼-୭୬୮୦୨୮
ପ୍ରଥମ ସଂସ୍କରଣ: ୨୦୨୫

ସାରସ୍ୱତ ସାଧକ ନନ୍ଦ କିଶୋର ଦାଶଙ୍କ ଇଂରାଜୀ ପୁସ୍ତକ 'ମାଇଁ ହାର୍ଟ ସ୍ପିକ୍' ପ୍ରକାଶ ପାଇଛି। ଏହି ପୁସ୍ତକରେ କେତୋଟି ଗଦ୍ୟ ଓ ପଦ୍ୟ ସଂକଳିତ ହୋଇଛି। 'ଟୁ ନୀନା', 'ସୁଇପ୍ ଅଫ୍ ୟୋର୍ ସ୍ମାଇଲ୍', 'ଦ ଫିଅର୍‌ଲେସ୍', 'ଗଡ୍! ଗିଭ୍ ଅସ୍ ମଦର୍', 'ଓ ସାଇଲେଣ୍ଟ ଲଭ୍', 'ରିଚ୍', 'ଲିଡର୍‌ସିପ୍' ଆଦି କବିତା ଓ ସନେଟ୍‌ଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଅନେକ କବିତାରେ ନିଃସ୍ୱାର୍ଥ ପ୍ରେମ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି। ନିଃସ୍ୱାର୍ଥପର ପ୍ରେମ ହିଁ ମଣିଷର ସଂପର୍କକୁ ଅଧିକ ପ୍ରଗାଢ଼ କରିଥାଏ, ତାହା ଏହି ପୁସ୍ତକର କେତେକ କବିତାରେ ସ୍ପଷ୍ଟ ଭାବେ ଚିତ୍ରିତ ହୋଇଛି। ସେହିପରି ଏହି ପୁସ୍ତକର 'ରିଲିଜନ୍ ଆଣ୍ଡ ହେରିଟେଜ୍', 'ହିନ୍ଦୁଜିମ୍', 'ସାଇନ୍‌ସ', 'ଫେଥ୍', 'ଡିଭୋସନ୍', 'ଟ୍ରୁ ହେପିନେସ୍', 'ବେସିସ୍ ଅଫ୍ ମ୍ୟାରେଜ୍' ଆଦି ଲେଖାଗୁଡ଼ିକରେ ସାଂପ୍ରତିକ ପ୍ରସଙ୍ଗ ଉପରେ ଲେଖକ ଶ୍ରୀଯୁକ୍ତ ଦାଶ ଆଲୋକପାତ କରିଛନ୍ତି। ମୌଳିକ ଚିନ୍ତନ, ସାମାଜିକ ବାସ୍ତବତାର ଚିତ୍ର ଯୋଗୁଁ 'ମାଇଁ ହାର୍ଟ ସ୍ପିକ୍' ପୁସ୍ତକର ଲେଖାଗୁଡ଼ିକ ମନଛୁଆଁ ହୋଇଛି। ଲେଖକ ନିଜ ହୃଦୟର ଭାବାବେଗକୁ ଅତି ସରଳ ଓ ବୋଧଗମ୍ୟ ଭାଷାରେ ଲିପିବଦ୍ଧ କରିଛନ୍ତି। 'ମାଇଁ ହାର୍ଟ ସ୍ପିକ୍' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ନିଆଁ



ମୂଳ ହିନ୍ଦୀ : କୌଶଳ କିଶୋର
ଅନୁବାଦ: ଅଞ୍ଜୁମନ ଆରା

ନିଆଁ ପଥରଗୁଡ଼ିକରେ ଥିଲା
ନିଆଁ ଶୁଖିଲା ଗଛସବୁରେ ଥିଲା
ନିଆଁ ପୃଥିବୀର ଭିତରେ ଥିଲା

ଏହି ନିଆଁକୁ
ନିଆଁ ଭାବେ ବୁଝିବାରେ
ଶତାବ୍ଦୀ ବିତିଗଲା

ଏବେ ତ ଚାରିଆଡ଼େ
କେବଳ ନିଆଁ ହିଁ ନିଆଁ
ସେ ଲାଗିଯାଏ
ସେ ଲଗାଯାଏ ମଧ୍ୟ

ଯେପରି ରାଜଧାନୀରେ ଲାଗିଥିଲା
ଦେଖୁ ଦେଖୁ
ଦୁଇ ଶହ ଝୁମ୍ପୁଡ଼ି ଜଳି ପାଉଁଶ ହୋଇଗଲା

ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ହେଲା
ଡଜନେ ଲୋକଙ୍କ ଜୀବନ ଗଲା
ସଜେଇଥିବା ସ୍ୱପ୍ନତକ ମାଟି ହୋଇଗଲା

ମହାନଗରର
ମାଉଣ୍ଟେନ ଭ୍ୟୁ ଆପାର୍ଟମେଣ୍ଟରେ
ଖୁସି ପାଳିତ ହେଲା ମିଠା ବଣ୍ଟାଗଲା
ସେମାନେ କହୁଥିବା ଶୁଣାଗଲା
ନିଆଁ କ'ଣ ଲାଗିଲା
ପଛପଟ ମଇଳା ସଫା ହୋଇଗଲା

"ମୋଗାମ୍ବୋ ଖୁସି ହେଲା"
ଚେହେରା ଚମକି ଉଠିଲା
ସବୁଠୁ ବେଶି ଖୁସି
ନଗର ପ୍ରଶାସନ ପାଇଲା
ଯେଉଁ କାମ ବୁଲଡୋଜର କରିଥାନ୍ତା
ତାହା
ନିଆଁ କରି ଦେଖାଇଲା

ଏବେ ନିଆଁ, ନିଆଁ ନ ଥିଲା
ସେ ଖବରକାଗଜର ଏକ ଖବର ହୋଇଗଲା
ପ୍ରଥମ ଦିନ ପଢ଼ା ଗଲା, ଦ୍ୱିତୀୟ ଦିନ ବାସି ହୋଇଗଲା । ■

# କେବଳ ଶୂନ୍ୟ



ନଦୀ ହେଉ କି ପାହାଡ଼
ଜଙ୍ଗଲ ହେଉ କି ଝରଣା

ଯେଉଁମାନେ ତିଆରି କରିନାହାନ୍ତି
ଏମାନଙ୍କୁ ରଚିବା ଓ ଗଢ଼ିବାରେ
ଯାହାଙ୍କର କୌଣସି ହାତ ନାହିଁ
ସେମାନେ ସମ୍ପୂର୍ଣ୍ଣ ନଦୀକୁ ଗିଳି ଯାଉଛନ୍ତି

ସେମାନେ ପାହାଡ଼ର ପେଟ ଭିତରେ
ଏତେ ବିସ୍ଫୋଟକ ଭରିଛନ୍ତି
ଯେ ପାହାଡ଼ ଦେହର
କୌଣସି ବି ଅଂଶ ସମ୍ପୂର୍ଣ୍ଣ ହୋଇ ରହିନାହିଁ

ସେମାନେ ସବୁଜ ଜଙ୍ଗଲକୁ ନୁହେଁ ବରଂ
କଂକ୍ରିଟ୍ ଜଙ୍ଗଲକୁ ଭଲ ପାଆନ୍ତି
ଏବଂ ତାକୁ ହିଁ
ପୃଥିବୀରେ ଚାଷ କରୁଛନ୍ତି

ଯାହାସବୁ ହେଉଛି
ଯେଉଁମାନେ କରୁଛନ୍ତି
ଅନ୍ତତଃ କେଉଁ ଅଧିକାର ବଳରେ !
ଯେତେବେଳେ କି କର୍ତ୍ତବ୍ୟ ଖାତାରେ
ସେମାନଙ୍କ ଭାଗ ଶୂନ୍ୟ
କେବଳ ଶୂନ୍ୟ । ■

ପ୍ରଫେସର, ହିନ୍ଦୀ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮୬୨୯୭୮୬

# କୋଲେରିଜ୍‌ଙ୍କ ସାହିତ୍ୟର ଅନ୍ତଃସ୍ୱର



ବିଜୟକୁମାର ପାଢୀ

ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର କବି, ସମାଲୋଚକ ତଥା ଦାର୍ଶନିକ ସାମୁଏଲ୍ ଟେଲର କୋଲେରିଜ୍‌ଙ୍କ ପ୍ରତିଭା ବିଶ୍ୱବିଦିତ। ଅଷ୍ଟାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଏବଂ ଊନବିଂଶ ଶତାବ୍ଦୀର ଅନ୍ୟଭାଗରେ ସେ ଏପରି ଜଣେ ସାହିତ୍ୟିକ ଥିଲେ, ଯିଏ ନିଜର କାଳଜୟୀ ସାହିତ୍ୟକୃତି - କବିତା ଏବଂ ସମାଲୋଚନାଧର୍ମୀ ଗଦ୍ୟ ମାଧ୍ୟମରେ ଇଂରାଜୀ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି। ତାଙ୍କର ସାହିତ୍ୟ ସମ୍ଭାରଗୁଡ଼ିକ ପ୍ରକୃତି, ଅଲୌକିକତା, ଦର୍ଶନ ଏବଂ ମଣିଷ ମନର ଅବଦିମତ ଚିନ୍ତନ ଉପରେ ମୁଖ୍ୟତଃ ପର୍ଯ୍ୟବସିତ। ସମସାମୟିକ କବି ୱାର୍ଡ୍‌ସ୍‌ୱର୍ଥଙ୍କ ସହିତ ମିଶି ଊନବିଂଶ ଶତାବ୍ଦୀରେ ଏକ ରୋମାଣ୍ଟିକ ଧାରାର ପ୍ରଚଳନ କରିଥିଲେ। ସାହିତ୍ୟରେ ତର୍କ, ଯୁକ୍ତି ତଥା ତଥ୍ୟଭିତ୍ତିକ ଜ୍ଞାନ ଅପେକ୍ଷା କଳ୍ପନା ଏବଂ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଆରୋପ କରନ୍ତି କୋଲେରିଜ୍। ସେଥିପାଇଁ ପ୍ରାବନ୍ଧିକ ଚାର୍ଲସ ଲ୍ୟାମ୍ବ ତାଙ୍କୁ ତର୍କନିଷ୍ଠ ଆଧ୍ୟାତ୍ମିକ (Logician, Metaphysician) କବି ଭାବରେ ଅଭିହିତ କରିଛନ୍ତି।

୧୭୯୮ ମସିହାରେ ପ୍ରକାଶିତ 'ପ୍ରିଫେସ୍ ଟୁ ଲିରିକାଲ ବାଲାଡ୍' (Preface to Lyrical Ballad)ରେ ସମୁଦାୟ ୨୩ ଗୋଟି କବିତା ସ୍ଥାନ ପାଇଥିଲା ଏବଂ ତନ୍ମଧ୍ୟରୁ କୋଲେରିଜ୍‌ଙ୍କର କାବ୍ୟ ସଂଖ୍ୟା ଥିଲା ୪ ଗୋଟି। ଉକ୍ତ ସଂକଳନଟି ପ୍ରକୃତି ଓ ତା'ର ଶୁଦ୍ଧତା, କଳ୍ପନାଶକ୍ତି, ଭାବ, ସରଳ ଏବଂ ସାବଲୀଳ ଭାବରେ ମଣିଷର ଅନୁଭୂତି ଭଳି ଗାମ୍ଭୀର୍ଯ୍ୟପୂର୍ଣ୍ଣ ବିଷୟ ଉପରେ ପର୍ଯ୍ୟବସିତ। ତାଙ୍କର କବିତାଗୁଡ଼ିକ ଦାର୍ଶନିକ ପ୍ରଜ୍ଞା, ଗତିଶୀଳ ଆତ୍ମୀୟତାର କଥୋପକଥନ, ଗଭୀର କଳ୍ପନା ଶକ୍ତି ଏବଂ ତା'ର ଅନୁଶୀଳନର ଏକ ଫେଣ୍ଟାଫେଣ୍ଟି ଭାବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏତଦ୍‌ବ୍ୟତୀତ ରୋମାଣ୍ଟିକ୍ ସାହିତ୍ୟରେ ସୃଷ୍ଟିର ରହସ୍ୟ, କଳ୍ପନାର ଅଦ୍ଭୁତ ଶକ୍ତି, ଦୃଷ୍ଟିକୋଣ ପରିବର୍ତ୍ତନର ସ୍ପଷ୍ଟ ସାକ୍ଷ୍ୟ ବହନ କରିଥାଏ ତାଙ୍କର କାଳଜୟୀ ରଚନାଗୁଡ଼ିକ। ସେହି ୧୭୯୮ ମସିହାରେ ପ୍ରକାଶ ପାଇଥିବା 'ଦ ରାଇମ୍ ଅଫ୍ ଦ ଏନେସେଣ୍ଟ ମାରିଜର' କୋଲେରିଜ୍‌ଙ୍କର ସର୍ବଶ୍ରେଷ୍ଠ କଳାକୃତି 'ରୋମାଣ୍ଟିକ୍ ଧାରା'ରେ କବି କୋଲେରିଜ୍ ହିଁ ପ୍ରଥମେ କବିତାର ଅଲୌକିକତାକୁ (Supernaturalism) ବ୍ୟବହାର କରିଥିଲେ। ୱାଡସ୍‌ୱର୍ଥଙ୍କ କାବ୍ୟଚେତନା ପ୍ରକୃତି ଉପରେ ଗୁରୁତ୍ୱ ଆରୋପ କରୁଥିବା ବେଳେ କୋଲେରିଜ୍ କିନ୍ତୁ ଅଲୌକିକ ଏବଂ ରହସ୍ୟବାଦୀ ଚିନ୍ତାଧାରାର ଉଦ୍‌ଘୋଷକ। ତାହାର ପ୍ରକୃଷ୍ଟ ପ୍ରମାଣ ହେଉଛି ସୁଦୀର୍ଘ କାବ୍ୟ 'ଦ ରାଇମ୍ ଅଫ୍ ଦ ଏନସେଣ୍ଟ ମାରିନରଡ଼'ର କାହାଣୀ। ୱାଡର୍ସୱର୍ଥ ପ୍ରକୃତି ମଧ୍ୟରେ (Pantheism) ଭଗବାନଙ୍କ ସ୍ୱରୂପକୁ ଦେଖୁଥିଲା ବେଳେ କୋଲେରିଜ୍ ଅଲୌକିକ ଦୁନିଆରେ ଅଧିକ ବିଶ୍ୱାସ ରଖିଥିଲେ। 'ଏନ୍‌ସେଣ୍ଟ ମାରିନର' କବିତାଟି ବେଶ୍ ଆଦୃତ ଏହାର ସର୍ବକାଳୀନ ଆବେଦନ ପାଇଁ। ବିନାକାରଣରେ 'ଆଲ୍‌ବୋଟ୍ରସ' ଭଳି ଏକ ନିରୀହ ସାମୁଦ୍ରିକ ପକ୍ଷୀକୁ ହତ୍ୟା ଏହି କାବ୍ୟର ମୁଖ୍ୟ ବିଷୟବସ୍ତୁ। ପାପ, ଦୋଷ ଏବଂ ଦୋଷରୁ ମୁକ୍ତି ବା ପାପ ପ୍ରକ୍ଷାଳନ (sin, guilt and redemption) ହିଁ କବିତାର ସାରାଂଶ। ସୌନ୍ଦର୍ଯ୍ୟବୋଧରୁ ସାହିତ୍ୟର ଜନ୍ମ ଏବଂ ସେହି ସାହିତ୍ୟରେ ହିଁ ମଣିଷର ବହୁବିଧ କାର୍ଯ୍ୟକଳାପ ଓ ଆତ୍ମସଚେତନା ପ୍ରକାଶ ପାଇଥାଏ। ତାଙ୍କର ଅନ୍ୟ ଶ୍ରେଷ୍ଠକୃତି ଗୁଡ଼ିକ ହେଲା – 'କୁବ୍‌ଲାଖାନ୍', 'କ୍ରିଷ୍ଟାବେଲ' ଏବଂ 'ଫ୍ରୋଷ୍ଟ ଏଟ୍ ମିଡ୍‌ନାଇଟ୍'। ୧୮୧୬ ମସିହାରେ ପ୍ରକାଶିତ 'କୁବ୍‌ଲାଖାନ୍' ପଦ୍ୟଟି ଏକ ଭଗ୍ନାଂଶ ମାତ୍ର। ମଣିଷର କଳ୍ପନା, ସୃଜନୀ ଶକ୍ତି ଏବଂ ଅପୂର୍ବ ଅନୁଭୂତି ଉପରେ ପର୍ଯ୍ୟବସିତ। ବ୍ୟକ୍ତି ଜୀବନର କଳ୍ପନା ଶକ୍ତି ତା'ର ଅନ୍ତର୍ନିହିତ ସୃଜନ ଶକ୍ତିକୁ ଅନେକାଂଶରେ ପ୍ରଭାବିତ କରିଥାଏ ବୋଲି କବିଙ୍କର ଦୃଢ଼ ବିଶ୍ୱାସ। 'କ୍ରୀଷ୍ଟାବେଲ୍' କବିତାଟି ସମ୍ପୂର୍ଣ୍ଣ ବର୍ଣ୍ଣନାତ୍ମକ। ସମାଜର ଭଲ, ମନ୍ଦ, ଆନୁଗତ୍ୟ ଏବଂ ସର୍ବୋପରି ଅଲୌକିକ ଦୁନିଆର ଏକ ନିଖୁଣ ଚିତ୍ର ଉପସ୍ଥାନ କରିଛନ୍ତି କୋଲେରିଜ୍ ଏହି କାବ୍ୟଟିରେ। ବାସ୍ତବରେ କବିତାରେ କୁହୁକ ପ୍ରଦର୍ଶନ କରୁଥିବା କାବ୍ୟସ୍ରଷ୍ଟା ହେଉଛନ୍ତି ଊନବିଂଶ ଶତାବ୍ଦୀର ପ୍ରଥିତଯଶା କବି କୋଲେରିଜ୍। ବ୍ୟକ୍ତିର ଅନ୍ତଃସ୍ୱର ମାର୍ମିକ ଭାବରେ ପ୍ରକାଶ କରିବାରେ ସେ ଥିଲେ ଅଦ୍ୱିତୀୟ ଶବ୍ଦଶିଳ୍ପୀ। ତାଙ୍କ କବିତାର ଭାବ, ସ୍ୱର ଏବଂ ଆବେଦନ ସର୍ବକାଳୀନ ଏବଂ ସାର୍ବଜନୀନ -ଏଥିରେ ଦ୍ୱିମତ ପ୍ରକାଶ କରିବାର ନାହିଁ। ୧୭୯୮ ମସିହାରେ ପ୍ରକାଶିତ 'ଫ୍ରଷ୍ଟ ଏଟ୍ ମିଡ୍‌ନାଇଟ୍' ପ୍ରକୃତି ନିର୍ଜନତା ଏବଂ ଆଶା ଭଳି ବିଷୟବସ୍ତୁ ଉପରେ ସନ୍ନିବେସିତ ଅନ୍ୟ ଏକ ଚିନ୍ତା ଉଦ୍ରେକକାରୀ କାବ୍ୟ। ଏହି କାବ୍ୟରେ କବିଙ୍କର ପ୍ରକୃତି ପ୍ରେମ ଆଧ୍ୟାତ୍ମିକ ଦର୍ଶନ ଏବଂ ସର୍ବୋପରି ନିଜର ପୁତ୍ରର ଶୈଶବସ୍ଥାର ଲାଳନପାଳନକୁ ଦେଇ ନିପୁଣ ଭାବରେ ବର୍ଣ୍ଣନା କରୁଛି। ପ୍ରକୃତିର ଚରିତ୍ର ଚିତ୍ରଣରେ ମଧ୍ୟ ସେ ସମୟରେ ତାଙ୍କର ସମକକ୍ଷ କେହି ନଥିଲେ। ୱାଡର୍ସୱର୍ଥଙ୍କ ଭଳି ପ୍ରକୃତିକୁ ସେ ମଧ୍ୟ ସର୍ବଶ୍ରେଷ୍ଠ ଶିକ୍ଷକ ଭାବରେ ଗ୍ରହଣ କରିଦେଇଛନ୍ତି। ବାଲ୍ୟବସ୍ଥାର ନୀରିହତା, ସ୍ମୃତି ଏବଂ ମନ ଉପରେ ପ୍ରକୃତିର ପ୍ରଭାବକୁ ନିଜସ୍ୱ ଶୈଳୀରେ ବର୍ଣ୍ଣନା କରିଛନ୍ତି। ସେ ରଚନା କରିଥିବା ସମସ୍ତ କାବ୍ୟକବିତାରେ ମଧୁର କଳ୍ପନାଶକ୍ତି, ଭାଷାର ସୁନ୍ଦରତା ଓ ସ୍ୱଚ୍ଛତା ଶୈଳୀର ନବୀନତା ଓ ପରିପୃଷ୍ଟ ଚିତ୍ରଣ ଦେଖିବାକୁ ମିଳେ। ଜୀବନକୁ ନେଇ ସାହିତ୍ୟ – ଜୀବନ ପାଇଁ ସାହିତ୍ୟ ପ୍ରସ୍ତୁତି କରିବାରେ କୋଲେରିଜ୍ ଥିଲେ ଦକ୍ଷ ବିନ୍ଧାଣୀ। କୋଲେରିଜ୍ ଅନୁଭବ କରିଥିଲେ କବିତା ତାଙ୍କ ଚିନ୍ତା ଓ ଚେତନାର କେବଳ ଅଭିବ୍ୟକ୍ତି ନୁହେଁ - ଏହା ମଣିଷ ଅସ୍ତିତ୍ୱର ଏକ ଅଂଶବିଶେଷ। ଏତଦ୍‌ବ୍ୟତୀତ କୋଲେରିଜ୍‌ଙ୍କ ସାହିତ୍ୟ କେବଳ ମଣିଷ ମନରେ କରୁଣା ଓ ସମବେଦନା ଜାଗ୍ରତ କରିନଥାଏ। ଏହା ମଧ୍ୟ ନିରାଶା ପ୍ରପୀଡ଼ିତ ହୃଦୟରେ ଆଶା ସଞ୍ଚାର କରେ। ଦୋଷ କରିଥିବା ମଣିଷକୁ ଅନୁତାପରେ ଜର୍ଜରିତ କରେ। ଅନ୍ଧକାରରେ ନିମଗ୍ନ ମଣିଷ ସମାଜକୁ ଆଲୋକର ରାସ୍ତା ଦେଖାଇଥାଏ। ମଣିଷର ଆବେଗ ସହ ତା'ର ମନସ୍ତତ୍ତ୍ୱକୁ ମଧ୍ୟ ବିଶ୍ଳେଷଣ କରେ। ବାସ୍ତବିକ କବିତାରେ ବ୍ୟବହୃତ ଶବ୍ଦର ଉଷ୍ମତା ଓ ଭାବ ତାଙ୍କ କବିତାର ଅନ୍ୟ ଏକ ବୈଶିଷ୍ଟ୍ୟ। ତାଙ୍କର ଚିତ୍ରତୁଲ୍ୟ ଶବ୍ଦ ପରିବେଷଣ, ଉପମା, ଅଳଙ୍କାର ତାଙ୍କୁ ଏକ ନିଆରା ଚିତ୍ରଶିଳ୍ପୀ ଭାବରେ ମଧ୍ୟ ପରିଚୟ ପ୍ରଦାନ କରିଛି।

କବିର କଳ୍ପନା ଏବଂ ବିଚାର ଶକ୍ତି ମଧ୍ୟରେ ପ୍ରଭେଦକୁ କୋଲେରିଜ୍ ତାଙ୍କ କାବ୍ୟଗୁଡ଼ିକରେ ପ୍ରତିପାଦନ କରିଛନ୍ତି। ତାଙ୍କ ମତରେ ବାସ୍ତବ କବିତା କଳ୍ପନା ପ୍ରସୂତ ଯାହା କବିଙ୍କର ଆତ୍ମା, ପ୍ରଜ୍ଞା, ବିଚାରଶକ୍ତି, ଭାବକୁ ସଂଯୋଗ କରି କଳ୍ପନା ପ୍ରସୂତ ସତ୍ୟକୁ ଉନ୍ମୋଚନ କରାଏ। ବିଜ୍ଞାନ ତଥ୍ୟ ଗ୍ରହଣରେ ବିଶ୍ୱାସ କରୁଥିବା ବେଳେ କବିତା କିନ୍ତୁ ଜୀବନ୍ତ ସତ୍ୟ - ଯାହା ଆତ୍ମାକୁ ସଚେତନ କରାଏ – ଏହା କବିଙ୍କର ଦୃଢ଼ୋକ୍ତି। ପାଠକମାନଙ୍କର ଆନନ୍ଦ ପ୍ରାପ୍ତି ସହିତ ପାଠକୀୟ ଚେତନାର ଉତ୍ତରଣ ଏବଂ ହୃଦୟକୁ ସମ୍ପୂର୍ଣ୍ଣ ସିକ୍ତ କରାଇବାରେ ତାଙ୍କର ସାହିତ୍ୟ କୃତିଗୁଡ଼ିକ ସକ୍ଷମ। କବିଙ୍କର ମତ ଗଦ୍ୟରେ ଶବ୍ଦଗୁଡ଼ିକ ସର୍ବୋତ୍କୃଷ୍ଟ ଶୃଙ୍ଖଳାରେ ରହୁଥିବାବେଳେ ପଦ୍ୟରେ ସର୍ବୋତ୍କୃଷ୍ଟ ଶବ୍ଦ ସର୍ବୋତ୍କୃଷ୍ଟ ଶୃଙ୍ଖଳାରେ ଥାଏ।

ଜୀବନର ବିବିଧ ରଙ୍ଗ, ଜଟିଳତା ଓ ଅନୁଭୂତିକୁ ପାଥେୟ କରି କବି କୋଲେରିଜ୍ ବାଢ଼ି ଦେଇଛନ୍ତି ଆପଣାର ଅଭିବ୍ୟକ୍ତି ଏବଂ ଦର୍ଶନ କବିତା ମାଧ୍ୟମରେ। ଭାଷାରେ ନମନୀୟତା, ରହସ୍ୟବାଦୀ କାବ୍ୟ ଚେତନାର ପ୍ରବାହ, ପରିପକ୍ୱ ଶବ୍ଦବିନ୍ୟାସ ପାଇଁ ସେ ପ୍ରତ୍ୟେକ ପାଠକଙ୍କ ହୃଦୟକୁ ସ୍ପନ୍ଦିତ କରିଆସୁଛନ୍ତି। ■

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

# ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର

## (୨୬୭ତମ ଜୟନ୍ତୀ ଉପଲକ୍ଷେ)

ଈଶ୍ୱର ଚନ୍ଦ୍ର ଜେନା

ପୁରାଣବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ଯେଉଁ କ୍ଷେତ୍ରକୁ ପାବନ ଭୂମିରେ ପରିଣତ କରିଛି, ତାହା ହେଲା; ଯାଜନଗ୍ର ବା ଯାଜପୁର ବା ବିରଜା କ୍ଷେତ୍ର। ଏହି ମାଟିରେ ବହୁ ଯୋଗଜନ୍ମା ଅବତୀର୍ଣ୍ଣ ହୋଇ ସ୍ୱକୀୟ ମହିମାରେ ଜନ୍ମମାଟିକୁ ମହିମାମଣ୍ଡିତ କରିଛନ୍ତି।

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ସେମାନଙ୍କ ମଧ୍ୟରେ ଅନ୍ୟତମ। ବାଲିଆ ଉଆସ ନିରାନନ୍ଦମୟ କ୍ଷାତ୍ରକୁଳ ଚୂଡ଼ାମଣି ଇନ୍ଦ୍ରଜିତ ସାମନ୍ତସିଂହାରଙ୍କର ଆଠଜଣ ପତ୍ନୀ ଥିଲେ ବି ସେ ଥିଲେ ନିଃସନ୍ତାନ। ଆଧ୍ୟାତ୍ମିକ ଗୁରୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ପରାମର୍ଶକ୍ରମେ ପୁତ୍ରେଷ୍ଟି ଯଜ୍ଞ କରି ଅଷ୍ଟମା ପତ୍ନୀ ତୁଳସୀ ଦେବୀଙ୍କ ଗର୍ଭରୁ ଭୂମିଷ୍ଠ ହେଲେ ଦେବ ଶିଶୁ। ତୁଳସୀ ଦୁଇପତ୍ରରୁ ବାସିଲା ପରି ନଅବର୍ଷ ବୟସରେ ତାଙ୍କର କବିତ୍ୱର ସ୍ଫୁରଣ ହେଲା। କବି କଣ୍ଠରୁ ଝରି ଆସିଲା।



"କରମ ଯାହାର ସଫଳ ହୋଇବ କୃଷ୍ଣଙ୍କୁ ଲଭିବ ସେହି ଗୋ, ମୋ ହୁଁ ଗୋ"।

ଅଭିମନ୍ୟୁ ସଂସ୍କୃତ, ହିନ୍ଦୀ, ବଙ୍ଗଳା ଓ ପାର୍ସି ଆଦି ଭାଷାରେ ରଚିତ ଶାସ୍ତ୍ର ପୁରାଣ ଓ ବ୍ୟାକରଣ ଇତ୍ୟାଦି ପଠନ ପୂର୍ବକ ଅତିମାନସ ଚେତନାର ଅଧିକାରୀ ହୋଇଥିଲେ। କବିତ୍ୱର ଉତ୍କର୍ଷଣ ଲାଭ କରି ଆମ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି, ଯାହାର ତୁଳନା ନାହିଁ। ରୀତିଯୁଗୀୟ ସାହିତ୍ୟର କାବ୍ୟକାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପଦାଙ୍କ ଅନୁସରଣ କରି ଯୁଗ ଧର୍ମ ଆଧାରରେ ଚଉପଦୀ, ଚଉତିଶା, ଭଜନ, ଜଣାଣ, ଗ୍ରାମ୍ୟଗୀତ ସମେତ କାଳ୍ପନିକ ଓ ପୌରାଣିକ କାବ୍ୟ ଯଥା- 'ରସବତୀ', 'ପ୍ରେମକଳା', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଓ 'ବିଦଗ୍ଧ ଚିନ୍ତାମଣି' ଆମ ସାରସ୍ୱତ ଭଣ୍ଡାରକୁ ଭେଟି ଦେଇଛନ୍ତି। ସରଳ, ତରଳ, ଲଳିତ, ମଧୁର ପଦ୍ୟାବଳୀ ସଂଯୋଜନା କରି କାଳ କାଳକୁ ପାଠକବର୍ଗଙ୍କୁ ଅପାର ଆନନ୍ଦ ଦାନ କରୁଛନ୍ତି। ଶିକ୍ଷା ଓ ଦୀକ୍ଷା ଗୁରୁ ପରମ ବୈଷ୍ଣବ ସଦାନନ୍ଦ ବ୍ରହ୍ମାଙ୍କର ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ହୋଇ ବୈଷ୍ଣବୀୟ କାବ୍ୟ 'ପ୍ରେମ ଚିନ୍ତାମଣି' ଓ 'ବିଦଗ୍ଧ ଚିନ୍ତାମଣି' ରଚନା କରି ଜନମାନସରେ କାଳଜୟୀ ହୋଇଛନ୍ତି।

ଯୁବା ବୟସରେ ପତ୍ନୀ ବିୟୋଗ ହେବାରୁ ବିରହ ବିଧୁର ପ୍ରାଣରେ ଚିନ୍ମୟ ପୁରୁଷ ରାଧାବଲ୍ଲଭ ଶ୍ରୀକୃଷ୍ଣଙ୍କ ପଦପଂକ୍ତିକୁ ଆଶ୍ରୟ କରି ତହିଁ ଭାବରେ ତଲ୍ଲୀନ ହୋଇ ଅପାର ଆନନ୍ଦ ଉପଲବ୍ଧି କରି କୃଷ୍ଣ କାବ୍ୟ ରଚନା କରିଛନ୍ତି। ଦିଗନ୍ତ ବିସ୍ତୃତ ସେ କବିତ୍ୱ। କବି ସମ୍ରାଟଙ୍କର ଉପମା ଓ ଅର୍ଥଗୌରବ, କବି ଦୀନକୃଷ୍ଣଙ୍କ ଲାଳିତ୍ୟର ସମାହାର ଘଟିଛି ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ। ସେଥିପାଇଁ ଡଃ ମାୟାଧର ମାନସିଂ ନିଜସ୍ୱ ମତ ବ୍ୟକ୍ତ କରିଛନ୍ତି:- "ଓଡ଼ିଆ ଭାଷାକୁ ସେ ପୃଥିବୀର ଯେକୌଣସି ଭାଷା ସହିତ ତୁଳିତ ହେବା ଭଳି ସରଳ, କୋମଳ ଓ ତରଳ କରି ପାରିଛନ୍ତି। ସାମନ୍ତ ସିଂହାରଙ୍କର ସେହି ଅପୂର୍ବ ଶିଳ୍ପ ପ୍ରତିଭା ପ୍ରତି ଯେକୌଣସି ସମାଲୋଚକ ସଶ୍ରଦ୍ଧ ହୋଇ ଉଠିବେ।"

ଏ ସବୁ ଦୃଷ୍ଟିରୁ ବିଚାର କଲେ କବି ଅଭିମନ୍ୟୁଙ୍କର ସୃଷ୍ଟି ସଂଭାର ଆମ ଭାଷା ସାହିତ୍ୟକୁ ଏକ ଉଚ୍ଚତମ ସୋପାନକୁ ଉନ୍ନତି କରିଛି; ଏଥିରେ ସନ୍ଦେହ ନାହିଁ। କବିଙ୍କ ଜନ୍ମ ଜୟନ୍ତୀରେ ଓଡ଼ିଆ ଜାତି ତାଙ୍କର ଅମଳିନ କବିତ୍ୱ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି।■

ଜନକ, ଯାଜପୁର
ମୋ: ୯୮୬୧୭୪୫୦୭୯

## ହାଇକୋର୍ଟରେ ପୂର୍ବତଟ ରେଳବାଇର ଆବେଦନ ଖାରଜ

# ଲୋକୋ-ପାଇଲଟ୍‌ଙ୍କ ପରିବାରକୁ ୪୬ ଲକ୍ଷ କ୍ଷତିପୂରଣ ଦିଅ

କଟକ,୨୪।୧(ସମିସ): ରେଳ ଦୁର୍ଘଟଣାରେ ମୃତ ଜଣେ ସହକାରୀ ଲୋକେ ପାଇଲଟଙ୍କ ପରିବାରକୁ ୪୬ଲକ୍ଷ ଟଙ୍କାରୁ ଅଧିକ କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରେଳବାଇ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ଏହି କ୍ଷତିପୂରଣରୁ କଟାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱରସ୍ଥିତ କର୍ମଚାରୀ କ୍ଷତିପୂରଣ କମିସନର ତଥା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ପୂର୍ବତଟ ରେଳବାଇ ସିନିଅର ଡିଭିଜନାଲ ପର୍ସୋନେଲଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କର୍ମଚାରୀ କ୍ଷତିପୂରଣ କମିଶନରଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ୪୬,୩୫,୫୨୩ ଟଙ୍କା କ୍ଷତିପୂରଣ ଦେବାକୁ କହିଛନ୍ତି ହାଇକୋର୍ଟ। ରେଳବାଇ ପୂର୍ବରୁ ୧୫,୪୪,୬୨୫ ଟଙ୍କା ଜମା କରିସାରିଥିବାରୁ ବାକି ୩୦,୯୦,୮୯୮ଟଙ୍କାକୁ ବାର୍ଷିକ ୧୨ପ୍ରତିଶତ ସୁଧ ସହ ମୃତ କର୍ମଚାରୀଙ୍କ ପରିବାରକୁ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମ୍ପାନୀ କିମ୍ବା ରେଳବାଇ ସ୍ୱେଚ୍ଛାକୃତ ଭାବେ ଦେଇଥିବା ଅନୁକମ୍ପାମୂଳକ ସହାୟତା କେବେ ବି ଆଇନଗତ କ୍ଷତିପୂରଣର ବିକଳ୍ପ ହୋଇପାରିବ ନାହିଁ। ଏହା ଏକ ସାମାଜିକ କଲ୍ୟାଣକାରୀ ଆଇନ ହୋଇଥିବାରୁ ଏହାକୁ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦାର ଭାବେ ବ୍ୟାଖ୍ୟା କରାଯିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ତାଳଚେରସ୍ଥିତ ପୂର୍ବତଟ ରେଳବାଇର ମୁଖ୍ୟକୁ କଣ୍ଟ୍ରୋଲରଙ୍କ ଅଧୀନରେ ସହକାରୀ ଲୋକୋ-ପାଇଲଟ୍ (ଇଲେକ୍ଟ୍ରିକାଲ୍) ଭାବେ କାର୍ଯ୍ୟରତ ଥିବା ନିଶାନ୍ତ କୁମାରଙ୍କର ୨୦୨୩ ମାର୍ଚ୍ଚ ୬ ତାରିଖରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। କାର୍ଯ୍ୟରତ ସମୟରେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରଲୋକେ କର୍ମଚାରୀ କ୍ଷତିପୂରଣ ଆଇନ ଅନୁଯାୟୀ କ୍ଷତିପୂରଣ ଦାବି କରିଥିଲେ। ଭୁବନେଶ୍ୱରସ୍ଥିତ କର୍ମଚାରୀ କ୍ଷତିପୂରଣ କମିଶନର ମୃତ ନିଶାନ୍ତଙ୍କର ପ୍ରକୃତ ଦରମା (ପାଖାପାଖି ୪୫,୦୧୬ ଟଙ୍କା) ଆଧାରରେ ୪୬,୩୫,୫୨୩ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରିଥିଲେ। କିନ୍ତୁ ରେଳବାଇ ଏହାକୁ ବିରୋଧ କରି ହାଇକୋର୍ଟରେ ଅପିଲ୍ କରିଥିଲା। ରେଳବାଇର ଯୁକ୍ତି ଥିଲା ଯେ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ପାଇଁ ସର୍ବାଧିକ ମାସିକ ଦରମା ସୀମା ୧୫,୦୦୦ ଟଙ୍କା ହେବା ଉଚିତ୍। ଏଥିସହିତ, ରେଳବାଇ ପୂର୍ବରୁ ଦେଇଥିବା ୨୫ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତାକୁ ଏହି କ୍ଷତିପୂରଣ ରାଶିରୁ ବାଦ୍ ଦିଆଯିବା ଉଚିତ ବୋଲି ଯୁକ୍ତି ଦର୍ଶାଇଥିଲା।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

**■ ୫ ଅଟକ; ଜଣେ ପୁରୀରୁ ଗିରଫ**
**■ ନାଳରୁ ମିଳିଥିଲା ହାତଗୋଡ଼ ବନ୍ଧା ଶବ**

ଟିକିରି,୨୪।୧(ସମିସ): କାଶୀପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରାଙ୍କ ନିଖୋଜ ଘଟଣାର ପର୍ଦ୍ଦାଫାସ କରିଛି ଦୋରାଗୁଡ଼ା ଥାନା ପୁଲିସ। ଗୁଣି ସନ୍ଦେହରେ ଗୋପାଳଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି। ହତ୍ୟା ଅଭିଯୋଗରେ ପୁଲିସ ୫ ଜଣକୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଈଶ୍ୱର ଦୋରାକୁ ପୁରୀରୁ ଗିରଫ କରିଛି।

ମିଳିଥିବା ସୂଚନାନୁଯାୟୀ, ହାଡ଼ିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରା ନିଖୋଜ ଥିବା ନେଇ ପରିବାରଲୋକେ ଚଳିତ ମାସ ୯ତାରିଖରେ ଦୋରା ଗୁଡ଼ା ଥାନାରେ ଏତଲା ଦେଇଥିଲେ। ଗୁରୁବାର ଗୋପାଳଙ୍କ ହାତଗୋଡ଼ ବନ୍ଧା ଅବସ୍ଥାରେ ଥିବା ମୃତଦେହକୁ ଗାଁ ପାଖ ଏକ ନାଳରୁ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ପୁଲିସ, ଦୋରାଗୁଡ଼ା ଗ୍ରାମର କିଛି ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଗୁଣି ସନ୍ଦେହରେ ବୃଦ୍ଧ ଗୋପାଳଙ୍କୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ହତ୍ୟା ଅଭିଯୋଗରେ ପୁଲିସ ୫ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଈଶ୍ୱର ଦୋରାକୁ ପୁରୀରୁ ଗିରଫ କରିଛି। ତୀର୍ଥ ଯିବା ବାହାନାରେ ଅଭିଯୁକ୍ତଜଣଙ୍କ ଖସି ପଳାଇବାକୁ ଉଦ୍ୟମ କରିଥିଲା। ପୁରୀର କୁମ୍ଭାରପଡ଼ା ଥାନା ସହାୟତାରେ ଦୋରାଗୁଡ଼ା ପୁଲିସ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିବା ପୁଲିସ କହିଛି।

# ଦୁର୍ଘଟଣାରେ ଅବକାରୀ କର୍ମଚାରୀ ସହ ୨ ମୃତ

କୋକସରା, ୨୪।୧(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ସୁନାମାଲ-ଭାଲୁପଡ଼ା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କେନ୍ଦୁଡଙ୍ଗରୀ ଗ୍ରାମର ଅବକାରୀ କର୍ମଚାରୀ ଅମରେନ୍ଦ୍ର ମାଝି (୨୯) ଓ ସୁବାସ ନାଏକ(୨୫)। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଦୁହେଁ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ସୁନାମାଲ ଗ୍ରାମରୁ ବାଇକ୍‌ରେ କେନ୍ଦୁଡଙ୍ଗରୀକୁ ଫେରୁଥିଲେ। ଭାଲୁପଡ଼ା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍‌ଟି ଭାଙ୍ଗି ରୁଜି ଚୂରମାର୍ ହୋଇଯାଇଥିଲା ଏବଂ ସେମାନେ ନିକଟସ୍ଥ ଏକ ଚାଷଜମିରେ ସେମାନେ ଗୁରୁତର ଅବସ୍ଥାରେ ରାତି ସାରା ପଡ଼ି ରହିଥିଲେ। ବିଳମ୍ବିତ ରାତି ଯୋଗୁଁ ଦୁର୍ଘଟଣା ବାବଦରେ କେହି ସୂଚନା ପାଇନଥିଲେ। ଶନିବାର ସକାଳୁ କିଛି ସ୍ଥାନୀୟ ଲୋକେ ସେମାନଙ୍କୁ ଦେଖି କୋକସରା ପୁଲିସକୁ ଖବର ଦେଇଥିଲେ। କିନ୍ତୁ ସେତେବେଳକୁ ସେମାନଙ୍କ ମୃତ୍ୟୁ ହୋଇସାରିଥିଲା। ପ୍ରାଥମିକ ତଦନ୍ତ ପରେ ପରିବାରଲୋକଙ୍କ ଉପସ୍ଥିତିରେ ପୁଲିସ ଦୁହିଁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ସେମାନଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଶେଷ ସମ୍ମାନ ପୂର୍ବକ ଗାର୍ଡ ଅଫ୍-ଅନର୍ ପ୍ରଦାନ କରିଥିଲେ।

# ଆଜିଠାରୁ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭମେଳା

**■ ଆରମ୍ଭ ହେବ ହୋମ ଯଜ୍ଞ**
**■ ରାଜ୍ୟ ତଥା ରାଜ୍ୟ ବାହାର ସାଧୁସନ୍ଥଙ୍କ ସମାଗମ**

ଭୁବନେଶ୍ୱର,୨୪।୧(ସମିସ):ଖଣ୍ଡଗିରିର ପ୍ରସିଦ୍ଧ ମାଘ ସପ୍ତମୀ ମେଳା ଆସନ୍ତା କାଲି ଅର୍ଥାତ୍ ୨୫ତାରିଖ ରବିବାର ଠାରୁ ଆରମ୍ଭ ହେବ। ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେବ ସାରା ଅଞ୍ଚଳ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ଭୋରୁ ଧୂନି ସ୍ଥାପନ ପରେ ଆରମ୍ଭ ହେବ ମାଘ ମେଳା। ଏଥିପାଇଁ ଖଣ୍ଡଗିରି ଉଦୟଗିରି ପାଦଦେଶରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯଜ୍ଞ ପାଇଁ ପ୍ରସ୍ତୁତି କରିସାରିଲେଣି। କଳିଙ୍ଗ ସମ୍ରାଟ ମହାମେଘନାଦ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଖଣ୍ଡଗିରିକୁ ସାଧନା ପାଇଁ ଆସୁଛନ୍ତି। ସାଧୁସନ୍ଥମାନେ ଏଠାକୁ ଆସି ନିଜର ଧନସମ୍ପତ୍ତିକୁ ଜ୍ୱଳାଞ୍ଜଳି ଦେଇ ସାଧନା କରନ୍ତି। ସାଧୁସନ୍ଥମାନଙ୍କ ହୋମଯଜ୍ଞ ସାଙ୍ଗକୁ ଜମିବ ମୀନାବଜାର ବ୍ୟବସାୟ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ପ୍ରସ୍ତୁତ ହୋଇସାରିଛନ୍ତି। ତେବେ ଚଳିତ ବର୍ଷ ମେଳାକୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସନାତନ ବୈଦିକ ଧର୍ମ ପରିନେଦର ଅଧ୍ୟକ୍ଷ ବାବା ପଞ୍ଚଦେବ କହିଛନ୍ତି।

ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସାଧୁସନ୍ଥ ତପସ୍ୟାରତ ରହିବେ। ଉତ୍ତର ଭାରତରୁ ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଆସି ଯୋଗ ଦେବେ। ସେହିପରି ଓଡ଼ିଶା, ହରିଦ୍ୱାର, ଗୁଜୁରାଟ ଏବଂ ଝାନ୍ସୀରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ନାଗା ବାବାଙ୍କ ସମେତ ଦିଲ୍ଲୀ, ଉତ୍ତରାଖଣ୍ଡ, ବ୍ରହ୍ମପୁର ଆଦି ସ୍ଥାନରୁ ବାବାମାନେ ଆସିଥିବା ଜଣାପଡ଼ିଛି। ଆସନ୍ତା କାଲି ୨୫ ତାରିଖ ମାଘ ସପ୍ତମୀ ଏବଂ ଚନ୍ଦ୍ରଭାଗା ବୁଡ଼। ଏହାପରେ ଆରମ୍ଭ ହେବ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭ ମେଳା। ମାଘ ସପ୍ତମୀରେ ଠାକୁର ଶ୍ରୀଶ୍ରୀ ଅନନ୍ତ କେଶରୀ ଦେବଙ୍କୁ ଜାଗମରା ନାଗା ମଠରୁ ଶୋଭା ଯାତ୍ରାରେ ଉଦୟଗିରି ମୁଣ୍ଡିଆରେ ଥିବା ରାଣୀହଂସପୁରକୁ ନିଆଯିବ। ସେଠାରେ ଠାକୁରଙ୍କ ମାଘସ୍ନାନ ପରେ ସେହି ରାତିରେ ପୁଣି ଠାକୁରଙ୍କୁ ନାଗା ମଠକୁ ଫେରାଇ ଅଣାଯିବ। ଖଣ୍ଡଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବାରଭୁଜାଙ୍କ ନିକଟରେ ଅଖଣ୍ଡ ଦୀପ ଲାଗିବା ସହ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞ ଆରମ୍ଭ ହେବ। ମାଘ ପୂର୍ଣ୍ଣିମାରେ ଯଜ୍ଞରେ ପୂର୍ଣ୍ଣାହୁତି ସହ ମେଳା ସମାପ୍ତ ହେବ। ବାରଭୁଜାଙ୍କ ପୀଠରେ ନବରାତ୍ର କୁମ୍ଭମେଳା ପାଇଁ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ, ସାଧୁ ସମ୍ମେଳନ ଓ ବିଶ୍ୱଶାନ୍ତି ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ। ଚଳିତ ବର୍ଷ ଖଣ୍ଡଗିରି କୁମ୍ଭ ମେଳାର ଯଜ୍ଞସ୍ଥଳକୁ ଆହୁରି ସରସ ସୁନ୍ଦର ଓ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ନିମନ୍ତେ ହରିଓଁ ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଯଜ୍ଞସ୍ଥଳରେ ଶ୍ରଦ୍ଧାଳୁମାନେ ବିଷ୍ଣୁଙ୍କ ବିଶ୍ୱରୂପ ମୂର୍ତ୍ତି ଓ କାଞ୍ଚି ଅଭିଜାନ ସମୟର କଳା ଘୋଡ଼ା ଓ ଧଳା ଘୋଡ଼ାରେ ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ଚଢିଥିବା ମୂର୍ତ୍ତି ଦର୍ଶନ କରିବେ ଶ୍ରଦ୍ଧାଳୁ। ମେଳା ପାଇଁ ପୂର୍ବଦିନରୁ ଝଲସିଲାଣି ଖଣ୍ଡଗିରି ପାଦଦେଶ। ସାଧୁସନ୍ଥ ବସିବା ସ୍ଥାନକୁ ସଫା କରାଯିବା ସହ ସେମାନଙ୍କର ରହିବା, ଖାଇବା, ଶୌଚାଳୟ ଆଦି ସହ ହୋମ, ଯଜ୍ଞ ପାଇଁ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ବିଏମସି ପକ୍ଷରୁ କରାଯାଇଛି।

ତେବେ କଟକ ବାଲିଯାତ୍ରାରେ ଘଟିଥିବା ଅଘଟଣର ପୁନରାବୃତ୍ତି ନହେବା ପାଇଁ ଚଳିତ ବର୍ଷ ମେଳାରେ ବଡ଼ ଦୋଳିକୁ ଅନୁମତି ଦିଆଯାଇ ନଥିବା ସୂଚନା ରହିଛି। ତେବେ ଏହି ଦୁଇଟିକୁ ବାଦ୍ ଦେଇ ଅନ୍ୟ ସମସ୍ତ ଦୋଳିର ଭରପୁର ମଜା ନେବେ ଦର୍ଶକ। ଏହାସହ ବିଭିନ୍ନ ମୀନାବଜାର ଓ ଚଟପଟା ଖାଦ୍ୟ ପାଇଁ ଆଜିଠାରୁ ଦୋକାନ ଗୁଡ଼ିକ ଖୋଲାଯାଇଥିବା ଦେଖିବାକୁ ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବାହ ଉତ୍ସବରେ...

ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ୭ଟି ଆମ୍ବୁଲାନ୍ସ, ଏକ ଅଗ୍ନିଶମ ଗାଡ଼ି ଓ ଏକ ବିପର୍ଯ୍ୟୟ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଛି। ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷ ବିସ୍ଫୋରଣ ଘଟିଥିବା ଅଞ୍ଚଳକୁ ଘେରାବନ୍ଦୀ କରି ଘଟଣା ତଦନ୍ତ ଆରମ୍ଭ କରିଛନ୍ତି। ଖାଇବର ପଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦୀ ବିସ୍ଫୋରଣକୁ ଦୃଢ଼ ନିନ୍ଦା କରିଛନ୍ତି ଓ ପୁଲିସ ମହାନିର୍ଦ୍ଦେଶକଙ୍କଠାରୁ ରିପୋର୍ଟ ମାଗିଛନ୍ତି।

### ପାକିସ୍ତାନରେ ହିମସ୍ଖଳନ...

ରେ ଜୀବନଯାତ୍ରା ଠପ୍ ହୋଇଛି। ରାସ୍ତାଗୁଡ଼ିକ ଅବରୋଧ ହୋଇଛି। ଯାତ୍ରୀମାନେ ଫସି ରହିଛନ୍ତି ଓ ଥଣ୍ଡାରେ ବିଦ୍ୟୁତ ଓ ରିଲିଫ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାକିସ୍ତାନର ଉତ୍ତର ଭାଗରେ ବର୍ଷା ଓ ତୁଷାରପାତ ସୃଷ୍ଟି କରୁଥିବା ପ୍ରଣାଳୀ ସକ୍ରିୟ ଅଛି। ଆଗକୁ ଏହା ଜାରି ରହିବ ଓ ଏଥିପାଇଁ ସମସ୍ତଙ୍କୁ ସତର୍କ ରହିବା, ଅନାବଶ୍ୟକ ଯାତ୍ରା ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି।

### ଜଳ ସଙ୍କଟରେ...

ଜଳ ହରାଇବାରେ ଲାଗିଛି। ଭୂତଳ ଜଳଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧ୍ୟରେ ୟୁରୋପର ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପରଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହାଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ଜଳ ସଙ୍କଟ ଆସିବା ଆଗରୁ ସବୁ ଦେଶ, ସଂଗଠନ ଓ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି।

### ବାଂଲାଦେଶ ବିଦା...

ନିଜର ନିଷ୍ପତ୍ତି ପରିବର୍ତ୍ତନ କରି ପାକିସ୍ତାନ ସରକାରଙ୍କୁ ଏଥିରେ କ୍ରିକେଟ ବୋର୍ଡ ସାମିଲ କରିଛି।

ବାଂଲାଦେଶ ବିଶ୍ୱକପ୍‌ରେ ଖେଳିବାକୁ ରାଜି, କିନ୍ତୁ ଭାରତରେ ଖେଳିବ ନାହିଁ। ଆଇସିସି ନିକଟରେ ଏଭଳି ଦାବି ରଖିଥିଲା ବାଂଲା କ୍ରିକେଟ ବୋର୍ଡ। ଭେନ୍ୟୁ ପରିବର୍ତ୍ତନ କରା ନ ଯାଇ ବାଂଲାକୁ ବାଦ୍ ଦେବା ଆଇସିସିର ଦୋ ମୁହାଁ ନୀତିକୁ ସ୍ପଷ୍ଟ କରୁଛି ବୋଲି ଉଭୟ ଦେଶର ବୋର୍ଡ କହିଛନ୍ତି। ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଓ ପରେ ଏସିଆ କପ୍‌ରେ ଆୟୋଜକ ପାକିସ୍ତାନରେ ଖେଳିବାକୁ ନ ଯିବା ଲାଗି ଭାରତ ଦାବି କରିଥିଲା। ଭାରତର ଦାବିକୁ ଆଇସିସି ଗ୍ରହଣ କରିବା ସହ ଦୁବାଇରେ ସମସ୍ତ ମ୍ୟାଚ୍ ଆୟୋଜନ କରିଥିଲା। ଏବେ କିନ୍ତୁ ବାଂଲାଦେଶ ସମାନ ଦାବି କରିବାରୁ ଭାରତୀୟଙ୍କ ନିୟନ୍ତ୍ରଣରେ ଥିବା ଆଇସିସି ଭିନ୍ନ ନିଷ୍ପତ୍ତି ନେଇଛି। ଏବେ ଆଇସିସି ସଭାପତି ଭାବେ ଭାରତର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହା ଓ ସିଇଓ ଭାବେ ଜାଣ ଭାରତୀୟ ସଂଯୋଗ ଗୁପ୍ତା ଦାୟିତ୍ୱରେ ଅଛନ୍ତି। ଭାରତରେ ବାଂଲାଖେଳାଳିଙ୍କ ଜୀବନ ପ୍ରତି ବିପଦ ଜାନୁଆରୀ ୩ରେ ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବିଦା କରିବା ପରେ ସୃଷ୍ଟି ହୋଇଥିଲା। କିନ୍ତୁ ପାକିସ୍ତାନରେ ଭାରତୀୟ ଦଳ ୨୦୦୮ରୁ ଖେଳି ନାହିଁ। ବାଂଲାଦେଶକୁ ସମର୍ଥନ କଲାବେଳେ କିମ୍ବା ଦୋ ମୁହାଁ ନୀତି ଅବଲମ୍ବନ କରିବା ସମ୍ପର୍କରେ ମୁହଁ ଖୋଲିଲାବେଳେ ୨୦୦୯ରେ ଶ୍ରୀଲଙ୍କା ଖେଳାଳିଙ୍କ ଉପରେ ସନ୍ତ୍ରାସବାଦୀ ଆକ୍ରମଣ, ବିଭିନ୍ନ ଟିମ୍ ହୋଟେଲ ଆଗରେ ବୋମା ବିସ୍ଫୋରଣ, ବାରମ୍ବାର ସନ୍ତ୍ରାସବାଦୀ ଆକ୍ରମଣରେ ଶିଶୁ, ଛାତ୍ରଛାତ୍ରୀ ଓ ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ନକ୍‌ଭୀ କାହିଁକି କିଛି କହୁନାହାନ୍ତି ବୋଲି ପ୍ରଶ୍ନ କରାଯାଉଛି। ଏହା ତାଙ୍କର କେଉଁ ମୁହାଁ ନୀତି ବୋଲି ଲୋକେ କହୁଛନ୍ତି। ସେ ୧୭ ବର୍ଷର ଖରାପ ସମ୍ପର୍କ ସହ ୧୭ ଦିନର ଘଟଣାବଳୀକୁ ତୁଳନା କରୁଛନ୍ତି। ସବୁଠାରୁ ଦୁଃଖର କଥା ହେଲା କ୍ରିକେଟ ଖେଳ ସମ୍ପର୍କରେ ଏଭଳି ନିଷ୍ପତ୍ତି ନେଇଛନ୍ତି ଦୁଇ ଦେଶର ଦୁଇଜଣ ମୌଳବାଦୀ ରାଜନେତା। ଏମାନଙ୍କ ଯୋଗୁଁ କ୍ରିକେଟ ଓ ଖେଳାଳି ଯେ କ୍ଷତିଗ୍ରସ୍ତ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

### ଧାନବାଦ୍‌ରୁ ୨...

କରିଥିଲେ। ଦୀର୍ଘ ଚାରି ଦିନର ଅକ୍ଲାନ୍ତ ପରିଶ୍ରମ ପରେ ଧାନବାଦ ସହରରୁ ୨ ଡକାୟତଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଛି। ସେଠାକାର ପୁଲିସ ସହଯୋଗରେ ଧାନବାଦର ନିଲସା ଥାନା ଅଧୀନ ମାଲଝରିଆ ରୋଡ୍‌ରେ ଥିବା ମା' କାମାକ୍ଷା ଗହଣା ଦୋକାନ ଏବଂ ସିନ୍ଦ୍ରୀରେ ଚଢ଼ଉ କରାଯାଇ ମୁଖ୍ୟ ଆସାମୀଦ୍ୱୟଙ୍କୁ ଗିରଫ କରାଯାଇଛି।

### ୨୭ରେ ସର୍ବଦଳୀୟ...

ଅଧିବେଶନ ହେବାକୁ ଯାଉଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଗାନ୍ଧୀଙ୍କ ନାମ ବଦଳାଇବା ପାଇଁ ଖାଲି ଏହି ବିଲ ଅଣାଯାଇଛି। ସେହିପରି ବିଜେପି ଏହାକୁ ସୁଧାରବାଦୀ ଦର୍ଶାଇ ପୂର୍ବ ଆଇନର ଦୁର୍ବଳତାକୁ ଦୂର କରିବାର ଆବଶ୍ୟକତା ଥିବା ଦର୍ଶାଉଛି। ତେଣୁ ଏହି ପ୍ରସଙ୍ଗରେ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇପାରନ୍ତି। ସେହିପରି ଏସଆଇଆରକୁ ନେଇ ମଧ୍ୟ ହଙ୍ଗାମା ହୋଇପାରେ। ସୂଚନାଯୋଗ୍ୟ ଯେ ୨୮ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଏହାର ଦିନକ ପରେ ରବିବାର ବଜେଟ ଆଗତ ହେବ। ପ୍ରଥମ ଥର ପାଇଁ ରବିବାର ବଜେଟ ଉପସ୍ଥାପନ କରାଯିବ।

### କଂଗ୍ରେସ ଛାଡ଼ିଲେ...

ନେତାମାନେ ନିଜକୁ ଅସହାୟ ଓ ଅଲୋଡ଼ା ମନେ କରୁଛନ୍ତି। ନେତାମାନଙ୍କ ସହ ତାଙ୍କର ତାଳମେଳ ରହୁନି। ସେହିପରି ଦଳ ପାଇଁ କାମ କରୁଥିବା ନିଷ୍ଠାପର କର୍ମୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଅପରପକ୍ଷରେ ଜନତା ଦଳରୁ ଆସିଥିବା ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ନଗେନ୍ଦ୍ର ପ୍ରଧାନଙ୍କ ଭଳି ନେତାମାନେ ଦଳକୁ ନିଜ ଇଚ୍ଛା ମୁତାବକ ପରିଚାଳନା କରୁଛନ୍ତି, ଯାହା ଅତ୍ୟନ୍ତ ପରିତାପର ବିଷୟ ବୋଲି ଇସ୍ତଫା ଦେଇଥିବା ନେତାଏ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଦଳରେ ଅଗଣତାନ୍ତ୍ରିକ ଓ ଏକଛତ୍ରବାଦୀ ମନୋଭାବ ରହିଥିବା ଏହି ଅସନ୍ତୁଷ୍ଟ ନେତାମାନେ ଅଭିଯୋଗ ଆଣିଛନ୍ତି। ଦଳର ମଙ୍ଗଳ ପାଇଁ ସ୍ୱର ଉଠାଇଲେ ସଂଶୋଧନ ପରିବର୍ତ୍ତେ ବହିଷ୍କାରର ଧମକ ମିଳୁଛି। ଜିଲ୍ଲା ଓ ବ୍ଲକ ସଭାପତି ଚୟନରେ ଉଦ୍ଦେଶ୍ୟମୂଳକ ଭାବେ ପାତରଅନ୍ତର କରାଯାଉଛି। ପୂର୍ବରୁ କଳାହାଣ୍ଡିରେ ବରିଷ୍ଠ ନେତାମାନଙ୍କୁ ଅଣଦେଖା କରି ଦଳକୁ ଯେପରି ସ୍ଥିତିକୁ ଅଣାଯାଇଥିଲା, ବର୍ତ୍ତମାନ ସାରା ରାଜ୍ୟରେ ସେହି ସମାନ ସ୍ଥିତି ସୃଷ୍ଟି କରାଯାଉଛି। ଯେଉଁଠାରେ ମୂଳ କର୍ମୀଙ୍କ ସମ୍ମାନ ନାହିଁ ଏବଂ ନେତୃତ୍ୱ ଦଳକୁ ରସାତଳକୁ ନେଇଯିବାକୁ ବସିଛନ୍ତି, ସେଠାରେ ରହି କାର୍ଯ୍ୟ କରିବା ଆମ ପକ୍ଷେ ଅସମ୍ଭବ ବୋଲି ସେମାନେ କହିଛନ୍ତି।

### ବାଘ ସହ...

ବାଘଟି ବି ତାଙ୍କ ପଛେପଛେ ଘର ଭିତରକୁ ପଶି ଯାଇଥିଲା। ବାଘ କବଳରୁ ଖସିବାର ଆଉ କିଛି ଉପାୟ ନଥିବାରୁ ଶୁଭ୍ରାଂଶୁ ତା' ସହ ସାହସିକତାର ସହ ଲଢ଼େଇ କରିଥିଲେ। ସେଠାରେ ପଡ଼ିଥିବା ଏକ ଧାରୁଆ ଛୁରୀରେ ସେ ବାଘକୁ ପ୍ରତି ଆକ୍ରମଣ କରିଥିଲେ। କିନ୍ତୁ ଘାଇଲା ବାଘଟି ତାଙ୍କୁ ଛାଡ଼ିନଥିଲା। ବାଘ କାମୁଡ଼ାରେ କ୍ଷତବିକ୍ଷତ ଶୁଭ୍ରାଂଶୁ ପାଖାପାଖି ୧୦ ମିନିଟ୍ ଧରି ଲଢ଼େଇ କରିବା ପରେ ତାକୁ ଚିରନିଦ୍ରାରେ ଶୁଆଇ ଦେଇଥିଲେ। ଛୁରାମାଡ଼ରେ ବାଘର ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ ବାଘର ବୟସ ପ୍ରାୟ ପାଞ୍ଚବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ବନ ବିଭାଗ ଅଧିକାରୀ ରେଞ୍ଜର ପ୍ରଦୀପ କୁମାର ନାୟକ ପହଞ୍ଚି ମୃତ ବାଘକୁ ଘର ଭିତରୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ଶୁଭ୍ରାଂଶୁଙ୍କୁ ପ୍ରଥମେ ନରସିଂହପୁର ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ରେଞ୍ଜର ଶ୍ରୀ ନାୟକ କହିଛନ୍ତି।

ଶନିବାର ଘଟଣାସ୍ଥଳରେ ଆରସିସିଏଫ ସଞ୍ଜୟକୁମାର ସ୍ୱାଇଁ, ଏସିଏଫ ମନୋଜ କୁମାର ପାତ୍ର ପହଞ୍ଚି ବାଘର ଶବକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ଛୁରୀଟିକୁ ବନ ବିଭାଗ ଜବତ କରିଛି।

**ସୂଚନା**

ଏହି ବିଜ୍ଞାପନ ମାଧ୍ୟମରେ HDFC ବ୍ୟାଙ୍କ ଲିଃ କର୍ତ୍ତୃପକ୍ଷ ସୂଚାଇ ଦେବାକୁ ଚାହୁଁଛନ୍ତି ଯେ, ଛତ୍ରପୁର ସହର ସ୍ଥିତ HDFC ବ୍ୟାଙ୍କ ଶାଖା ଆଗାମୀ ଫେବୃୟାରୀ ୨୦୨୬ ପ୍ରଥମ ସପ୍ତାହରେ ଛତ୍ରପୁର ସହରର ଜାତୀୟ ରାଜପଥ ନିକଟସ୍ଥ TVS SHOWROOM ସାମ୍ନାକୁ ସ୍ଥାନାନ୍ତରିତ ହେବାକୁ ଯାଉଅଛି।

ଶାଖା ପରିଚାଳକ
HDFC ବ୍ୟାଙ୍କ ଶାଖା, ଛତ୍ରପୁର

C-2144
e-mail ID – eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**P. H. DIVISION, CUTTACK**

e-procurement Notice for Bid Identification No. SEPH-DIVISION, CTC- 57 of 2025-26

1. Name of the work :- 02 Nos of P.H. work
2. Estimated cost :-Rs 6.76 lakhs to Rs. 8.41 Lakhs
3. Period of completion :- 15 days to 3 months
4. Date & time of availability of bid document in the portal :- 27.01.2026 from 11.00 A.M to 05.02.2026 upto 5.00 P.M
5. Last date & time of seeking clarification :- 30.01.2026 upto 5.00 P.M
6. Last date / time of receipt of bids in the portal :- 05.02.2026 upto 5.00 P.M
7. Date & time of opening of bids : - 06.02.2026 at 11.00 A.M
8. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

I/C Superintending Engineer
P.H. Division, Cuttack

OIPR-

**AFFIDAVIT**

By virtue of an Affidavit before Notary Public, Malkangiri, I **ANANDA MADI**, aged about 29 Years, S/o: Ganga Madi, resident of village: Palakonda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 201/2026, Dated: 22/01/2026 that I have changed my name from ARMA MADI to **ANANDA MADI**. Henceforth I shall be known as **ANANDA MADI** for all future purposes.

**AFFIDAVIT**

By virtue of an affidavit sworn before Notary Public, Jajpur Road, Date: 21/01/2026, I, RAIMUNI GAGARAI, At- Gadapur, Po- Khurunti, Ps- Kalinganagar, Jajpur - 755026 declare that I have changed the name of my daughter from MINI GAGARAI to NANDITA HEMBRAM. Henceforth, she shall be known as **NANDITA HEMBRAM** for all purposes.

**Sd/- Raimuni Gagarai**

**NOTICE**

By virtue of an affidavit sworn before Notary Public, Junagarh, dated 24.01.2026, I, Sangita Panda, address At/Po/Ps- Junagarh, Dist-Kalahandi, Odisha-766014, declare that I have changed my name from Sangita Mishra to Sangita Panda. Henceforth, I shall be known as **Sangita Panda** for all purposes.

**Sangita Panda**

**AFFIDAVIT**

I Mami Giri, W/o Hara Prasad Mahapatro, Resident At- Laxmi Nursingha Nagar 1st lane, Medical Collage, Berhampur, Pin-760004, Ps- Berhampur Sadar Thana, Dist-Ganjam, Odisha Declare by this Affidavit No-740, dt 21.01.2026. That now onwards I shall be known as **RIDDHI MAHAPATRO** for all features purposes

**AFFIDAVIT**

I Syed Intiaz, S/o Syed Mumtaz, Resident At- Khaja Street 4th line, Berhampur, Pin-760001, Ps-Town Thana, Dist- Ganjam, Odisha Declare by this Affidavit No-746, dt 21.01.2026. That now onwards I shall be known as **SYED IMTIAZ** for all features purposes

**AFFIDAVIT**

By virtue of an affidavit (SL No. 4573, dtd- 19.11.2025) before the Executive Magistrate, Jajpur Road. I, **Sangitapriyadarshini Sahoo,** W/o- Sujit Kumar Sahoo, resident of Village: Panasia (Ward No.2), Po- Ferrochrome Project, Ps- Jajpur Road, Dist- Jajpur, Odisha declare that I have changed my name from **Sangitapriyadarshini** to **Sangitapriyadarshini Sahoo** in my PAN Card (vide No. CCGPP5469Q).

**Sangitapriyadarshini Sahoo**

ସକାଳ THE SAKALA



www.sakalaepaper.com

### ମୁଖ୍ୟ କେନାଲ ଫୁଲ୍; ଶାଖା କେନାଲ ଶୁଖିଲା

# ରବି ଫସଲ ପାଇଁ କେନାଲ ପାଣି ନିଅଣ୍ଟ

ବାରିକପୁର,୨୪।୧(ସମିସ)





ଏବେ ଜମିରେ ରବି ଫସଲ କରିବା ପାଇଁ ଚାଷୀ ପ୍ରସ୍ତୁତ ହେଉଛି। ବିଶେଷ କରି ଡାଲି ଜାତୀୟ ମୁଗ ଓ ବିରି ଚାଷ ପାଇଁ ଜମି ବେଉଷଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଠିକ୍ ଏତିକିବେଳେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କେନାଲ ପାଣି ନିଅଣ୍ଟ ହେଉଥିବା ଦେଖାଯାଇଛି। ପାଖାପାଖି ୧୭ହଜାର ହେକ୍ଟର ଚାଷ ଜମିକୁ ଶାଳଣିଆ ଓ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ଯୋଗେ ପାଣି ଯୋଗାଯାଇଥାଏ। ଏବେ ସୁଦ୍ଧା ଶାଳଣିଆ ଜଳସମ୍ପଦ ବିଭାଗ ଅଧୀନସ୍ଥ କେନାଲଗୁଡ଼ିକରେ ଯଦିଓ ପାଣି ଛଡ଼ାଯାଇ ନାହିଁ କିନ୍ତୁ ଆଖୁଆପଦା ୩ନଂ ହାଇଲେବୁଲ କେନାଲରେ ପାଣି ଆସିଯାଇଛି। ପ୍ରାୟ ସପ୍ତାହେ ହେବ ମୁଖ୍ୟ କେନାଲରେ ପାଣି ଆସିଥିଲେ ସୁଦ୍ଧା ଏହାର ଶାଖା କେନାଲ, ମାଇନର ଓ ସବ୍‌ମାଇନର କେନାଲରେ ଏଯାଏଁ ପାଣି ଆସିପାରିନାହିଁ। ଫଳରେ ଯେଉଁ ଚାଷୀମାନେ ମୁଗ, ବିରି ବୁଣିବା ପାଇଁ ମନସ୍ଥ କରିଛନ୍ତି ସେମାନେ ଏବେ ହଇରାଣ ହେବା ଯାହା ସାର ହୋଇଛି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ବିହନ ଯୋଗା ଯାଇଥିବାବେଳେ କେନାଲ ପାଣି ବିନା ପାଗ ନ ହେବାରୁ ବିଲ ହଳ ହୋଇପାରୁ ନାହିଁ। କିଛି ଜମି ପାଗ ଅନୁକୂଳ ସମୟରେ ବେଉଷଣ ହୋଇଥିଲେ ସୁଦ୍ଧା ପାଣି ଅଭାବରୁ ସେଥିରେ ବିହନ ମଧ୍ୟ ବୁଣା ହେଉ ନ ଥିବା ଜଣାଯାଇଛି। କେତେକ ଚାଷୀ ଇଲେକ୍ଟ୍ରି ମୋଟର ଜରିଆରେ ଜମିରେ ପାଣି ମଡ଼ାଇ ମୁଗ ଓ ବିରି ଚାଷ କରିବାକୁ ଏବେ ମନସ୍ଥ କରିଛନ୍ତି। କେତେକ ଜାଗାରେ କେନାଲ କାମ ହେଉଥିବା ଯୋଗୁଁ ପାଣି ଆସୁ ନ ଥିବାବେଳେ ଆଉ କେତେକ ଜାଗାରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଚାଷୀମାନେ କେନାଲ ଜଳରୁ ବଞ୍ଚିତ ହୋଇଛନ୍ତି। ଏଭଳି ଚିତ୍ର ରହଣିଆ, ସରସଦା, ମାଳଦା, ରାଜେନ୍ଦ୍ରପୁର, ନାଆମୀ, ମଞ୍ଜୁରୀ, କୁମ୍ଭାରିଆ, ଜଳହରି, ମାଳଦା, ବିଷ୍ଣୁପୁର, ଖଡ଼ିଶିଙ୍ଗା, କୁରିଗାଁ, ଆଲିହା ପ୍ରମୁଖ ସ୍ଥାନରେ ଦେଖାଯାଇଛି। ତେଣୁ ଏହା ଉପରେ ଜଳସମ୍ପଦ ବିଭାଗ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଜଙ୍ଗଲରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ




ବାରିକପୁର,୨୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଯଦିଓ ଏଥିରେ କୌଣସି ବାସଗୃହ ନଷ୍ଟ ହୋଇନାହିଁ ତଥାପି ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ସୂଚନା ମୁତାବକ, ଶନିବାର ଦିନ ପ୍ରାୟ ୨ଟା ସମୟରେ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ନିକଟସ୍ଥ ଏକ ଗ୍ରାମ୍ୟ ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲା। ଉକ୍ତ ନିଆଁ ନିକଟସ୍ଥ ଏକ ବାଉଁଶ ବୁଦାକୁ ନଷ୍ଟ କରି ବାସଗୃହ ସମ୍ମୁଖକୁ ଆସି ଯାଇଥିଲା। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାସଗୃହକୁ ନିଆଁ ଗ୍ରାସ କରିବା ପୂର୍ବରୁ ଏହାକୁ ଆୟତ କରିଥିଲେ। ସେହିପରି ବଡ଼ବନସ୍ତା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ନିଆଁ ଲାଗିଥିବାବେଳେ ସେଠାରେ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ପହଞ୍ଚି ଏହାକୁ ଆୟତ କରିଥିଲେ।

### ଶ୍ରୀରାମ ଚରିତ ମାନସ ଓ ପରାୟଣ



ବନ୍ତ/ଆଗରପଡ଼ା,୨୪।୧(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ଆନନ୍ଦ ବଜାର ଆଖଣ୍ଡଳମଣି ପୀଠରେ ଶ୍ରୀରାମ ଚରିତ ମାନସ ଓ ପରାୟଣ ପ୍ରବଚନ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ସୁରେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୧୦ ଦିନ ଧରି ଏହି ରାମ ଚରିତ ମାନସ ପରାୟଣ, ପ୍ରବଚନ ଓ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତି ଦିନ ଗ୍ରାମ୍ୟ ପୁଷ୍କରିଣୀରୁ ୨୧ଟି କଳସ ଘଟ ଉତ୍ତୋଳନ କରାଯାଇ, ଗ୍ରାମ ବଜାର ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପରେ ମା' ଲକ୍ଷ୍ମୀଙ୍କର ଷୋଡ଼ଶ ଉପଚାର ପୂଜା, ମା' ସୁନାମୁହିଁଙ୍କ ପୂଜା, ରୁଦ୍ରାଭିଷେକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମଳଲୋଚନ ଦାସ ମହାରାଜ, ରତ୍ନାକର ନାୟକ, ପୁରୁଷୋତ୍ତମ ମହାରାଜ, ଗୋପାଳ ଦାଶଜୀ ମହାରାଜ, ବଳରାମ ଦାଶ, ଜଗନ୍ନାଥ ପଣ୍ଡା, ଧରଣୀଧର ପଣ୍ଡା, ବିବେକାନନ୍ଦ ପଣ୍ଡା, ରାମକିଙ୍କର ଦାଶ, ଚକ୍ରଧର ପଣ୍ଡା ପ୍ରମୁଖ ସମସ୍ତ ପ୍ରବକ୍ତା ଓ ପୂଜକ ଉପସ୍ଥିତ ଥିଲେ। ପ୍ରବକ୍ତା ପୁରୁଷୋତ୍ତମ ଦାସ ମହାରାଜ ଶିବ-ପାର୍ବତୀ ବିବାହ, ରାମଜନ୍ମ, ରାମ-ସୀତାଙ୍କ ବିଭାଘର, ରାମ ବନବାସ, କୈବର୍ତ୍ତ, ଦଶରଥ ମହାପ୍ରୟାଣ, ରାମ ଭରତ ନନ୍ଦନ, ସୀତା ଚୋରି ଓ ପ୍ରବକ୍ତା କମଳଲୋଚନ ଦାସ ମହାରାଜ ସୁନ୍ଦରକାଣ୍ଡ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ରାମ ରାବଣ ଯୁଦ୍ଧ, ରାମ ରାଜ୍ୟାଭିଷେକ ସମେତ ବିଭିନ୍ନ ପ୍ରସଙ୍ଗରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଆଖଣ୍ଡଳମଣି ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ବରିଷ୍ଠ ରାଜନେତା ରାଧନ ମହାନ୍ତିଙ୍କ ଦେହାନ୍ତ



ବନ୍ତ/ଆଗରପଡ଼ା,୨୪।୧(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତର ରାଜନୀତିର ଚାଣକ୍ୟ ରାଧନ ମହାନ୍ତି (୭୩)ଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ଶବାଧାରାକୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଜ ଗ୍ରାମ ରାମକୃଷ୍ଣପୁର ମହାନ୍ତି ସାହିକୁ ଅଣାଯାଇଥିଲା। ଶବାଧାର ପହଞ୍ଚିବା ପରେ ବନ୍ତ ବ୍ଲକ୍‌ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶେଷ ଦର୍ଶନ କରିଥିଲେ। ପରେ କୀର୍ତ୍ତନ ଦଳ ସହିତ ଶବାଧାରକୁ ଗ୍ରାମ ଓ ବଜାର ପରିକ୍ରମା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ବିଭାବସୁ ଦାସ ମହାନ୍ତି ମୁଖାଗ୍ନି ଦେଇଥିବାବେଳେ ଦୁର୍ଗା ଦାସ, ସାରଦା ମହାନ୍ତି, ବରଦା ମହାନ୍ତି, ବୀରେନ୍ ପଟ୍ଟନାୟକ, ନିହାର ଦାସ, ଶକ୍ତି ମହାନ୍ତି, ସନ୍ଦୀପ ପଟ୍ଟନାୟକ, ମନୋରଞ୍ଜନ ମହାନ୍ତି, ଗୋକୁଳାନନ୍ଦ ମହାନ୍ତି, ସଞ୍ଜୟ ମହାନ୍ତି, ସନ୍ତୋଷ ମହାନ୍ତି, ଧର୍ମେନ୍ଦ୍ର ମହାନ୍ତି, ବିନ୍ଦୁମାଧବ ମହାନ୍ତି ସମେତ ସମସ୍ତ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରାଧନ ମହାନ୍ତି ୧୯୯୦-୯୫ ପର୍ଯ୍ୟନ୍ତ ରାମକୃଷ୍ଣପୁର ପଞ୍ଚାୟତରେ ସମିତିସଭ୍ୟ ଥିଲେ। ଏହା ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ପ୍ରାର୍ଥୀ ହୋଇଥିଲେ। କପାଳୀ ଷ୍ଟେସନରେ ଟ୍ରେନ୍ ରହଣୀ ପାଇଁ ତାଙ୍କ ଅବଦାନ ଥିବାବେଳେ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ଗଠନର ଅନ୍ୟତମ ପୁରୋଧା ମଧ୍ୟ ସେ ଥିଲେ। ବରପଦା ଇଞ୍ଜିନିୟରିଂ କଲେଜର ପ୍ରତିଷ୍ଠାତା ସଦସ୍ୟ ମଧ୍ୟ ଥିଲେ ରାଧନ ମହାନ୍ତି।

### ନାବାଳିକା ଅପହରଣକୁ ବିତିଲାଣି ମାସେରୁ ଊର୍ଦ୍ଧ୍ୱ; ପୁଲିସ ହାତ ଖାଲି

## ଆତ୍ମାହୁତି ଚେତାବନୀ ଦେଲେ ବାପା-ମାଆ

ଭଦ୍ରକ,୨୪।୧(ସମିସ): ନାବାଳିକା ଅପହରଣକୁ ବିତିଲାଣି ୧ ମାସରୁ ଊର୍ଦ୍ଧ୍ୱ ସମୟ। ଅପହରଣକାରୀର ଟେର୍ ପାଉନି ପୁଲିସ। ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ବାପା-ମାଆ। ଝିଅ ନ ମିଳିଲେ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଆତ୍ମାହୁତି ଦେବେ ବାପା-ମାଆ। ଏମିତି କିଛି ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲାର ପୀରହାଟ ଥାନା ଅଞ୍ଚଳରୁ। ସୂଚନା ମୁତାବକ, ଉକ୍ତ ଅଞ୍ଚଳର ଜନୈକା ନାବାଳିକାକୁ ଘର କାମରେ ସାହାଯ୍ୟ କରିବାକୁ ଡାକିନେଲେ ପଡ଼ୋଶୀ। ଏହା ପରେ ନିଜ ସମ୍ପର୍କୀୟ ଯୁବକଙ୍କ ସହ ବିଦା କରିଦେଲେ। ଗତ ଡିସେମ୍ବର ୧୫ ତାରିଖରୁ ନିଖୋଜ ହେଲାଣି ଝିଅ। ଏ ବିଷୟରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅପହରଣକାରୀର ଟେର୍ ପାଉନି ପୁଲିସ। ନାବାଳିକା ମଧ୍ୟ ଉଦ୍ଧାର ହୋଇପାରିନି। ପୁଲିସ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ କରିଛନ୍ତି ବାପା-ମାଆ। ଅଭିଯୁକ୍ତକୁ ଗିରଫ କରିବା ସହ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସେ ଦାବି କରିଛନ୍ତି। ଏହା ନ ହେଲେ ଉଭୟ ବାପା-ମାଆ ଭଦ୍ରକ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଥାନାଧିକାରିଣୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଧରିବା ସହ ନାବାଳିକାକୁ ଉଦ୍ଧାର କରାଯିବ ବୋଲି କହିଛନ୍ତି।

## ଆଗରପଡ଼ା ପୁଲିସର ସଫଳତା; ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ



ବନ୍ତ/ଆଗରପଡ଼ା,୨୪।୧(ସମିସ): ଗତ ୧୬ ତାରିଖ ରାତିରେ ଆଗରପଡ଼ାରେ ସିରିଜ୍ ଚୋରି ହୋଇଥିଲା। ଏ ସମ୍ପର୍କରେ ଥାନା କେସ୍ ନଂ-୧୮/୨୬ ଓ ୧୯/୨୬ରେ ୨ଟି ମାମଲା ରୁଜୁ କରି ଥାନା ଇନ୍ସପେକ୍ଟର ସୁଜାତା ଖମାରୀ ତଦନ୍ତ ଆରମ୍ଭ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ କର୍ମଚାରୀମାନଙ୍କ ସହ ସେ ଓ ଏଏସ୍‌ଆଇ ବୁଦ୍ଧୁରାମ ହାଁସଦା ବିଟିପୁର ପଞ୍ଚାୟତ ରାଉତରାପୁର ଗ୍ରାମର ଏକ ପରିତ୍ୟକ୍ତ ଘର ଉପରେ ରାତିଅଧିଆ ଅତର୍କିତ ଚଢ଼ଉ କରିଥିଲେ। ସେଠାରେ ଥିବା ଅଶୋକ ଦାସ ଓରଫ ଗୋପାଳଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ସେହି ଘରେ ବିଭିନ୍ନ ସମୟରେ ଚୋରି ହୋଇଥିବା କିଛି କାର୍ଟୁନ୍ ଭର୍ତ୍ତି ଗ୍ରୋସରୀ ସାମଗ୍ରୀ, ୩ଟି ସାଇକଲ, ଗ୍ୟାସ୍‌ଚୁଲା, ସିଲିଣ୍ଡର, କୁରକୁରୀ ପ୍ୟାକେଟ ସହିତ ଚୋରିରେ ବ୍ୟବହୃତ ବିଭିନ୍ନ ମାରଣାସ୍ତ୍ର ଉଦ୍ଧାର କରିଥିଲେ। ମାତ୍ର ଚୋରି ବାଇକ୍ ପତ୍ତା ମିଳି ନ ଥିଲା। ଅଶୋକଙ୍କୁ ଅଧିକ ଜେରା ପରେ ଖଇରା ଥାନା ଅନ୍ତର୍ଗତ ଡୁଙ୍ଗୁରାଠାରେ ତାଙ୍କ ସମ୍ପର୍କୀୟଙ୍କ ଘରେ ସେ ବାଇକ୍ ଲୁଚାଇ ରଖିଛନ୍ତି ବୋଲି ସୂଚନା ପାଇ ପୁଲିସ ସେଠାକୁ ଯାଇ ଚୋରି ବାଇକ ଉଦ୍ଧାର କରିଥିଲା। ପ୍ରାପ୍ତ ସୂଚନାନୁଯାୟୀ, ସ୍ଥାନୀୟ ବିଟିପୁର ହଜାରୀସାହିର ମାନସ ଗଞ୍ଜନ ସିଂହ ସନ୍ଧ୍ୟା ସମୟରେ ଘର ଦାଣ୍ଡରେ ବାଇକ୍ ରଖି ବଜାରକୁ ଆସିଥିଲେ। ରାତି ପ୍ରାୟ ୮ଟା ବେଳେ ଘରକୁ ଯାଇ ଦେଖିଲେ ବାଇକ୍ ନାହିଁ। ସେ ଚାରିଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ବାଇକ୍‌ର ପତ୍ତା ପାଇ ନ ଥିଲେ। ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ଆଗରପଡ଼ା ଡାଏଟ୍ ଛକସ୍ଥିତ ଏକ ହୋଟେଲରୁ ୨ଟି ଗ୍ୟାସ୍‌ଚୁଲା, ସିଲିଣ୍ଡର ଚୋରି ହୋଇଥିବାର ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ପରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା। ପୂର୍ବରୁ ଅଶୋକ ଏକ ହତ୍ୟା ମାମଲାରେ ଆଜୀବନ ସଜା କାଟି ଜେଲ୍‌ରୁ କିଛିବର୍ଷ ତଳେ ଫେରିଥିଲେ। ତା' ପରଠାରୁ ବିଭିନ୍ନ ଥାନା ଅଞ୍ଚଳରେ ବିଭିନ୍ନ ଅପରାଧିକ ମାମଲାରେ ସେ ସମ୍ପୃକ୍ତ ରହିଥିଲେ ବୋଲି ଜଣାପଡ଼ିଛି।

## ବିଷ୍ଣୁପୁର ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ



ଭଣ୍ଡାରିପୋଖରୀ,୨୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ବେଜ ମୁଖ୍ୟଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଶୈଳେନ୍ଦ୍ର ନାରାୟଣ ପାଢ଼ୀ ମୁଖ୍ୟବକ୍ତା, ସରପଞ୍ଚ ଅମୂଲ୍ୟ ନାୟକ ଓ ସମିତିସଭ୍ୟା ପ୍ରତିନିଧି ଦୀପକ ପାଣିଗ୍ରାହୀ, ଶିକ୍ଷା ସଂଯୋଜକ ଅଜୟ ରାୟ, ୱାର୍ଡ ସଦସ୍ୟ ସନ୍ତୋଷ ପାଣିଗ୍ରାହୀ, ସନାତନ ଜେନା, ପ୍ରଭାକର ମହାପାତ୍ର, ଭାସ୍କର ପଣ୍ଡା, ପ୍ରସନ୍ନ ରାଉତ, ତପନ ପାତ୍ର ଓ ପଦ୍ମନାଭ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ପ୍ରୀତିପଦ୍ମା ଦାସ ଅତିଥି ପରିଚୟ ଓ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କ ସମେତ ଅବସର ଗ୍ରହଣ କରିଥିବା ବିଦ୍ୟାଳୟର ଶିକ୍ଷକ ଶଶିକାନ୍ତ ପତି ଓ ଶିକ୍ଷୟିତ୍ରୀ ପଦ୍ମାବତୀ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଅମିତା ସାମଲ ସ୍ୱାଗତ ଭାଷଣ, ଶିକ୍ଷକ ଜୟଦେବ ସେନାପତି ମାନପତ୍ର ପାଠ ଓ ଶିକ୍ଷୟିତ୍ରୀ ବାସନ୍ତି ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଅମିତା ସାମଲଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ରଘୁନାଥପୁର ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି

## ସେମିରେ ରାମେଶ୍ୱର ସ୍ପୋର୍ଟିଂ ଓ ଡିଆର୍‌କେ ବାରିପଦା



ଭଣ୍ଡାରିପୋଖରୀ,୨୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରଘୁନାଥପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଅଦ୍ୱୈତ ନାୟକ ମେମୋରିଆଲ ୧୯ତମ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭଦ୍ରକ ୟୁନିକ୍ ୧୧ ଓ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଏକାଦଶ ମଧ୍ୟରେ ଶନିବାର ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୧୯୦ ରନ୍ ସ୍କୋର କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ୍ ସ୍ୱାନ୍ସ କୁମାର ଧୂଆଁଧାର ୬୫ ରନ୍, ସ୍ୱୟଂ ପଣ୍ଡା ୫୬ ଓ ଏମ୍.ଜି. ଗୋପାଇ ୫୦ ରନ୍ ହାସଲ କରିଥିଲେ। ପ୍ରତିପକ୍ଷ ବୋଲର ଗୌରବ ସିଂ ଓ ଆଲୋକ ବାରିକ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ହାସଲ କରିଥିଲେ। ଜବାବରେ ଭଦ୍ରକ ୟୁନିକ୍ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୨୮ ରନ୍ ହାସଲ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱ ମୁଦୁଲି ୪୮ ରନ୍ ହାସଲ କରିଥିଲେ। ପ୍ରତିପକ୍ଷ ବୋଲର ବାବୁସାନ ମାଝୀ ୪ଟି ଓ ବିଶ୍ୱଜିତ୍ ୩ଟି ୱିକେଟ ହାସଲ କରିଥିଲେ। ସାରଙ୍ଗ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦିବସର ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗଜପତି ଆଜାଦ କ୍ରିକେଟ୍ କ୍ଲବ ଏକାଦଶ ଓ ବାରିପଦା ଡିଆର୍‌କେ କ୍ରିକେଟ କ୍ଲବ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜାଦ ଦଳ ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ୱିକେଟ ହରାଇ ୯୯ ରନ୍ କରିଥିଲା। ଜବାବରେ ବାରିପଦା ଏକାଦଶ ୧୬.୪ ଓଭରରେ ୬ ୱିକେଟ ହରାଇ ୧୦୦ ରନ୍ କରି ବିଜୟୀ ହୋଇଥିଲା। ବିଶ୍ୱଜିତ୍ ଜେନା ସର୍ବାଧିକ ୩୩ ରନ୍ କରିଥିଲେ। ପ୍ରୀତିପାଲ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟାର ରଞ୍ଜନ ମହାନ୍ତି, ଆଶୁତୋଷ ପାଣି, ଲଲାଟ କେଶରୀ ନନ୍ଦ, ସ୍କୋରର ଭାବେ ରାକେଶ ରଞ୍ଜନ ବୋଇତାଇ, ଜୟନ୍ତ ନାୟକ, ଆଶୁତୋଷ ସାହୁ, ପାର୍ଥ ମାଝୀ ଓ ବୀରକିଶୋର ମାଝୀ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ, ଅନ୍ତର୍ଯ୍ୟାମୀ ନାୟକ ଓ ଗୋପବନ୍ଧୁ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ।

## ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ବୋର୍ଡ ପକ୍ଷରୁ କମ୍ବଳ ବଣ୍ଟନ



ଧାମନଗର,୨୪।୧(ସମିସ): "ମାନବ ସେବା ହିଁ ମାଧବ ସେବା' ଏହି ଅବସରରେ ଧାମନଗର ବ୍ଲକ୍ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତଠାରେ ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ବୋର୍ଡ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବ କଲ୍ୟାଣ ସଂଘ ଟ୍ରଷ୍ଟ ପକ୍ଷରୁ ଧାମନଗର ଅଞ୍ଚଳ ନୁହେଁ ଭଦ୍ରକ ଜିଲ୍ଲା ବାହାରେ ବି ଏହାର କାର୍ଯ୍ୟକର୍ତ୍ତାମାନେ ମାନବ ସେବା କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଏହି ଶୀତ ଋତୁରେ ଧାମନଗରଠାରୁ ଭଦ୍ରକ ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ଗାଁ ଗହଳିରେ ଥିବା ବୁଢ଼ାବୁଢ଼ୀ ଏବଂ ନିହାତି ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରି ଆସୁଥିବାବେଳେ ଚଳିତ ମାସରେ ଜିଲ୍ଲା ଅନ୍ତର୍ଗତ ବନ୍ତ ଛକ, ଆରଡ଼ି ଛକ, ଲେପ୍ରୋସି କଲୋନୀ, ବାଘୁରାଇ ରାନ୍ଧିଆ। ଏଭଳି ବିଭିନ୍ନ ସ୍ଥାନରେ ଗରିବ ଘରର ବିବାହ ବ୍ରତ ବା ଶୁଦ୍ଧିକ୍ରିୟା ପାଇଁ ବି ସାହାଯ୍ୟର ହାତ ବଢ଼ାଇ ଲୋକଙ୍କ ପାଖରେ ପ୍ରିୟଭାଜନ ହୋଇପାରିଛି ଏହି ଟ୍ରଷ୍ଟ। ମାନବ କଲ୍ୟାଣ ସଂଘ ଟ୍ରଷ୍ଟର ସଭାପତି ଦଶରଥୀ ଦାଶ, ଉପସଭାପତି ବିଶ୍ୱଜିତ୍ ଜେନା, ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସହସମ୍ପାଦକ ସଚିନ ଦାସ, କୋଷାଧ୍ୟକ୍ଷ ବୃହସ୍ପତି ନାୟକ, ମିଡିଆ ପରିଚାଳକ ପ୍ରଦୀପ ବାରିକ, ଇଭେଣ୍ଟ ମ୍ୟାନେଜର ତଥା ଡାକ୍ତରୀ ପରାମର୍ଶଦାତା ଜତିନ ଦାସ, ଅତିରିକ୍ତ ଇଭେଣ୍ଟ ମ୍ୟାନେଜର ଏବଂ ପ୍ରୋଜେକ୍ଟ ବିଶ୍ଳେଷକ ଆରୁପାନନ୍ଦ ଦାସ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

### 'ଅଖିଳ ଭାରତୀୟ ଦୁଃଖୀ ସମାଜ'ର ସଫେଇ ଓ ମେଗା ରକ୍ତଦାନ ଶିବିର

# ୪ଟି ସ୍ଥାନରୁ ୧୮୯୨ ୟୁନିଟ୍ ରକ୍ତ ସଂଗ୍ରହ



**ଭଦ୍ରକରୁ ୧୨୦୦, ବାଲେଶ୍ୱରରୁ ୫୫୧, ବାରିପଦାରୁ ୨୮, ଜଳେଶ୍ୱରରୁ ୧୧୩ ୟୁନିଟ୍**

ଭଦ୍ରକ,୨୪।୧(ସମିସ): ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ସୈୟଦ ଶାହା ୱସିମ ଅଖତର କାଦରୀ (ସାନ ସରକାର ବାବା) ଓରଫ ମାମାଜାନ ଭଦ୍ରକରେ ରହଣି ସମୟରେ ସମାଜ ସେବାରେ ଲିପ୍ତ ରହି ଅନେକ ଜନ ହିତକର କାର୍ଯ୍ୟ କରିଛନ୍ତି। ଗରିବ ଲୋକମାନେ ଅସୁବିଧା ସମୟରେ ରକ୍ତ ପାଇଁ ବହୁ ହଇରାଣ ହେଉଥିବାବେଳେ ୨୦୦୫ରେ 'ଅଖିଳ ଭାରତୀୟ ଦୁଃଖୀ ସମାଜ' ସଂସ୍ଥା ଆରମ୍ଭ ପୂର୍ବକ ରକ୍ତଦାନ ଶିବିର ଆରମ୍ଭ କରିଥିଲେ। ତାଙ୍କର ଦେହାନ୍ତ ପରେ ବାବାଙ୍କ ଶ୍ରଦ୍ଧାଳୁମାନେ ମଧ୍ୟ ୨୧ବର୍ଷ ପଥକୁ ଅନୁସରଣ କରୁଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସକାଳ ୬ଟାରୁ ଭଦ୍ରକ ସହରର ପ୍ରତ୍ୟେକ ଗାଁରେ ସଫେଇ କାର୍ଯ୍ୟ ସକାଳ ୮.୩୦ ପର୍ଯ୍ୟନ୍ତ ହୋଇଥିଲା। ଶନିବାର ସାନ ସରକାର ବାବାଙ୍କ ୭୧ତମ ଜନ୍ମଦିନ ଉପଲକ୍ଷେ ସଭାପତି ଇଂ. ମନାୱର ହୋସେନ, ସମ୍ପାଦକ ଇଂ. ରେଜାଏ ରସୁଲ, ଇଂ.ହବିବୁଲ୍ଲା ଖାଁ, ସକିଲୁଜ ଜମା ଖାଁ, ହାଜୀ ଅବୁ ହୋସେନ ଖାଁ, ହାଜୀ ସବିର ଅଲ୍ଲି, ହାଜୀ ତବାରକ ଅଲି, ହାଜୀ ମତଲୁବ ଅଲୀ, ମୁଖତାର ଅହେମଦ ରସିଦ, ଜମିଲ ଅଖତର ଖାନ, ଶେଖ ଆସିଫ ଅଲି, ଝମଝମ ଖାନ , ଲିୱା ମାଷ୍ଟର, ମିର୍ଜା ଏକ୍ରାମ ବେଗ ଓ ଜହୁର ଖାନ ପ୍ରମୁଖଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ରକ୍ତ ଭଣ୍ଡାରର ଡା. ବିମଳା ମିଶ୍ରଙ୍କ ଟିମ ୪୦୩ ୟୁନିଟ, ଏସ୍‌ସିବି ରକ୍ତ ଭଣ୍ଡାରର ଡା. ରାଜ ନାରାୟଣ ସ୍ୱାଇଁଙ୍କ ଟିମ ୪୬୪ ୟୁନିଟ, ଯାଜପୁର ରକ୍ତ ଭଣ୍ଡାରର ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଟିମ୍ ୩୩୩ ୟୁନିଟ ସଂଗ୍ରହ ହୋଇ ଭଦ୍ରକରୁ ସର୍ବମୋଟ ୧୨୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅପରପକ୍ଷେ ମାମାଜାନଙ୍କ ସ୍ମୃତିରେ ବାଲେଶ୍ୱରରେ ଅନୁଷ୍ଠିତ ଶିବିରରେ ନାତିକ ଖାନ, ଆୟୁବ ଖାନଙ୍କ ନେତୃତ୍ୱରେ ୫୫୧ ୟୁନିଟ, ବାରିପଦାରେ ଅନୁଷ୍ଠିତ ଶିବିରରେ ଏନାମ ଖାନ, ଅଲି ଖାନଙ୍କ ନେତୃତ୍ୱରେ ୨୮ ୟୁନିଟ ଓ ଜଳେଶ୍ୱରରେ ଅନୁଷ୍ଠିତ ଶିବିରରେ ଶେଖ ସୋନୁ, ଶେଖ ଜାୱେଦଙ୍କ ନେତୃତ୍ୱରେ ୧୧୩ ୟୁନିଟ୍ ସହିତ ସର୍ବମୋଟ ୧୮୯୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି। ଭଦ୍ରକର ବହୁ ଯୁବକ, ଯୁବତୀ ଶ୍ରଦ୍ଧାର ସହ ରକ୍ତଦାନ କରିଥିଲେ। ଏହି ଶିବିରରେ ୫୯୦ ଜଣ ଯୁବତୀ ଓ ମହିଳା ରକ୍ତଦାନ କରିଥିଲେ। ଡା. ରବି ମହାପାତ୍ର, ଡାକ୍ତର ଫରମାନ ନବୀ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷ ଗୁଲମକ୍କୀ ଦଲୱାଜୀ ହବିବ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୂର୍ବତନ ସାଂସଦ ମୁରଲୀଧର ଜେନା, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ନଳିନୀ ମହାନ୍ତି, ଦେବରୂପ ମହାନ୍ତି, ରାଜୁ ଜେନା, ଶର୍ମିଷ୍ଠା ପଣ୍ଡା, ବିଦ୍ୟାଧର ଜେନା, ଅମିତାବାଳା ଆଶ୍ଚର୍ଯ୍ୟ, ସମାଜସେବୀ ଶେଖର ମହାପାତ୍ର, ବିଦ୍ୟାଧର ସାହୁ, ହାଜୀ ଅବଦୁଲ ମୁକିତ ଖାନ, ହାଜୀ ଏନାମ ମହମ୍ମଦ, ହାଜୀ କାଶିମ ଖାନ, ନାସିର ବକ୍ସ, ଅଶୋକ ଦାସ, ସୁଧାକର ରାଉତ, ହରୀ ନନ୍ଦୀ, ପ୍ରଣବ ସାହୁ, ଅମ୍ବିକାବଲ୍ଲଭ ସ୍ୱାଇଁ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅଖିଳ ଭାରତୀୟ ଦୁଃଖୀ ସମାଜର ସଭ୍ୟ ମହମ୍ମଦ ଜକାଉଲ୍ଲା, ଡ. କମାଲ୍ ଖାନ, ଶେଖ୍ ହବିବୁଲ୍ଲା, ଅସରଫ ଅଲି ଖାନ୍, ଜାୱେଦ ଅଖତର, ମିଡିଆ ସେଲ ସଂଯୋଜକ ଶେଖ୍ ଅନୱର, ଅତହର ଅଲି, ନାସର ଅଲି, ଅଖତର ଅଲି ଖାନ, ମୋଜୋ ଖାନ, ମିର୍ଜା ଫରିଦ ବେଗ, ତନୱିର ଖାନ୍, ଶେଖ୍ ନିୟାମତୁଲ୍ଲା, ଉର୍ଦ୍ଦୁ କବି ମୁସ୍ତାକ ଗୌହର ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ପିଜି ପକ୍ଷରୁ ସାନ ସରକାର ବାବା ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ାଯାଇଥିଲା।

### ଅଲୌକିକ ଶକ୍ତିସମ୍ପନ୍ନ ମହିମାମୟୀ ମା' ଚଣ୍ଡୀ

# ୪୦୦ ବର୍ଷ ପୂର୍ବେ କାଞ୍ଚିରୁ ଆସିଥିଲେ




ବନ୍ତ/ଆଗରପଡ଼ା,୨୪ା୧(ସମିସ): ମନୁଷ୍ୟ ଏପରି ଏକ ପ୍ରାଣୀ ଯିଏକି ଧରାପୃଷ୍ଠକୁ ସ୍ପର୍ଶ କରି ଲୀନ ହେବା ଭିତରେ କୌଣସି ନା କୌଣସି ମୁହୂର୍ତ୍ତରେ ଦେବଦେବୀଙ୍କ ଆଶ୍ରିତ ହୋଇଥାଏ। ସେହି ଦେବଦେବୀ ମନୁଷ୍ୟର ଭକ୍ତି ରୂପକ ଅର୍ଘ୍ୟରେ ଆଶୀର୍ବାଦ ରୂପକ ଆଲୋକ ପ୍ରଦାନ କରି, ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରୂପରେ ଆବିର୍ଭୂତ ହୋଇ ମନୁଷ୍ୟର ଚଲାପଥକୁ ସୂଚାରୁ ରୂପେ ପରିଚାଳନା କରିଥା'ନ୍ତି। ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡ଼ାର ପୁରୁଷଣ୍ଡ ଗ୍ରାମରେ ମହିମାମୟୀ ମା' ଚଣ୍ଡୀଙ୍କର ଅଲୌକିକ ବାର୍ତ୍ତା ସମ୍ପର୍କରେ ଆମର ସ୍ୱତନ୍ତ୍ର ଆଲେଖ୍ୟ।

ଆଜକୁ ୪୦୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ତିନି ବନ୍ଧୁ ଯଥା: ସଟୁଆ, ପାଣୁଆ ଓ ଚନ୍ଦୁଆ କୌଣସି କାରଣ ବସତଃ କାଞ୍ଚି ଯାତ୍ରା କରିଥା'ନ୍ତି। ସେଠାରୁ ଫେରିବା ସମୟରେ ତାଙ୍କ ସାଥିରେ ମା' ଚଣ୍ଡୀଙ୍କ ଆଗମନ ହୋଇଥାଏ। ମା' ଚଣ୍ଡୀ ତାଙ୍କୁ ନିର୍ଦ୍ଦେଶ ଦିଅନ୍ତି ଯେ ତୁମେ ଆଗେଆଗେ ଚାଲ ମୁଁ ତୁମ ପଛେପଛେ ଚାଲୁଛି। ତୁମେ ଯେଉଁଠାରେ ପଛକୁ ବୁଲି ଚାହିଁବ ମୁଁ ସେହିଠାରେ ପଥର ପାଲଟିଯିବି। ମା'ଙ୍କ ନିର୍ଦ୍ଦେଶ ମାନି କାଞ୍ଚିରୁ ତିନି ବନ୍ଧୁ ତାଙ୍କ ଗନ୍ତବ୍ୟ ପଥରେ ଆଗମନ ହୁଅନ୍ତି ଏବଂ ଏପରି ଏକ ପରିସ୍ଥିତି ସୃଷ୍ଟି ହୁଏ ଯେଉଁଠାରେ ମା' ଚଣ୍ଡୀଙ୍କ ନୂପୁର ଶବ୍ଦ ଶୁଣି ନ ପାରି ତିନି ବନ୍ଧୁ ପଛକୁ ଚାହିଁ ମା'ଙ୍କ ଉପସ୍ଥିତିକୁ ଅନୁଭବ କରିବା ସ୍ଥଳେ ମା' ପଥର ପାଲଟିଯାଇ ଏହି ଆଗରପଡ଼ାର ପୁରୁଷଣ୍ଡ ଗ୍ରାମରେ ଅବସ୍ଥାପିତ ହୁଅନ୍ତି। ପରମୁହୂର୍ତ୍ତରେ ସେହି ତିନି ବନ୍ଧୁ ରାଜାଙ୍କ ଆଶୀର୍ବାଦର ପାତ୍ର ହୋଇ ତିନୋଟି ଗ୍ରାମ ଦାନ ସ୍ୱରୂପ ପ୍ରାପ୍ତ କରନ୍ତି। ସେହି ତିନୋଟି ଗ୍ରାମ ଯଥା- କୁଆଁସମଢ଼ିଆ, ଟିକିରା ଓ ଶ୍ରୀରାମପୁର। ସେହି ସମୟରେ କୌଣସି ଜାତି ପ୍ରଥାର ପରମ୍ପରା ନ ଥିବାରୁ ତାଙ୍କୁ ମହାନ୍ତି ଉପାଧିରେ ଭୂଷିତ କରିଥାନ୍ତି ରାଜା ଓ ପରମୁହୂର୍ତ୍ତରେ ତାଙ୍କ ବଂଶଜମାନେ କରଣ ଜାତିରେ ପରିପାଳିତ ହୋଇଥାନ୍ତି। ଆଜି ପର୍ଯ୍ୟନ୍ତ ଏହି ସବୁ ଗ୍ରାମରେ କୌଣସି ଶୁଭ କର୍ମ ହେଲେ ଏକଭୁଜ୍ୟ ସେମାନଙ୍କ ନାମରେ ଦେବାର ପରମ୍ପରା ରହିଆସିଛି। ମା'ଙ୍କ ଅବସ୍ଥାପିତ ସ୍ଥାନରେ ତିନୋଟି ଗଡ଼ିଆ ଥିବାର ପରିଲକ୍ଷିତ ହୋଇଛି। ସେହି ତିନୋଟି ଗଡ଼ିଆର ନାମ ଯଥା- ସଟୁଆ ଗଡ଼ିଆ, ପାଣୁଆ ଗଡ଼ିଆ ଓ ଚଣ୍ଡୀ ଗଡ଼ିଆ ନାମରେ ନାମିତ ହୋଇଛି।

ମା' ପ୍ରଥମେ ଏକ ଅଶ୍ୱତ୍ଥ ବୃକ୍ଷ ମୂଳରେ ଅବସ୍ଥାପିତ ହୋଇ ପୂଜା ପାଉଥିଲେ। ସେହି ସମୟରେ ତେଲି ବଂଶଜ ମା'ଙ୍କ ସମ୍ମୁଖରେ ଘର ତୋଳିଥିଲେ। ଏକ ସମୟରେ ଖଳାକୁ ମା'ଙ୍କ ସମ୍ମୁଖ କରି ଧାନ ଉଡ଼ାଉଥିବା ସମୟରେ

**ଆଜି ପବିତ୍ର ମାଘ ସପ୍ତମୀ**

ମା'ଙ୍କ ମୁଖରେ ଧାନ ଗୁଣ୍ଡି ପଡ଼େ। ମା' ପରମୁହୂର୍ତ୍ତରେ ତାଙ୍କ ପୂଜକକୁ ସ୍ୱପ୍ନାଦେଶ ଦିଅନ୍ତି ଓ ସେହି ତେଲି ବଂଶଜଙ୍କ ଖଳାକୁ ଅନ୍ୟ ଦିଗକୁ କରିବାକୁ ନିର୍ଦ୍ଦେଶ ଦିଅନ୍ତି। କିନ୍ତୁ ସେହି ବଂଶଜ ଜଣକ ମା'ଙ୍କୁ ଯଦି ସତରେ ତୁମେ ଅଛ ତୁମେ ତୁମ ମୁହଁ ବୁଲାଇଦିଅ ବୋଲି କହିଥାଏ। ପରବର୍ତ୍ତୀ ସମୟରେ ମା' ଚଣ୍ଡୀ ଦକ୍ଷିଣ ମୁଖାରୁ ପଶ୍ଚିମ ମୁଖା ହୋଇଥା'ନ୍ତି। କିନ୍ତୁ ସେହି ବଂଶଜଟି ସମ୍ପୂର୍ଣ୍ଣ ଲୋପ୍ ପାଇଯାଇଥାଏ। ପ୍ରଥମେ ମା'ଙ୍କୁ ନଡ଼ା ଛପରର ମାଟି ଘରେ ସ୍ଥାପନ କରି ପୂଜା କରାଯାଉଥାଏ। ତାଙ୍କ ପାଖରେ ଦୁଇଟି ସର୍ପ ଥିବାର ଦେଖାଯାଇଥାଏ। କିନ୍ତୁ ପରେ ପ୍ରାଣବନ୍ଧୁ ପୁହାଣଙ୍କ ଉଦ୍ୟମରେ ଏକ ମନ୍ଦିର ତୋଳା ହୋଇ ମା'ଙ୍କୁ ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି ଏବଂ ସର୍ପ ଦୁଇଟି ଅଦୃଶ୍ୟ ହେବାର ଦେଖାଯାଇଛି। ମା'ଙ୍କ ମହିମା ଅନେକ। ପୀଠ ସମ୍ପର୍କରେ ବହୁ ପୁରାତନ ଜନଶ୍ରୁତି ରହିଥିଲେ ମଧ୍ୟ ତନ୍ମଧ୍ୟରୁ ଲୋକାଦୃତ ଜନଶୃତିରୁ ଜଣାଯାଏ ଯେ, ଏକଦା ପୁରୁଷଣ୍ଡ ଗ୍ରାମର ଧୋବା ସାହିର ଜୈନିକ ଝିଅ ଥରେ ତାଙ୍କ ସାଙ୍ଗ ସାଥିଙ୍କ ଗହଣରେ ଭ୍ରମଣ କରି ଘରକୁ ଫେରିଆସିବା ସମୟରେ କୌଣସି ଏକ ମୁହୂର୍ତ୍ତରେ ମା' ଚଣ୍ଡୀ ତାଙ୍କ ଦେହରେ ଆସି ତାଙ୍କ ଘରେ ରହିଯାଇଥା'ନ୍ତି। କିଛି ଦିନ ପରେ ଝିଅଟିର ବାପାଙ୍କର ମୃତ୍ୟୁ ଘଟେ। ତାଙ୍କ ମୃତ୍ୟୁର ୧୧ଦିନ ଗୃହରେ ଆମିଷ ଭକ୍ଷଣ କରିବାରୁ ମାତାଙ୍କ କୋପ ଦୃଷ୍ଟିରୁ ଝିଅଟିର ଅଙ୍ଗ ଅଚଳ ହୋଇଯାଇଥାଏ। ସେହିପରି ପୁରୁଷଣ୍ଡ ଗ୍ରାମର ବୈଦ୍ୟନାଥ ପୁହାଣ ନାମକ ବ୍ୟକ୍ତି ୧୨ ବର୍ଷ ବୈବାହିକ ଜୀବନ ଅତିବାହିତ କରିସାରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନସନ୍ତତି ପ୍ରାପ୍ତ ହେଉ ନ ଥିବା ସ୍ଥଳେ ସେ ମା'ଙ୍କ ଅପାର କରୁଣାରୁ ତାଙ୍କର ଏକ ପୁତ୍ର ସନ୍ତାନ ପ୍ରାପ୍ତ ହୁଏ। ଜନଶ୍ରୁତି କହେ ଯେ, ମା'ଙ୍କ ଅଲୌକିକ ଶକ୍ତି ବଳରେ ସାରା ଓଡ଼ିଶାକୁ ଦୁର୍ଭିକ୍ଷର କଳାବାଦଲ ଘେରି ରହିଥିବାବେଳେ ଏହି ଅଞ୍ଚଳରେ ଜଳାଜପ କରି ଚଣ୍ଡୀପୂଜା ମାଧ୍ୟମରେ ଇନ୍ଦ୍ର ଦେବତାଙ୍କୁ ପ୍ରସନ୍ନ କରାଯାଇଥିଲା। ପ୍ରତିବର୍ଷ ମାଘ ସପ୍ତମୀରେ ମା' ଚଣ୍ଡୀଙ୍କଠାରେ ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥାଏ। ମା'ଙ୍କ ପବିତ୍ର ପୀଠରେ ପ୍ରତିବର୍ଷ ମା' ଦକ୍ଷିଣଚଣ୍ଡୀ ଯୁବ ଉନ୍ନୟନ ପରିଷଦ ପକ୍ଷରୁ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ପାଖଆଖ ଅଞ୍ଚଳରୁ ବହୁ ଭକ୍ତ ସେଦିନ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି ଓ ଅଞ୍ଚଳଟି ଚଳଚଞ୍ଚଳ ହୋଇଉଠିଥାଏ।

## 'ସକାଳ' ପ୍ରଭାବ: କେନାଲରେ ଆସିଲା ପାଣି



ଦୋଳସାହି,୨୪ା୧(ସମିସ): ଦଶମୌଜା କେନାଲରେ ପାଣି ଛାଡୁ ନ ଥିବା ନେଇ ମୁଗ, ବିରି ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବା ନେଇ ଦୈନିକ 'ସକାଳ'ରେ ପ୍ରକାଶିତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆଉ କେନାଲରେ ପାଣି ଛଡ଼ାଯାଇଛି। ଫଳରେ ମୁଗ, ବିରି ଚାଷୀଙ୍କ ମୁହଁରେ ହସ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ ଦେଇ ଯାଇଥିବା ଦଶମୌଜା କେନାଲରେ ପାଣି ଛାଡୁ ନ ଥିବା ମୁଗ, ବିରି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ନେଇ ଗତ ସପ୍ତାହରେ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଚାଷୀ ଜମିରେ ମୁଗ, ବିରି ବୁଣିଥିବାବେଳେ ଜମିରେ ପାଣି ମଡ଼ାଇପାରୁ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଖବର ପ୍ରକାଶିତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଶନିବାର ସକାଳେ କେନାଲରେ ପାଣି ଛାଡ଼ିବା ନେଇ ଚାଷୀଙ୍କ ମୁହଁରେ ହସ ଖେଳିଛି।

● ନବରାତ୍ର ନାମଯଜ୍ଞରେ ଉତ୍ସବମୁଖର ଆଖଣ୍ଡଳମଣିଙ୍କ ପୀଠ

## ହରିହର ଭେଟ ସହ ଭାଗବତ ପଠନ



ଆରଡ଼ି,୨୪ା୧(ସମିସ): ପ୍ରସିଦ୍ଧ ଶୈବକ୍ଷେତ୍ର ଆଖଣ୍ଡଳମଣି ପୀଠ ନିକଟସ୍ଥ ତାରିଣୀ ଛକରେ ନବରାତ୍ର ନାମଯଜ୍ଞ ସହ ହରିହାଟ ଓ ଭାଗବତ ପଠନ ଅନୁଷ୍ଠିତ ହୋଇଛି। ୯ଦିନ ଧରି ନାମଯଜ୍ଞ ମଣ୍ଡପରେ ଘଟ ପୂଜା, ଦ୍ୱାରପାଳ ପୂଜା, ପାର୍ଶ୍ୱଦେବତା ପୂଜା ସହ ଭାଗବତ ପଠନ କରାଯାଇଥିଲା। ନାମଯଜ୍ଞ ପ୍ରାରମ୍ଭରୁ ସଂକୀର୍ତ୍ତନ ସହ ଛତ୍ର, ଆଲଟ ଚାମର ଦ୍ୱାରା ୯ଟି କଳସ ଶୋଭାଯାତ୍ରାରେ ବାହାରି ଆରଡ଼ି ପୀଠ ନଗର ପରିକ୍ରମା କରିବା ପରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ସମ୍ମୁଖରେ ଥିବା ପୁଣ୍ୟତୋୟା ଶିବଗଙ୍ଗା ପୁଷ୍କରିଣୀରେ ଘଟ ଉତ୍ତୋଳନ କରାଯାଇ ବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ନାମଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁ ଭକ୍ତମାନେ ହରିହରଙ୍କୁ ଏକତ୍ର ଦର୍ଶନ କରିବା ସହ ପୂଜା ଲାଗି କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ନାମଯଜ୍ଞ ସହ ୫୧ ଜଣଙ୍କ ଦ୍ୱାରା ଭାଗବତ ପଠନ, ପାରାୟଣ ଆଦି ଅନୁଷ୍ଠିତ ହୋଇଥିଲା।

## ସରସ୍ୱତୀ ପୂଜା ପାଇଁ ସରମରା ଚଳଚଞ୍ଚଳ





ବନ୍ତ/ଆଗରପଡ଼ା, ୨୪ା୧ (ସମିସ): ସରସ୍ୱତୀ ପୂଜା ପାଇଁ ଭଦ୍ରକ ଜିଲ୍ଲାରେ ପ୍ରସିଦ୍ଧ ଲାଭ କରିଥିବା ବନ୍ତ ବ୍ଲକ୍ ସରମରା ଗାଁ ଚଳଚଞ୍ଚଳ ହୋଇଉଠିଛି। ଆଲୋକମାଳାରେ ସଜେଇ ହୋଇଥିବା ସରମରା ସହରର ଭ୍ରମ ସୃଷ୍ଟି କରୁଛି। ପ୍ରତିବର୍ଷ ଭଳି ଏବର୍ଷ ବି ଗ୍ରାମର ଯୁବକ ଓ ଗ୍ରାମବାସୀଙ୍କ ସହାୟତାରେ ୪ଟି ମଣ୍ଡପରେ ମା' ଦିବାରାତ୍ରି ପୂଜା ପାଉଛନ୍ତି। ପୂର୍ବରୁ ଉକ୍ତ ଗ୍ରାମରେ ଗୋଟିଏ ଜାଗାରେ ପୂଜା ପାଉଥିଲେ ମା' ସରସ୍ୱତୀ। ୧୯୮୯ ମସିହାରୁ ପୃଥକ୍ ଭାବରେ ୪ଟି ମଣ୍ଡପରେ ପୂଜା କରାଯାଉଛି ମା'ଙ୍କୁ। ଗ୍ରାମର ଉତ୍ତର ଦିଗରେ ୟୁନାଇଟେଡ୍ କ୍ଲବ୍, ଦକ୍ଷିଣରେ ଜୟ କିଷାନ, ଗାଁ ମଝିରେ ସରସ୍ୱତୀ ୟୁଥ୍ ଓ ଆସ ମିସ୍ କ୍ଲବ୍ ପକ୍ଷରୁ ପୂଜା ଅନୁଷ୍ଠିତ ହେଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପୂଜା ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ମଣ୍ଡପରେ ନିର୍ମିତ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି ଓ ସୁଉଚ୍ଚ ତୋରଣ ସମାଜକୁ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥାଏ। ଜିଲ୍ଲା ବାହାରୁ ବ୍ୟବସାୟୀଙ୍କ ଭିଡ଼ ଲାଗିରହିଥାଏ। ପ୍ରତ୍ୟହ ସନ୍ଧ୍ୟାରେ ମେଲୋଡ଼ି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭାମାନ ଅନୁଷ୍ଠିତ ହୋଇଥାଏ।

## 'ଆମ ସାମ୍ବାଦିକ ସଂଘ' ପକ୍ଷରୁ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ

ବାସୁଦେବପୁର,୨୪ା୧(ସମିସ): କେବଳ ଖବର ପରିବେଷଣ କରି ନିଜର ଦାୟିତ୍ୱ ନିର୍ବାହ କରନ୍ତି ନାହିଁ। ଗରିବ ଅସହାୟ ଲୋକମାନଙ୍କ ସାହାରା ପାଲଟନ୍ତି ଆମ ସାମ୍ବାଦିକ ସଂଘ। ନିଶାରେ ସମାଜର ଅବହେଳିତ ଲୋକଙ୍କୁ ସାହାଯ୍ୟ ଓ ସହାୟତାର ହାତ ବଢ଼ାଇବା। ପେସାରେ ସାମାଜିକ ଦାୟିତ୍ୱବୋଧକୁ ନ ଭୁଲି ନିଜର ସୀମିତ ସମ୍ବଳକୁ ପାଥେୟ କରି ନିଷ୍ଠାପର ଭାବେ କର୍ତ୍ତବ୍ୟ ନିର୍ବାହ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ସଂଘର ସେବା ମନୋଭାବ ଯୋଗୁଁ ସବୁଠି ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ବାସୁଦେବପୁର ଆମ ସାମ୍ବାଦିକ ସଂଘ ପକ୍ଷରୁ ବାସୁଦେବପୁର ପୌରପାଳିକାର ୱାର୍ଡ ନମ୍ବର ୧୫ ସାବରପୁରରେ ଗରିବ, ଅସହାୟ, ବିଧବା ମହିଳାମାନଙ୍କୁ ଶୀତ ଦାଉରୁ ରକ୍ଷା କରିବାକୁ କମ୍ବଳ ବଣ୍ଟନ କରାଯାଇଛି। ଏହି ବଣ୍ଟନରେ ଆମ ସାମ୍ବାଦିକ ସଂଘର ସଭାପତି କିଶୋର ମହାପାତ୍ର, ଉପସଭାପତି ଅମୀୟ ମହାନ୍ତି, ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ସଦସ୍ୟ ପର୍ଶୁରାମ ପାକଳ, ସଂଗ୍ରାମ କେଶରୀ ମହାନ୍ତି, ସ୍ୱାଧୀନ ଆଲୋକ ଡାଙ୍ଗୁଆ ଓ ପୂର୍ବତନ କାଉନ୍‌ସିଲର ଅମିଦ୍ଦିନ ଖାଁ ଯୋଗଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ କମ୍ବଳ ବଣ୍ଟନ କରି ଆମ ସାମ୍ବାଦିକ ସଂଘ ସାମାଜିକ ଦାୟିତ୍ୱ ନିର୍ବାହ କରିଛି ବୋଲି ସଭାପତି କିଶୋର କୁମାର ମହାପାତ୍ର କହିଥିଲେ।



## ଚାନ୍ଦିମାଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରୟାଲ ଷ୍ଟ୍ରାଇକର ବିଜୟୀ

ବାସୁଦେବପୁର,୨୪ା୧(ସମିସ): ବାସୁଦେବପୁର ବ୍ଲକ୍ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳ ମିନି ଷ୍ଟାଡିୟମ୍‌ରେ ଗଣେଶ ଇଲେଭେନ୍ ଆନୁକୂଲ୍ୟରେ ୩ଦିନ ଧରି ଚାଲିବାକୁ ଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଉଦ୍‌ଘାଟନୀ ଦିବସରେ ରୟାଲ ଷ୍ଟ୍ରାଇକର ବିଦେଇପୁର ଓ ଆୟୁଷ୍ ଇଲେଭେନ୍ ଆନ୍ଦୁଳା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁବ ନେତା ବାଣୀକଲ୍ୟାଣ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୁଷ ଇଲେଭେନ୍ ଆନ୍ଦୁଳା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ୱିକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିଲା। ରୟାଲ ଷ୍ଟ୍ରାଇକର ବିଦେଇପୁର ୫ ୱିକେଟ୍ ହରାଇ ୧୦୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

## ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ଦେବେ ୨୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

ଭଦ୍ରକ,୨୪ା୧(ସମିସ): ଚଳିତ ବର୍ଷ ଭଦ୍ରକ ଜିଲ୍ଲାର ୭ ବ୍ଲକ୍‌ରେ ପ୍ରାୟ ୨୨ହଜାରରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି। ଆସନ୍ତା ଫେବୃଆରୀ ୧୯ ତାରିଖଠାରୁ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଭଦ୍ରକ ଜିଲ୍ଲାରେ ଶିକ୍ଷା ବିଭାଗ ପ୍ରସ୍ତୁତିରେ ଲାଗି ପଡ଼ିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟରୁ ପ୍ରକାଶ ଯେ, ଚଳିତ ବର୍ଷ ଜିଲ୍ଲାର ୭ ବ୍ଲକ୍‌ରେ ପ୍ରାୟ ୨୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି। ପରୀକ୍ଷା ପରେ ଖାତା ପୁଣି ସୁରକ୍ଷିତ ଭାବରେ ନୋଡାଲ କେନ୍ଦ୍ରକୁ ଆସିବ। ଏଥିପାଇଁ ମୋଟ୍ ୧୧୫ ଜଣ କେନ୍ଦ୍ର ପରିଚାଳକ ଓ ୯୧୦ ଜଣ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ସେହିଭଳି ଆଉ କିଛି ପରୀକ୍ଷାର୍ଥୀଙ୍କ ସଂଖ୍ୟା ଓ ପରୀକ୍ଷା ନିୟନ୍ତ୍ରକଙ୍କ ସଂଖ୍ୟା ବୃଦ୍ଧି ହୋଇପାରେ। ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ହେବ ବୋଲି ଜଣାଯାଇଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ



ତିହିଡ଼ି,୨୪ା୧(ସମିସ): ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ପ୍ରଥମ ସାଂସଦ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗବତ ସାହୁଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଝିଙ୍କିରିଆ ଗ୍ରାମରେ ଅବସ୍ଥିତ ଭାଗବତ ସ୍ମୃତି ସଂସଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ତାଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠିତ ଆରସା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅତିଥିମାନେ ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସମିତିସଭ୍ୟ ଚିନ୍ତାମଣି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ସଚିଦାନନ୍ଦ ସାହୁ ସମ୍ମାନିତ ଅତିଥି, ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ସାହୁ, କବି ଚିତ୍ତରଞ୍ଜନ ସାମନ୍ତ, ସିଆର୍‌ସିସି କେଶବ ସାହୁ, ରମେଶ ବାରିକ, ରମେଶ ବାରିକ, ରବିନାରାୟଣ ଭୋଇ, ଲକ୍ଷ୍ମୀକାନ୍ତ ପତି, ମହେଶ୍ୱର ସେଠୀ ଅନ୍ୟତମ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଗାନ୍ଧୀଙ୍କ ଆଦର୍ଶରେ ପରିଚାଳିତ ହୋଇ ସେ ବହୁବାର ଜେଲ୍ ଯାଇଛନ୍ତି। ଖାଲି ସ୍ୱାଧୀନତା ଆନ୍ଦୋଳନ ନୁହେଁ ସାମାଜିକ ସଂସ୍କାର ପାଇଁ ତାଙ୍କର ଉଦ୍ୟମ ଚିରସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ଭାଗବତ ସ୍ମୃତି ପରିଷଦର ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ରାଉତଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ




ଅସୁରାଳି,୨୪ା୧(ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଧୂଷୁରୀସ୍ଥିତ ପୂଜ୍ୟପୂଜା ସଂସଦରେ ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ଶିକ୍ଷାବିତ୍ ସହ ପରୋପକାରୀ, ମେଳାପି ଥିଲେ ଓ ତାଙ୍କର କର୍ମ ତାଙ୍କୁ ଜନମାନସରେ ଚିରସ୍ମରଣୀୟ କରି ରଖିଛି ବୋଲି ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ। ପ୍ରାତଃ ସମୟରେ ଧୂଷୁରୀସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଯୋଗଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ପୂର୍ବତନ ସାଂସଦ ମୁରଲୀଧର ଜେନା, ହୃଦାନନ୍ଦ ସେଠୀ, ଟୁନିବାଳା ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାବାଜୀ ଚରଣ ପଣ୍ଡା, ଡ. ବିଦ୍ୟାଧର ଜେନା, ପଞ୍ଚାନନ ମଣ୍ଡଳ, ଅସିତ୍ ପଟ୍ଟନାୟକ, ନଳିନୀ ମହାନ୍ତି ଓ ସ୍ଥାନୀୟ ଅଞ୍ଚଳରୁ ବହୁ ଜଗନ୍ନାଥପ୍ରେମୀ ଉପସ୍ଥିତ ରହି ତାଙ୍କ ବିଷୟରେ ବଖାଣିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ତାଙ୍କର ସୁପୁତ୍ର ଅଭିଷେକ ରାଉତ।

## ନାବାଳିକାକୁ ଅସଦାଚରଣ କରି ବୃଦ୍ଧ ଗିରଫ

ତିହିଡ଼ି,୨୪ା୧(ସମିସ): ଜନୈକା ୬ ବର୍ଷର ନାବାଳିକା ସହ ଅସଦାଚରଣ କରିବା ଅଭିଯୋଗରେ ତିହିଡ଼ି ଥାନା ଅଧୀନ ଆରସା ଗ୍ରାମର ସୁରେନ୍ଦ୍ର ନାଥ ବେହେରା (୬୯) ନାମକ ଜନୈକ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ସୁରେନ୍ଦ୍ରଙ୍କ ଦୋକାନକୁ ଜିନିଷ କିଣିବାକୁ ଆସିଥିବାବେଳେ ସୁରେନ୍ଦ୍ର ତାଙ୍କ ସହ ଅସଦାଚରଣ କରିଥିଲେ। ଏ ନେଇ କାହାକୁ ନ କହିବାକୁ ଧମକଚମକ ଦେଇଥିଲେ। ତେବେ ଝିଅଟି କାନ୍ଦିକାନ୍ଦି ଏ ନେଇ ଘରେ କହିବା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

## ହାରାମଣିଙ୍କ ସ୍ମୃତିସଭା




ଦୋଳସାହି,୨୪ା୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତ ଧର୍ମପ୍ରାଣା ହାରାମଣି ଜେନାଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ୭ନମ୍ବର ୱାର୍ଡର ସ୍ୱର୍ଗତ ଧନେଶ୍ୱର ଜେନାଙ୍କ ପତ୍ନୀ ହାରାମଣିଙ୍କ ବିୟୋଗରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା ବେଳେ ଶନିବାର ତାଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହାରାମଣିଙ୍କ ବୋହୂ ତଥା ଗୁଆମାଳ ସରପଞ୍ଚ ମାମିନା ଜେନା, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ସୁଧାଂଶୁ ପାଣିଗ୍ରାହୀ, ତପନ ପାଢ଼ୀ, ପର୍ଶୁରାମ ପାଣିଗ୍ରାହୀ, ସତ୍ୟାନନ୍ଦ ପାଣିଗ୍ରାହୀ, ଭକ୍ତହରି ଜେନା, ପାର୍ଥସାରଥୀ ମହାରଣା, ତିହିଡ଼ି ବ୍ଲକ୍ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ, ବଂଶୀଧର ଦାସ, ସନାତନ ଜେନା, ଶ୍ରୀନାଥ ମଲ୍ଲିକ, ମନ୍ମଥ ଦାସ, ମାୟାଧର ସାହୁ, ରୂପେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଧାନ କିଣାରେ ଅହେତୁକ ବିଳମ୍ବ

# ୨୬ରେ ରାଜରାସ୍ତାକୁ ଓହ୍ଲାଇବେ ପାଳସାହି ଚାଷୀ



ଅସୁରାଳି,୨୪ା୧(ସମିସ): ଧାମନଗର ବ୍ଲକ୍‌ର ପାଳସାହି ସେବା ସମିତି ଅଧୀନରେ ଥିବା ଚାଷୀମାନେ ଧାନ ବିକ୍ରୟ ପାଇଁ ଦୀର୍ଘଦିନ ଧରି ପ୍ରତୀକ୍ଷା କରିଛନ୍ତି। ୮୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ସତ୍ତ୍ୱେ ୩୦୦ରୁ ଅଧିକଙ୍କ ପାଇଁ ବିକ୍ରୟ ତାରିଖ ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ସମବାୟ ସମିତିର ସମ୍ପାଦକ ଧାନ ମଣ୍ଡି ଖୋଲି ଧାନର ମାନ ନିର୍ଦ୍ଧାରଣ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇନାହିଁ। ଶତାଧିକ ଚାଷୀଙ୍କର ବିକ୍ରୟ ପାଇଁ ନିର୍ଦ୍ଧାରିତ ଟୋକନ ତାରିଖ ଶେଷ ହେବାକୁ ବସିଲାଣି। ଏହାର ପରିଣାମରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିଛି। ଚାଷୀମାନେ ସ୍ପଷ୍ଟ କରିଛନ୍ତି, ଆସନ୍ତା ୨୬ ତାରିଖ ସୁଦ୍ଧା ଧାନ କଣ୍ଟା ନ ହେଲେ, ସେମାନେ ୨୭ ତାରିଖରେ ବେତାଳିଗାଁଠାରେ ଭଦ୍ରକ-ଆରଡ଼ି ରାଜରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିବେ। ଅମର ସାହୁ, ସାଧୁ ଚରଣ ସାହୁ, ସୁବ୍ରତ ଦାସ, ଧନେଶ୍ୱର ଦାସ, ଝିଲି ସାହୁ, ବ୍ରଜେନ୍ଦ୍ର ମହାନ୍ତି, ରବିନ୍ଦ୍ର ସାହୁ, ଆଲୋକ ରାଉତ, ଅନିଲ ଦାସ, ତ୍ରିଲୋଚନ ଦାସ, ବିଭୂତିଭୂଷଣ ବାରିକ, ରଘୁନାଥ ଜେନା, କୈଳାସ ବାରିକ, ମଣିଭଦ୍ର ସାହୁ, ହୃଦାନନ୍ଦ ପରିଡ଼ା, ରମେଶ ସାହୁ, ନୀଳମଣି ମଲିକ ପ୍ରମୁଖ ଚାଷୀ ନେତାମାନେ କହିଛନ୍ତି, ଧାନ କଣ୍ଟାରେ ବିଳମ୍ବ ହେବାରୁ ଆମେ ବିପଦରେ ପଡ଼ିଛୁ। ଯଦି ୨୬ ତାରିଖ ସୁଦ୍ଧା କଣ୍ଟା ଆରମ୍ଭ ହେବ ନାହିଁ, ଆମେ ରାସ୍ତାରେ ବସିବାକୁ ବାଧ୍ୟ ହେବୁ। ଚାଷୀମାନେ ଏହି ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନଙ୍କ ମୁଖ୍ୟ ଦାବି ଧାନ କଣ୍ଟା ତୁରନ୍ତ ଆରମ୍ଭ କରାଯାଉ, ଟୋକନ ତାରିଖ ବୃଦ୍ଧି କରାଯାଉ, ଚାଷୀଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ ଦିଆଯାଉ। ଧାମନଗର ବ୍ଲକ୍‌ର ପାଳସାହି ସେବା ସମିତି ଅଧୀନରେ ଥିବା ଚାଷୀମାନଙ୍କ ଅସନ୍ତୋଷ ଏବେ ଆନ୍ଦୋଳନର ରୂପ ନେବାକୁ ଯାଉଛି। ଧାନ କଣ୍ଟାରେ ବିଳମ୍ବ ହେଲେ, ୨୭ ତାରିଖରେ ରାସ୍ତାରେ ବସିବାକୁ ସେମାନେ ପ୍ରସ୍ତୁତ।

# ଶିମିଳିପାଳରେ ରାତ୍ର ରହଣୀ ଓ ଭ୍ରମଣ କରିବେ ରାଷ୍ଟ୍ରପତି



ବାରିପଦା, ୨୪।୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଛଅଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ସମୟରେ ସେ ପ୍ରସିଦ୍ଧ ଶିମିଳିପାଳ ଜାତୀୟ ଉଦ୍ୟାନରେ ରାତ୍ର ରହଣୀ ସହିତ ଭ୍ରମଣ କରିବେ। ଯାହାକି ରାଷ୍ଟ୍ରପତିଙ୍କ ଜନ୍ମଭୂମି ଓଡ଼ିଶା ସହିତ ତାଙ୍କର ଗଭୀର ସମ୍ପର୍କକୁ ଆହୁରି ଦୃଢ଼ କରିବ।

ସରକାରୀ ଘୋଷଣା ଅନୁଯାୟୀ, ରାଷ୍ଟ୍ରପତି ମୁର୍ମୁ ଫେବୃଆରୀ ୫ ତାରିଖ ଅପରାହ୍ନରେ ରାଇରଙ୍ଗପୁର କାର୍ଯ୍ୟକ୍ରମ ପରେ ଶିମିଳିପାଳରେ ପହଞ୍ଚିବେ। ସେଠାରେ ରାତ୍ରଯାପନ ସହିତ ବନବାସୀ ସମ୍ପ୍ରଦାୟଙ୍କ ସହିତ ସମ୍ପର୍କ ସ୍ଥାପନ କରିବେ। ଫେବୃଆରୀ ୬ ତାରିଖ ସକାଳେ ଶିମିଳିପାଳର ଆଦିବାସୀ ମହିଳା ଓ ଯୁବକଙ୍କ ସହିତ ଆଲୋଚନା କରିବେ। ଯାହା ସଶକ୍ତୀକରଣ, ଶିକ୍ଷା ଓ ସ୍ଥାୟୀ ଉନ୍ନୟନ ଉପରେ କେନ୍ଦ୍ରିତ ହେବ। ପରେ ସେ ଭୁବନେଶ୍ୱର ଫେରିବେ ଓ ବ୍ଲାକ୍ ସ୍ୱାନ୍ ସମିଟ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ଶିମିଳିପାଳ ଏକ ୟୁନେସ୍କୋ ବାୟୋସ୍ଫିୟର୍ ରିଜର୍ଭ ଓ ଭାରତର ସବୁଠାରୁ ବଡ଼ ବାଘ ଅଭୟାରଣ୍ୟ ମଧ୍ୟରୁ ଗୋଟିଏ। ୨,୭୫୦ ବର୍ଗ କିଲୋମିଟର ବ୍ୟାପ୍ତ। ଏହା ବିରଳ କଳା ବାଘ, ହାତୀ ଓ ୧୦୪ରୁ ଅଧିକ ପ୍ରକାରର ଅର୍କିଡ୍ ପାଇଁ ପ୍ରସିଦ୍ଧ। ରାଷ୍ଟ୍ରପତିଙ୍କ ଭ୍ରମଣରେ ବନ୍ୟପ୍ରାଣୀ ସଂରକ୍ଷଣ ସମସ୍ୟା ଦୂର କରିବ। ଏହା ରାଷ୍ଟ୍ରପତିଙ୍କ ପ୍ରଥମ ଶିମିଳିପାଳ ଭ୍ରମଣ ନୁହେଁ। ୨୦୨୩ ମେ ମାସରେ ସେ ପ୍ରଥମ ଭାରତୀୟ ରାଷ୍ଟ୍ରପତି ଭାବେ ଏଠାରେ ରାତ୍ରୀଯାପନ ସହିତ ଭ୍ରମଣ କରିଥିଲେ। ଯେଉଁଥିରେ ସଫାରି ଓ ବନ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିଲା। ରାଜ୍ୟ ପ୍ରଶାସନ, ମୁଖ୍ୟ ସଚିବଙ୍କ ନେତୃତ୍ୱରେ ସୁରକ୍ଷା ଓ ଲଜିଷ୍ଟିକ୍ସ ପାଇଁ ପୂର୍ଣ୍ଣ ବ୍ୟବସ୍ଥା ସମ୍ପନ୍ନ ହୋଇଛି। ରାଷ୍ଟ୍ରପତିଙ୍କ ଯାତ୍ରାକ୍ରମରେ ଯାଜପୁର ଓ ପୁରୀରେ ମନ୍ଦିର ଦର୍ଶନ, ବାଲେଶ୍ୱର ଓ ଜନ୍ମମାଟି ରାଇରଙ୍ଗପୁରରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି।

# ଭାଲୁ ଆକ୍ରମଣରେ ଯୁବତୀ ଗୁରୁତର

ଉଦଳା,୨୪।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବନାଞ୍ଚଳ କଇଁସାରି ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଯୁବତୀ ଘର ପାଖ ବିଲକୁ କାଠ ଆଣିବାକୁ ଯାଇଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି।



ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି ଯୁବତୀ। ଉଦଳା ବନାଞ୍ଚଳ କଇଁସାରି ବାବୁସାହିରେ ଘଟିଛି ଏଭଳି ଘଟଣା। ଗ୍ରାମର ରାଇମାତ ସୋରେନ ଘର ପାଖ ବିଲ ନିକଟକୁ କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ଦୁଇଟି ଭାଲୁ ଅଚାନକ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଇମାତ ଗୁରୁତର ହୋଇଥିବାବେଳେ ତାଙ୍କ ବାମ ହାତ ଗଭୀର ଭାବେ କ୍ଷତ ହୋଇଛି। ଭାଲୁ ଆକ୍ରମଣରେ ଗୁରୁତର ହୋଇ ସେ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି। ସେପଟେ ଭାଲୁ ଉପରେ ବନ ବିଭାଗ ନଜର ରଖିଛି।

# ଆଗ୍ରିଆ ମହୋତ୍ସବ ଉଦ୍‌ଘାଟିତ

ବେତନଟୀ, ୨୪।୧(ସମିସ):



ବେତନଟୀ ବ୍ଲକ୍ ଅଧୀନ ଆଗ୍ରିଆଠାରେ ବୀଣାପାଣି ଯୁବକ ସଂଘ ପକ୍ଷରୁ ଆୟୋଜିତ ୨୩ତମ ଆଗ୍ରିଆ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବକୁ ବଡ଼ସାହି ବିଧାୟକ ସନାତନ ବିଜୁଳି ଉଦ୍‌ଘାଟନ କରି ଆଗ୍ରିଆ ମାଟି ହେଉଛି କଳା ଓ ସଂସ୍କୃତିର ମାଟି। ଯଦ୍ୱାରା ମୟୂରଭଞ୍ଜରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ବୀଣାପାଣି ଯୁବକ ସଂଘର ସଭାପତି ଶିବ ନାରାୟଣ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଆଗ୍ରିଆ ପଞ୍ଚାୟତ ସରପଞ୍ଚ ମିନତୀ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ରାଉତ, ସଂଘର ସମ୍ପାଦକ ଜୀବନ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଯୁବ ସାମ୍ବାଦିକ ସତ୍ୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମଦ ତିଆରିର କୁଟୀର ଶିଳ୍ପରେ ପରିଣତ ହେଲାଣି ପାଟଣା ଅଞ୍ଚଳ

ତୁରୁମୁଙ୍ଗା,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ଥାନା ଅଞ୍ଚଳରେ ଏବେ ମହୁଲି ମଦ ତିଆରି ଏକ ପ୍ରକାର କୁଟୀର ଶିଳ୍ପରେ ପରିଣତ ହୋଇଛି। ଅବକାରୀ ବିଭାଗର ନିଷ୍କ୍ରିୟତା



ଯୋଗୁଁ ପାଟଣା ଓ ସାହାରପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଥିବା ନଦୀକୂଳ ଏବଂ ଜଙ୍ଗଲରେ ମହୁଲକୁ ପଚାଇବା ମହୁଲି ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଗ୍ରାମକୁ ବାଇକ ଯୋଗେ ଚୋରାଚାଲାଣ କରାଯାଉଛି। ସବୁ ଜାଣି ଅବକାରୀ ବିଭାଗ ନିଦାବିଷ୍ଟ ସାଜିଥିବାରୁ ଏବେ ଏ ଅଞ୍ଚଳର ବିଭିନ୍ନ ଗ୍ରାମର ଚୋରା ମଦ କାରାବର ବୃଦ୍ଧି ପାଉଛି। ଦେଶୀ ହେଉ କି ବିଦେଶୀ ଖୁଲମ ଖୁଲା ଭାବରେ ବିନା ଭୟ ରେ ମଦ ବିକ୍ରି କରୁଛନ୍ତି ବ୍ୟବସାୟୀ। ପାଟଣା ବ୍ଲକର ହୀରାପଶି, ସାହାରପଡ଼ା ବ୍ଲକର ଟୁନୁ ସାହି, ରାଧାପୁର, କଣ୍ଟେଇପଡା ଆଦି ଗ୍ରାମରେ ମହୁଲି ମଦ ତିଆରି କରିବା କୁଟୀରଶିଳ୍ପରେ ପରିଣତ ହୋଇଛି ଉକ୍ତ ଗ୍ରାମ ଗୁଡ଼ିକରେ ମହୁଲି ମଦ ପ୍ରସ୍ତୁତ କରାଯାଇ ଅଞ୍ଚଳର ବିଭିନ୍ନ ଗ୍ରାମକୁ ପଠା ଯାଉଛି। ମହୁଲି ମଦ କାରବାର ବଢ଼ିଥିବାରୁ ଆଖପାଖ ଅଞ୍ଚଳର ଲୋକେ ରାସ୍ତାରେ ଯିବା ଆସିବା କରିପାରୁ ନଥିବା ବେଳେ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ପାନ ଦୋକାନଠୁ ଆରମ୍ଭ କରି ଚା ଦୋକାନ ରେ ଦେଶୀ ମହୁଲି ମଦ ଓ ବିଦେଶୀ ମଦବିକ୍ରି ହୋଉଥିବା ଦେଖିବାକୁ ମିଳୁଛି ଅତି ପାଖରେ ମଦ ବିକ୍ରୀ ହେଉଥିବାରୁ ଯୁବ ପିଢ଼ି ମଦ ପିଇ ପଥଭ୍ରଷ୍ଟ ହେବା ସହ ଯୁବାବସ୍ଥାରେ ନାନାଦି ରୋଗ ରେ ପଡ଼ିଅକାଳରେ ମୃତ୍ୟୁବରଣ କରିଛନ୍ତି। ଦୀର୍ଘଦିନରୁ ଏ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ ହେବା ସହ ମଦ ମାଫିଆ ଓ ବିଭାଗୀୟ ଅଧିକାରୀଙ୍କ ଭିତିରିଆ ବୁଝାମଣାରେ ମଦ ପ୍ରସ୍ତୁତ ଚାଲିଥିବା ସ୍ଥାନୀୟରେ ଚର୍ଚ୍ଚା ହେଉଛି। ଅବକାରୀ ବିଭାଗ ଚଢ଼ଉ କରିବା ପୂର୍ବରୁ ମାଫିଆମାନେ ସ୍ଥାନ ଛାଡ଼ି ପଳାଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀ କେବଳ ସରଞ୍ଜାମ ଜବତ କରି ମଦ ପାଇଁ ପ୍ରସ୍ତୁତ ହୋଇଥିବା ପୋଚକୁ ନଷ୍ଟ କରି ଫେରୁଛି। ମଦ ପ୍ରସ୍ତୁତରେ ଥିବା ବ୍ୟବସାୟୀଙ୍କୁ ଗିରଫ ନ କରି ବିକ୍ରି କରୁଥିବା ନିରୀହ ଆଦିବାସୀଙ୍କୁ ଗିରଫକରି ବାହା ବାହା ନେଉଛନ୍ତି ଅବକାରୀ କର୍ମଚାରୀ। ଏଥିପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ଅଞ୍ଚଳରେ ନିଶା କାରବାର ଉପରେ ଅଙ୍କୁଶ ଲଗାଇବାକୁ ବୁଦ୍ଧିଜୀବୀମହଲରେ ଦାବି ହେଉଛି।

# ଗଛରେ ପିଟି ହେଲା ବାଇକ୍; ଜଣେ ମୃତ

ତେଲକୋଇ,୨୪।୧(ସମିସ): ତେଲକୋଇ ବିମଳା ପୂର୍ତ୍ତବିଭାଗ ରାସ୍ତାର ବାଲେଶ୍ୱର ଗ୍ରାମ ଛକ ନିକଟରେ ଏକ ବାଇକ୍ ରାସ୍ତା କଡ଼ ଗଛରେ ପିଟି ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ତାଳଚେର ଥାନା କଂଶୁରିପାଳ ଗ୍ରାମର ରମେଶ ବେହେରାଙ୍କ ପୁଅ ରଞ୍ଜନ ବେହେରା(୨୮)।

ସୂଚନା ଅନୁସାରେ ରଞ୍ଜନ ବେହେରା ଉକ୍ତ ଗ୍ରାମର ସମୀର ବେହେରା (୧୯)ଙ୍କୁ ସାଙ୍ଗରେ ଧରି ବାଇକ୍‌ରେ ବାଲେଶ୍ୱର ଗ୍ରାମର ଜନୈକ ଜ୍ୟୋତିର୍ବିଦ୍‌ଙ୍କ ପାଖକୁ ଆସି ନିଜ ଘରକୁ ଫେରୁଥିଲେ। ଫେରିବାବେଳେ ସମୀର ବାଇକ୍ ଚଳାଉ ଥିଲେ। ବାଲେଶ୍ୱର ଛକ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହେବାରୁ ଉଭୟ ଦୁର୍ଘଟଣାରେ ଶିକାର ହୋଇଥିଲେ। ଦୁର୍ଘଟଣାପରେ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରୁ ରଞ୍ଜନଙ୍କ ମୃତଦେହ ଉଦ୍ଧାର ହୋଇଛି। ଖବରପାଇ ତେଲକୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ରବିବାର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ରହିଛି।

# କୁମ୍ଭୀରାହୁଡ଼ି ମକର ମେଳା ଉଦ୍‌ଯାପିତ

କୁଆମରା,୨୪।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତସ୍ଥ କୁମ୍ଭୀରାହୁଡି ମେଳା ଉଦଯାପିତ ହୋଇଯାଇଛି। ପରମ୍ପରା ଅନୁସାରେ ମକର ସଂକ୍ରାନ୍ତି ପରଦିନ ଏହି ମେଳା ଓ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଥାଏ। ପର୍ବତ ପାଦଦେଶର ପଶ୍ଚିମରେ ୧୫ ଆରାଧ୍ୟ ଦେବାଦେବୀ ପୂଜା ପାଇଆସୁଛନ୍ତି। ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତିରେ ଅବସ୍ଥିତ ଦେବାଦେବୀ ସ୍ୱତନ୍ତ୍ର ପୂଜା ହୋଇଥାଏ। ଶଶୀଧର ବିଶ୍ୱାଳଙ୍କ ଦ୍ୱାରା ଠାକୁରଙ୍କ ନୀତିକାନ୍ତି ହୋଇଆସୁଛି। ତେବେ ପର୍ବତର ଶିଖରରେ କୁମ୍ଭୀର ସଦୃଶ ଏକ ବିରାଟକାୟ ପଥର ରହିଥିବାରୁ ଏହାର ନାମକରଣ କୁମ୍ଭୀରାହୁଡି ବୋଲି କିମ୍ବଦନ୍ତୀ କୁହେ। ପାଖାପାଖି ତିନି ଶହ ଫୁଟ ଏହି ପର୍ବତ ଉପରେ ୧୦ ଫୁଟ ଉଚ୍ଚର ଏକ ଶୂନ୍ୟ ମନ୍ଦିର କେଉଁ ଆବାହାନ କାଳରୁ ନିର୍ମାଣ ହୋଇଛି। ମେଳା ଆରମ୍ଭ ଦିନ ଏକ ଜଳପୂର୍ଣ୍ଣ ଘଟ ପର୍ବତ ପାଦଦେଶରୁ ଶୂନ୍ୟ ମନ୍ଦିରକୁ ଉଠିଥାଏ। ସେଠାରେ ୯ ଦିନ ପୂଜା ପାଇବା ପରେ ପୁଣି ସଂକୀର୍ତ୍ତନ ମାଧ୍ୟମରେ ଭକ୍ତମାନେ ତଳକୁ ଓହ୍ଲାଇଥା'ନ୍ତି। ପର୍ବତ ରାଜା ଓ ପ୍ରଭୁ ନୀଳକଣ୍ଠଙ୍କ ଉଦ୍ଦେଶ୍ୟରେ ଏହି ପୂଜା ଦୀର୍ଘ ୫୬ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ପ୍ରତିଷ୍ଠାତା ବନମାଳୀ ଚୌଧୁରୀଙ୍କ ପ୍ରଚେଷ୍ଟାରେ ଏହି ମେଳା ଦୁଇ ସପ୍ତାହ ଧରି ବସିଥାଏ। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଭକ୍ତଙ୍କ ସମାଗମ ଓ ଭିଡ଼ ଲାଗି ରହିଥିଲା। ଉଦଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗ ଦେଇ ଠାକୁରଙ୍କ ଆଶୀର୍ବାଦ ନେଇଥିଲେ। ମେଳା ପରିଚାଳନା ନିମନ୍ତେ ସ୍ୱତନ୍ତ୍ର କମିଟି ରହିଛି।

# ଜଳସୁଆଁରେ ଅସହାୟଙ୍କୁ କମ୍ବଳ ବଣ୍ଟନ



ଆନନ୍ଦପୁର,୨୪।୧(ସମିସ): ଆଦର୍ଶ ସେବା ସଂଘ ସଭାପତି ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଦୀର୍ଘଦିନ ଅସହାୟଙ୍କ ପାଇଁ ଜାରି ରହିଥିବା କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ଆଜି ଶ୍ରୀ ସାହୁ ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମରେ ୩୦ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ କମ୍ବଳ ପ୍ରଦାନ କରିଛନ୍ତି। ବସନ୍ତ ନାରାୟଣ ରାଉତଙ୍କ ତତ୍ତ୍ୱାବଧାନରେ ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ରାଉତ, ତପନ କୁମାର ରାଉତ, ରଞ୍ଜନ ବିଶ୍ୱାଳ, ନୀଳମଣି ରାଉତ, ବିପିନ ରାଉତ, ବିଜୟ ରାଉତ, ବନମାଳୀ ନାୟକ, ଚିନ୍ତାମଣି ରାଉତ, ଶିବ ପ୍ରତାପ ରାଉତ, ପ୍ରଭାତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ଘଷିପୁରା, ଆନନ୍ଦପୁର ବ୍ଲକ୍ ଓ ପୌରାଞ୍ଚଳରେ ୧୬ ନଭେମ୍ବର ୨୦୨୫ରୁ ଅସହାୟଙ୍କ ପାଇଁ ଶୀତବସ୍ତ୍ର ସହଯୋଗ ଜାରି ରହିଥିଲା।

# ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବଡ଼ବିଲ,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୁଲିସ ଗତକାଲି ବିଳମ୍ବିତ ରାତିରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ୨୩ ତାରିଖ ବିଳମ୍ବିତ ରାତିରେ ୧୦ ନମ୍ବର୍ ୱାର୍ଡ ନିଉ ମାର୍କେଟ ନିକଟରେ କେହି ପଡ଼ିଥିବାନେଇ ପୁଲିସ ଖବର ପାଇଥିଲା। ପୁଲିସ ପହଞ୍ଚି ଉକ୍ତ ବୃଦ୍ଧଙ୍କୁ ଡାକ୍ତରଖାନା ନେଇଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବଡ଼ବିଲ ପୁଲିସ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି, ଯୋଡ଼ା ଟିସ୍କୋ ଡାକ୍ତରଖାନାରେ ଶବକୁ ରଖାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଚତୁରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ନିଜକୁ ଖୋଜିବା ଜୀବନ ନୁହେଁ, ନିଜକୁ ଗଢ଼ିବା ହେଉଛି ଜୀବନ'



କୁଆମରା,୨୪।୧(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମାଳତୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭା।ବ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମହଲା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁମନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କମଳଲୋଚନ ଦାସ, ସିଆରସିସି ପ୍ରଶାନ୍ତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗ ଦେଇ ନିଜକୁ ଖୋଜିବା ଜୀବନ ନୁହେଁ, ନିଜକୁ ଗଢିବା ହେଉଛି ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଚଳିତ ବର୍ଷ ବିଦ୍ୟାଳୟ ପକ୍ଷରୁ ପୁରାତନ ଛାତ୍ର କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ସିଂ, ପ୍ରଧାନଶିକ୍ଷକ ହରେନ୍ଦ୍ର ପାତ୍ର, ପ୍ରାଣୀ ଚିକିତ୍ସା ବିଭାଗ ଡାକ୍ତର ସୁପ୍ରିୟା ଦାସ ଓ ପ୍ରିୟଦର୍ଶନୀ ପାତ୍ର, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁରୁବା ସିଂ, ତେଜସ୍ୱୀ ଦାସ, କବିତାରାଣୀ ପଣ୍ଡା ଓ ଜ୍ଞାନ ପ୍ରୀତମ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାର। ସେହିପରି ଚଳିତବର୍ଷ ବାର୍ଷିକ କ୍ରୀଡ଼ାର ୮୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ବୈଜୟନ୍ତୀ କର ବାର୍ଷିକ ବିବରଣୀ ପାଠ ଓ ସତ୍ୟଭାମା ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶକ୍ତିପଦ ଲେଙ୍କା ଓ ଚନ୍ଦ୍ରମୋହନ ସିଂ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର,୨୪।୧(ସମିସ):



ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଅଚାନକ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପରିଦର୍ଶନ କରିଛନ୍ତି। କେନ୍ଦ୍ରରେ ସରସ୍ୱତୀ ପୂଜା ହେଉଥିବାବେଳେ ସେଠାରେ କୁନି କୁନି ପିଲାଙ୍କ ସହ ମିଶି ପୂଜା କରିଛନ୍ତି। ଜିଲ୍ଲା ଗସ୍ତ ଅବସରରେ ଯଶିପୁର ବ୍ଲକ୍ ଅନ୍ତର୍ଗତ ବରେହିପାଣି ପଞ୍ଚାୟତର ନୁଣିଆଗୋଡ଼ା ଗ୍ରାମରେ ଥିବା ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜିତ ମା' ସରସ୍ୱତୀଙ୍କ ପୂଜାରେ ସାମିଲ ହୋଇ ପୂଜା କରି ପ୍ରସାଦ ସେବନ କରିଛନ୍ତି। ଏଥିସହିତ କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡ଼ି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଯାହାକି କୁନି କୁନି ପିଲାଙ୍କ ପ୍ରାକ୍ ଶିକ୍ଷା ସହ ଭୌତିକ ବିକାଶ କାର୍ଯ୍ୟରେ ନିୟୋଜିତ ରହିଛି। ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଏକ ନିଆରା ଅଙ୍ଗନବାଡ଼ି କେନ୍ଦ୍ର ଅଟେ। ଶିଶୁଙ୍କୁ ଖେଳକୁଦ ସମେତ ଗର୍ଭବତୀ ଓ ପ୍ରସୂତୀଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରୁଛି। କୁନି କୁନି ପିଲାଙ୍କ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଯତ୍ନ ଓ ପୋଷଣ ଲାଗି ଅଙ୍ଗନବାଡ଼ି କେନ୍ଦ୍ରରେ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ଏହି କେନ୍ଦ୍ର ବିଶେଷ ସହାୟକ ହେଉଛି। ଯାହାକି ଶିଶୁଙ୍କୁ ଆକୃଷ୍ଟ କରୁଛି। ଗସ୍ତ ଅବସରରେ ଏହାର ବିଶେଷ ଭାବେ ଉପମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି। ସରକାରୀ ଯୋଜନାରେ ଶିଶୁଙ୍କ ପାଇଁ ପ୍ରଦାନ ହେଉଥିବା ସାମଗ୍ରୀ ବାବଦରେ ପଚାରି ବୁଝିଥିଲେ। କେନ୍ଦ୍ରରେ ପିଲାଙ୍କ ଉପସ୍ଥାପନ ବାବଦରେ ମଧ୍ୟ ଯାଞ୍ଚ କରିଥିଲେ। ବିଭିନ୍ନ ବ୍ୟବସ୍ଥା ଓ ସେମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ବାବଦରେ ସମୀକ୍ଷା କରିବା ସହ ଶିଶୁଙ୍କ ପୋଷଣ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଚମ୍ପୁଆ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



ଚମ୍ପୁଆ,୨୪।୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ସମର୍ପଣ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏ.ଏନ୍.ଏମ ମାନସୀ ଦାସ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗଦେଇ ୭ ଶ୍ରେଷ୍ଠ ମାଆ ଯେଉଁମାନେ ନିଜର ସନ୍ତାନମାନଙ୍କୁ ଭାରତର ସନାତନ ସଂସ୍କୃତି ତଥା ହିନ୍ଦୁଧର୍ମକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଥିଲେ ସେହିପରି ମାଆ ହେବାପାଇଁ ପ୍ରେରଣା ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ନିଜ ପିଲାମାନଙ୍କୁ ଉତ୍ତମ ସଂସ୍କାର ଓ ଶୃଙ୍ଖଳିତ ଭାବେ ଗଢ଼ିବାକୁ ମାଆ ମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମାତୃ ସମ୍ମିଳନୀ ଓ ସମର୍ପଣ ଦିବସର ଆଭିମୁଖ୍ୟ କଥନ କରିଥିଲେ। ପରିଚାଳନା ସମିତିର ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ, ସଦସ୍ୟା ମୋନାଲିସା ରାଉତ ଆଦି ମଞ୍ଚାସୀନ ଥିଲେ। ଆଚାର୍ଯ୍ୟା ଲକ୍ଷ୍ମୀ କୁମାରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସରଳା ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଚାର୍ଯ୍ୟା ପ୍ରିୟଦର୍ଶିନୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଫାର୍ମାସିଷ୍ଟ ହରିହର କବି ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାଆ ମାନଙ୍କୁ ନେଇ ବାଧା ଦୌଡ଼, ଓଡ଼ିଆ ଘରର ଶାଢ଼ୀ ପିନ୍ଧା, ଟବ୍ ଭିତରକୁ ବଲ ଫିଙ୍ଗା , ଓଡ଼ିଆ ଘରର ଖାଦ୍ୟ ପ୍ରସ୍ତୁତି, ବେଲୁନ ଫଟା ଆଦି ପ୍ରତିଯୋଗିତା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ରଜରେ ‘ଶିକାର’

ମୁନ୍ ଟିଭି ମୁଭିଜ୍ ଏବଂ ପ୍ରକାଶ ଫିଲ୍ମ ପ୍ରସ୍ତୁତ ସିଦ୍ଧାର୍ଥ ମ୍ୟୁଜିକ୍ ସହଯୋଗରେ ନୂଆ ଓଡ଼ିଆ ଫିଲ୍ମ ନିର୍ମାଣ ହେବାକୁ ଯାଉଛି । ଏହାର ନାଁ ରହିଛି ‘ଶିକାର ।’ ପବିତ୍ର ରଜ ପର୍ବ ଅବସରରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ । ସିନେମାର ମୁଖ୍ୟ ଚରିତ୍ରରେ ଅମ୍ଲାନ, ଏଲିନା, ସୁପ୍ରିୟା ଓ ଅଙ୍କିତଙ୍କୁ ଦେଖିବାକୁ ମିଳିବ । ଏଥି ସହିତ ଅନ୍ୟାନ୍ୟ ଭୂମିକାରେ ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ବିଜିତ୍ ବାରିକ, ଜ୍ଞାନ ହୋତା, ପ୍ରଶାନ୍ତ ପାତ୍ର ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ସଚ୍ଚିକାନ୍ତ ଜେନାଙ୍କ ପ୍ରଯୋଜିତ ଏବଂ ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ଦେଇଛନ୍ତି ବୈଦ୍ୟନାଥ ଦାସ । ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ । କ୍ୟାମେରାମ୍ୟାନ୍ ଅଛନ୍ତି ପ୍ରତାପ ରାଉତ । ଚଳଚ୍ଚିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି । ■




## ଭାଲେଣ୍ଟାଇନ୍ ଡେ’ରେ ବର-ବଧୂ

ଫେବୃଆରୀ ୧୩ ଅର୍ଥାତ୍ ପ୍ରେମ ଦିବସରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ବର ବଧୂ’ । ସିନେମାର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀଙ୍କୁ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଏଥିରେ ବିଜୁ ଏବଂ ଶିବାନୀ ସୁମନ ଚରିତ୍ରରେ ଅଭିନୟ କରିଛନ୍ତି । ଦୁହିଁଙ୍କ ଯୋଡ଼ିକୁ ଛିରେ ନନୀ ସିନେମାରେ ଦର୍ଶକୀୟ ଆଦୃତି ମିଳିଥିଲା । ତେଣୁ ଏଥର ମଧ୍ୟ ପୂର୍ବ ପରି ଦୁହିଁଙ୍କୁ ଦର୍ଶକଙ୍କ ଭଲପାଇବା ମିଳିବ ବୋଲି ଆଶା କରାଯାଉଛି । ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହି ସିନେମାର କାହାଣୀରେ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିବେ । ସିନେମାର ନିର୍ଦ୍ଦେଶନାରେ ବିଶ୍ୱ ରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ର ମଣି । ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ । ସେହିପରି ସିନେମାର ଟିଜର ମଧ୍ୟ ରିଲିଜ୍ ହୋଇଯାଇଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଟିଜର୍‌କୁ ଦେଖି ଲାଗୁଛି ସିନେମାଟିକୁ ମଧ୍ୟ ଦର୍ଶକେ ଖୁବ୍ ପସନ୍ଦ କରିବେ । ■





## ଫେବୃଆରୀ ୬ରେ ଅପେକ୍ଷା

‘ଷ୍ଟୁଡିଓ ଥ୍ରୀ ସିକ୍ସଟି ଫାଇଭ୍’ ବ୍ୟାନରରେ କେ. ତମନ୍ନାଙ୍କ ପ୍ରଯୋଜିତ ଚଳଚ୍ଚିତ୍ର ‘ଅପେକ୍ଷା’ ଆସନ୍ତା ଫେବୃଆରୀ ୬ ତାରିଖ ମୁକ୍ତିଲାଭ କରିବ । ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆନନ୍ଦ କୁମାର । ଚଳଚ୍ଚିତ୍ରରେ ଯୁବ କଳାକାର ସାର୍ଥକ-ଶୁଭାଙ୍ଗୀ ଏବଂ ସୌମ୍ୟ-ବନ୍ଦନା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ସେହିପରି ଅନ୍ୟାନ୍ୟ ଚରିତ୍ରରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଅଲିଭା ଦାଶ, ଐଶ୍ୱର୍ଯ୍ୟା, ଗୁଡୁ ପ୍ରମୁଖ ନଜର ଆସିବେ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ । ଗୀତଗୁଡ଼ିକକୁ ଲେଖିଛନ୍ତି ଡ. ନିର୍ମଳ ନାୟକ, ନିର୍ମଳ ପ୍ରିୟଶୀଷ ଏବଂ ଅରୁଣ ମନ୍ତ୍ରୀ । ଏଥିରେ ଚିରାଗଦୀପ ପଣ୍ଡା, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର ସଂଳାପ ଆଶୁତୋଷ ବାରିକ ଲେଖିଥିବା ବେଳେ ଚିତ୍ରୋତ୍ତୋଳନ ଅଜିତ ଦାଶ କରିଛନ୍ତି । ସମ୍ପାଦନା ଦାୟିତ୍ୱରେ ରଞ୍ଜନ ଖଟେଇ ଏବଂ ନୃତ୍ୟ ନିର୍ଦ୍ଦେଶନାରେ ବବି ଇସଲାମ ଅଛନ୍ତି । ଶୈଳେନ୍ଦ୍ର ପରିଡ଼ାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆହ୍ୱାନ ଦୃଶ୍ୟ ଏବଂ ସୃଜନ ଫିଲ୍ମସ୍ ପୋଷ୍ଟ ପ୍ରଡକ୍ସନ ଚଳଚ୍ଚିତ୍ରକୁ ଅଧିକ ଆକର୍ଷଣୀୟ କରିଛି । ଆସନ୍ତା ଫେବୃଆରୀ ୬ ତାରିଖ ‘ଅପେକ୍ଷା’ ମୁକ୍ତିଲାଭ କରିବ ବୋଲି ପ୍ରଚାର ବିଭାଗ କ୍ରିଏଟିଭ ମୁଖ୍ୟ ଶ୍ୟାମା ପ୍ରସାଦ ମିଶ୍ର ଜଣାଇଛନ୍ତି । ■



## ‘ମିଲେଟ୍ ଡାଏରୀ’ର ଟିଜର୍ ରିଲିଜ୍

ନିକଟରେ ନୂଆ ଓଡ଼ିଆ ସିନେମା ‘ମିଲେଟ୍ ଡାଏରୀ’ର ଟିଜର୍ ରିଲିଜ୍ ହୋଇଛି । ଇନ୍‌ଫାଇସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ସିନେମାରେ ମାଣ୍ଡିଆର ଗୌରବ ଗାଥା ସ୍ପଷ୍ଟ ଜଣାପଡୁଛି । ସିନେମାଟି ଜୁନ୍ ୧୨ ତାରିଖରେ ରଜ ଅବସରରେ ମୁକ୍ତିଲାଭ କରିବ । ସେହିପରି ସାମାଜିକ ଗଣମାଧ୍ୟମରେ ଏହାର ଟିଜର୍ ସେୟାର୍ ହେବା ପରେ ଖୁବ୍ ଚର୍ଚ୍ଚା ସାଉଁଟୁଛି । ସିନେମାଟିରେ ଅଭିଷେକ ପଣ୍ଡା, ସିଦ୍ଧାନ୍ତ, ଶିବାନୀ, କୁନା ତ୍ରିପାଠୀ, ଶ୍ରୀତମ, ରାଜ ରାଜେଶ, ଶକ୍ତି ବରାଳ ପ୍ରମୁଖ ଅଭିନୟ କରିଛନ୍ତି । ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଓ ପ୍ରଯୋଜନାରେ ଅଛନ୍ତି ଜେଆର୍‌ଏମ୍ । ଚିତ୍ରନାଟ୍ୟ ଏବଂ ସଂଳାପରେ ଦିଲୀପ ବିଶୋଇ ଓ ଉତ୍ତମ କୁମାର ଥିବା ବେଳେ ସଙ୍ଗୀତରେ ଅଛନ୍ତି ପ୍ରେମ ଆନନ୍ଦ । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା, କୁଳଦୀପ, ଶଶାଙ୍କ ଶେଖର, ଆଶୁତୋଷ, ବିଶ୍ୱଜିତ ପ୍ରମୁଖ । ତେବେ ରଜରେ ଦର୍ଶକଙ୍କୁ ଏକ ସୁନ୍ଦର ହୃଦୟସ୍ପର୍ଶୀ କାହାଣୀ ଦେଖିବେ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି । ■

## ସାକ୍ଷାତକାର

**‘ଜୀବନ ଯମୁନାରେ ଜୁଆର ଉଠେରେ’ ଧାରାବାହିକରେ ସେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ । ନିଜକୁ ଜଣେ ଅଭିନେତ୍ରୀ ଭାବେ ଗଢ଼ି ତୋଳିବାକୁ ସେ ଅନେକ ସଂଘର୍ଷ କରିଛନ୍ତି । ଦର୍ଶକଙ୍କ ମନ ଜିଣିଥିବାରେ ସଫଳ ହୋଇଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ଢେଙ୍କାନାଳର ଲୁମ୍ରାଇନା ଶତପଥୀ । ସେ ଭୁବନେଶ୍ୱରରେ ରୁହନ୍ତି । ଲୁମ୍ରାଇନା ୫ରୁ ଉର୍ଦ୍ଧ୍ୱ ମେଗା ଧାରାବାହିକ ଓ ଟେଲିଫିଲ୍ମରେ କାମ କରିଛନ୍ତି । ସେ କେବଳ ଭଲ ଅଭିନୟ କରନ୍ତି ତାହା ନୁହେଁ, ଜଣେ ବ୍ୟବସାୟୀ ମଧ୍ୟ । ଏଭଳି ଜଣେ ପ୍ରତିଭାମୟୀଙ୍କ ସହ ଏଥର ଅଳ୍ପ ଆଳାପ... ।**

## “ଭଲ ଚରିତ୍ର ଦର୍ଶକଙ୍କ ହୃଦୟକୁ ଛୁଇଁ ପାରେ”

**ଲୁମ୍ରାଇନା ଶତପଥୀ, ଅଭିନେତ୍ରୀ**

**ଅଭିନୟ ଯାତ୍ରା କିପରି ଥିଲା?**

● ପିଲାଦିନରୁ ନୃତ୍ୟ, ଅଭିନୟ ପ୍ରତି ମୋର ଅହେତୁକ ଦୁର୍ବଳତା ଥିଲା । ଏଥିପାଇଁ ପାଇଁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଉଥିଲି । ‘ଜୀବନ ଯମୁନାରେ ଜୁଆର ଉଠେରେ’ ଧାରାବାହିକରେ ଶିଶୁ କଳାକାର ଭାବେ ପ୍ରଥମେ ଅଭିନୟ କରିଥିଲି । ଅଭିନେତ୍ରୀ ହେବା ପାଇଁ ସଂଘର୍ଷ ଜାରି ରହିଥିଲା । ‘ଶଙ୍ଖା ସିନ୍ଦୂର’ ମୋର ପ୍ରଥମ ଧାରାବାହିକ । ଏହା ପରେ ପରେ ‘ଜୀବନ ସାଥି’, ‘ମଙ୍ଗୁଳା କନ୍ୟା’, ‘ଆମ ଘର ଲକ୍ଷ୍ମୀ’, ‘କୁଆଁରୀ ବୋହୂ’ ଆଦି ଧାରାବାହିକରେ ମୁଁ ଅଭିନୟ କରିଛି । ‘କୁଆଁରୀ ବୋହୂ’ର ବର୍ଷା ଏବଂ ‘ମଙ୍ଗୁଳା କନ୍ୟା’ର ଆରାଧ୍ୟା ଚରିତ୍ର ମୋତେ ଅଧିକ ଲୋକ ପରିଚିତି ଦେଇଥିଲା । ଦର୍ଶକଙ୍କ ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି ।

**ଭଲ ଅଭିନୟ କରିବାକୁ କ’ଣ କରନ୍ତି?**

● ମେଗା ଧାରାବାହିକରେ ଜଣଙ୍କୁ ମିଳିଥିବା ଚରିତ୍ରରେ ଜଣେ କଳାକାର ଦିନ ରାତି ବୁଡ଼ି ରହିଥାନ୍ତି । ଏହାର ପ୍ରଭାବ ଆମ ନିଜ ଜୀବନ ଉପରେ ବି ପଡ଼େ । ତେଣୁ ଯେଉଁ ଚରିତ୍ର ମିଳେ ତାହାକୁ କରିବାକୁ ସମସ୍ୟା ହୁଏନି । ଅବଶ୍ୟ ଭଲ ଅଭିନୟ କରିବାକୁ ଅଭ୍ୟାସ ବି କରିବାକୁ ପଡ଼େ ।

**‘ଦାସ ବାବୁଙ୍କ ସ୍ମାର୍ଟ ଝିଅ’ରେ ଲାଲି ଚରିତ୍ର କେମିତି ମିଳିଥିଲା?**

● ଅଭିନୟ ଜଗତରେ କାମ କଲେ, ଲୋକେ କିଏ କେଉଁ ଚରିତ୍ରକୁ ଫିଟ୍ ଆଉ କରିପାରିବ ତାହା ପରଖି ପାରନ୍ତି । ତେଣୁ ‘ଦାସ ବାବୁଙ୍କ ସ୍ମାର୍ଟ ଝିଅ’ ନିର୍ମାତା ଲାଲି ଚରିତ୍ରକୁ ମୁଁ ଫିଟ୍ ବୋଲି ଚିନ୍ତା କରି ଏହି ଚରିତ୍ରରେ ଅଭିନୟ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ । ଏହା ସମ୍ପୂର୍ଣ୍ଣ ନାରୀକୈନ୍ଦ୍ରିକ ଟେଲି ସିନେମା । ନିକଟରେ ରିଲିଜ୍ ହୋଇଛି । ଏଥିରୁ ସବୁକିଛି ଜଣେ ହିରୋଇନ୍ କରୁଛି । ଏହା ଏକ ଭିନ୍ନ ଧରଣର କାହାଣୀ । ଲାଲି ଚୁଲ୍‌ବୁଲି ଆଉ ସ୍ମାର୍ଟ ଝିଅ । ନାୟିକା ବି ହେଉଛି ପ୍ରତିଶୋଧ ବି ନେଉଛି । ଲାଲି ଚରିତ୍ର ବହୁତ ଚ୍ୟାଲେଞ୍ଜିଂ ଚରିତ୍ର ଥିଲା । ଏହି ଚରିତ୍ରକୁ ନିଭାଇବାକୁ ମୁଁ ଅନେକ ଚରିତ୍ରଗୁଡ଼ିକକୁ ଅନୁକରଣ କରିଛି ।

**କେଉଁ ଭଳି ଚରିତ୍ର କରିବାକୁ ଇଚ୍ଛା ଅଛି?**

● ଚରିତ୍ର ତ ବିଭିନ୍ନ ପ୍ରକାର ରହିଛି । ହେଲେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଚାହିଁବି । ଏମିତି ଗୋଟିଏ ଚରିତ୍ର ଯେମିତି ସମାଜରେ ପରିବର୍ତ୍ତନ ଆଣିବା ସହ ଦର୍ଶକଙ୍କ ହୃଦୟକୁ ବି ଛୁଇଁବ ।

**ଲୁମ୍ରାଇନା ପ୍ରାୟତଃ ବିବାଦରେ ରୁହନ୍ତି କାହିଁକି?**

● ଜଣେ ଅଭିନେତା/ଅଭିନେତ୍ରୀଙ୍କ ବିଷୟରେ ସବୁବେଳେ ଚର୍ଚ୍ଚା । ପରଦା ପଛରେ ଆଉ ବାହାରେ ସେମାନଙ୍କ ବ୍ୟକ୍ତିଗତ କଥା ଜାଣିବାକୁ ଦର୍ଶକ ବହୁତ ଆଗ୍ରହ ରଖନ୍ତି । ହୁଏତ ସେଥିପାଇଁ ବିବାଦ ମୋ ପିଛା ଛାଡୁନି ।

**● ଆପଣଙ୍କ ନିଜସ୍ୱ ବ୍ୟବସାୟ ରହିଛି, ଅଭିନୟ ପାଇଁ କିପରି ସମୟ ଦିଅନ୍ତି?**

ନିଜସ୍ୱ ବ୍ୟବସାୟ ଆରମ୍ଭ କରିବା ପରେ ଧାରାବାହିକ କରିବାକୁ ସମୟ ହେଉନି । ସେଥିପାଇଁ ଏବେ ମୁଁ ସିନେମାକୁ ଅଧିକ ଗୁରୁତ୍ୱ ଦେଉଛି । ସୁଟିଂ ଆଉ ବ୍ୟବସାୟ ଉଭୟକୁ ନେଇ ଆଗକୁ ବଢ଼ିବା ମୋର ଲକ୍ଷ୍ୟ ।

**ଆଗାମୀ ଯୋଜନା ?**

● ଯେତେ ଦିନ ଯାଏଁ ବଞ୍ଚିଛି ସେତେ ଯାଏଁ କେବଳ ଅଭିନୟ କରିବି । ମୋ ପାଇଁ ବଡ଼ କି ଛୋଟ ପରଦା ସେମିତି କିଛି ନାହିଁ ଭଲ କାହାଣୀ ମିଳିଲେ ନିଶ୍ଚୟ କରିବି । ■



## ୫୦୦ ଅଧ୍ୟାୟରେ ‘ତୁମ ବିନା’

ଚର୍ଚ୍ଚିତ ଓଡ଼ିଆ ଧାରାବାହିକ ‘ତୁମ ବିନା’ ସଫଳତାର ସହ ଜୀ ସାର୍ଥକରେ ୫୦୦ ଅଧ୍ୟାୟ ପୂରଣ କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି । ‘ତୁମ ବିନା’ର ବର୍ତ୍ତମାନର କାହାଣୀରେ ଅନୁରାଗ ଓ ରିଚାଙ୍କ ବିବାହ ଏବଂ ଆଦ୍ୟା ଦାୟିତ୍ୱ ନେବା ପରେ ଏକ ରୋମାଞ୍ଚକର ମୋଡ଼ ଆସିଛି । ରିଚା ନିଜର ପ୍ରକୃତ ଉଦ୍ଦେଶ୍ୟ ଲୁଚାଇ ଆଧିପତ୍ୟ ବିସ୍ତାର କରୁଥିବା ବେଳେ ଆଦ୍ୟା ଦୈବୀ ଶକ୍ତିର ପ୍ରତୀକ ସାଜି ଅଧର୍ମ ବିରୋଧରେ ଛିଡ଼ା ହୋଇଛି । ଅକ୍ଷୟଙ୍କୁ ନିଜର ନିଷ୍ଠୁର ସର୍ତ୍ତ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ କରୁଥିବା ରିଚାଙ୍କ ଛଳନା ଓ ବିଶ୍ୱାସଘାତକତା ଭିତରେ ବିଶ୍ୱାସର ପରୀକ୍ଷା ଚାଲିଛି । ଧାରାବାହିକର ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପ୍ରେମ, ପାରିବାରିକ ସମ୍ପର୍କ ଓ ମାନବୀୟ ସଂଘର୍ଷକୁ ନିଖୁଣ ଭାବେ ଚିତ୍ରଣ କରାଯାଇଛି । ଆଗାମୀ ଦିନରେ ‘ତୁମ ବିନା’ର ଯାତ୍ରା ଅଧିକ ରୋମାଞ୍ଚକର, ଭାବପୂର୍ଣ୍ଣ ଏବଂ ପରିବର୍ତ୍ତନଶୀଳ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି । ୫୦୦ ଅଧ୍ୟାୟ ପରେ କାହାଣୀରେ ଆସୁଥିବା ନୂଆ ମୋଡ଼ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ଆଶା କରାଯାଉଛି । ■



## ପରଦା ପଛର କାହାଣୀ

## ବିଦାୟୀ ଗୀତରେ ୧୫୦ ଥର କାନ୍ଦିଥିଲେ ଗାୟକ

ବଲିଉଡ୍‌ର ଅନେକ ଫିଲ୍ମ ନିଜର କାହାଣୀ, କାଷ୍ଟିଂ ଏବଂ ଗୀତ ପାଇଁ ବେଶ୍ ଲୋକପ୍ରିୟ ହୋଇଛି । ସେମିତି ଏକ ଫିଲ୍ମ ହେଉଛି ‘ଧଡ଼କନ୍’ । ୨୫ ବର୍ଷ ପୂର୍ବେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର “ଦୁଲ୍‌ହେ କା ସେହରା ସୁହାନା ଲଗତା ହୈ ...”ଗୀତକୁ ନେଇ ଏକ ସ୍ମରଣୀୟ ମୁହୂର୍ତ୍ତ ରହିଛି । ଗୀତକୁ ଗାଇବା ସମୟରେ କଣ୍ଠଶିଳ୍ପୀ ନୁସ୍‌ରତ୍ ଫତେହ ଅଲି ଖାନ୍ ୧୫୦ ଥର କାନ୍ଦି ଥିଲେ ବୋଲି ନିକଟ ଅତୀତରେ ଏକ ସାକ୍ଷାତକାରରେ ଗୀତିକାର ସୀମର ଅଞ୍ଜାମ୍ କହିଛନ୍ତି । ସାଧାରଣତଃ ଜଣେ ଝିଅ ପାଇଁ ବିବାହ ପରର ବିଦାୟ ମୂହୂର୍ତ୍ତ ଖୁବ୍ ଭାବବିହ୍ୱଳ ହୋଇଥାଏ । ଫିଲ୍ମ ‘ଧଡ଼କନ୍’ରେ ମଧ୍ୟ ବିଦାୟ ଗୀତରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଫିଲ୍ମରେ ଅକ୍ଷୟ କୁମାର, ଶିଳ୍ପା ସେଟ୍ଟୀ, ସୁନିଲ୍ ସେଟ୍ଟୀ, ମହିମା ଚୌଧୁରୀ ମୁଖ୍ୟ ଭୂମିକାରେ ଚମତ୍କାର ଅଭିନୟ କରିଛନ୍ତି । ଏହାର ସଂଳାପ ନସୀମ୍ ମୁକ୍‌ରୀ – ଧର୍ମେଶ୍ ଦର୍ଶନ ଲେଖିଥିଲେ । ସେହିପରି ଗୀତଗୁଡ଼ିକକୁ ସଂଗୀତରେ ସଜାଇ ଥିଲେ ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ ନଦୀମ୍ – ଶ୍ରବଣଙ୍କ ଯୋଡ଼ି । ଏଥିରେ ଗୀତିକାର ହେଉଛନ୍ତି ସମୀର । ପ୍ରାୟ ୯.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଫିଲ୍ମ ବିଶ୍ୱସ୍ତରରେ ୨୬.୪୭ କୋଟି ଟଙ୍କା ଆୟ କରିଥିଲା । “ଦୁଲ୍‌ହେ କା ସେହରା ସୁହାନା ଲଗତା ହୈ ...’ ଗୀତକୁ ନୁସ୍‌ରତ୍ ଫତେହ ଅଲି ଖାନ୍ ଗାଇଥିଲେ । ଏହି ସୁନ୍ଦର ଗୀତରେ ଅକ୍ଷୟ କୁମାର ଏବଂ ଶିଳ୍ପା ସେଟ୍ଟୀଙ୍କ ବିବାହ ସମୟର ଦୃଶ୍ୟ ଦେଖାଯାଇଥିଲା । ଗୀତିକାର ସୀମର ଅଞ୍ଜାମ୍‌ଙ୍କ କହିବାନୁଯାୟୀ, ଏହି ଗୀତକୁ ଗାଉଥିବା ସମୟରେ ନୁସରତ ୧୫୦ ଥର କାନ୍ଦିଥିଲେ । ସେହିଦିନ ନୁସ୍‌ରତ୍ ମୁମ୍ବାଇ ଆସିଥିଲେ । ‘ଦିଲ୍ ନେ ୟେ କହା ହୈ ଦିଲ୍ ସେ...’ ଭଳି ଅନେକ ଗୀତ ରେକର୍ଡ ହୋଇସାରିଥିଲା । ନୁସ୍‌ରତ୍‌ଙ୍କ ପ୍ରଶଂସକ ଚାହୁଁଥିଲେ ଏହି ଫିଲ୍ମରେ ସେ ଏକ ଗୀତ ଗାଆନ୍ତୁ ବୋଲି । କିନ୍ତୁ ସମସ୍ୟା ଥିଲା ନୁସ୍‌ରତ୍ ବାହାର ଗୀତ ଗାଉ ନ ଥିଲେ । ବହୁ ଅନୁରୋଧ କରିବା ପରେ ସେ ଗୀତ ଗାଇବା ପାଇଁ ରାଜି ହୋଇଥିଲେ । “ମୈ ତେରୀ ବାହୋ କେ ଝୁଲେ ମୈ ପଲି ବାବୁଲ....” ପଦ ଆସିବା ପରେ ସେ କାନ୍ଦି ପକାଇ ଥିଲେ । ପ୍ରାୟ ୧୫୦ ଥର ଏହି ଲାଇନ୍ ପାଖରେ ଗୀତ କଟ୍ ହୋଇଥିଲା । ପ୍ରତି ଥର ସେ ଧାଡ଼ିଟିକୁ ଗାଇବା ବେଳେ କାନ୍ଦି ପକାଉ ଥିଲେ । ଏହି ଗୀତଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । ■



# ଟି-୨୦ ବିଶ୍ୱକପ୍‌ରୁ ବିଦା ହେଲା ବାଂଲାଦେଶ

## ଗ୍ରୁପ୍-ସି'ରେ ସ୍କଟଲାଣ୍ଡ ସାମିଲ ● ଭାରତରେ ଖେଳିବ ସମସ୍ତ ମ୍ୟାଚ୍ ● ବାଂଲାଦେଶ କ୍ରିକେଟ ଓ ଖେଳାଳି କ୍ଷତିଗ୍ରସ୍ତ

ଦୁବାଇ,୨୪।୧(ଏଜେନ୍ସି):

ଚଳିତ ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ନେଇ ଯେଉଁ କଳ୍ପନା ଜଳ୍ପନା, ଆଶା ଓ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଶନିବାର ଶେଷ ହୋଇଛି। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି ବାଂଲାଦେଶ। ଭାରତରେ ଖେଳିବାକୁ ମନା କରିବାକୁ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ପରିଚାଳନା ସଂସ୍ଥା ବାଧ ହୋଇ ବାଂଲାଦେଶକୁ ଛାଡ଼ି ବିଶ୍ୱକପ୍ ଆୟୋଜନ କରିବାକୁ ସ୍ଥିର କରିଛି। ବାଂଲାଦେଶର ସ୍ଥାନ ପୂରଣ ଲାଗି



ଆଇସିସି ସହଯୋଗୀ ରାଷ୍ଟ୍ର ମଧ୍ୟରେ ଶ୍ରେଷ୍ଠ ଦଳ ତଥା ଆଇସିସି ମାନ୍ୟତାର ୧୪ ନମ୍ବର ସ୍ଥାନରେ ଥିବା ସ୍କଟଲାଣ୍ଡକୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଆମନ୍ତ୍ରଣ କରିଛି। ସ୍କଟଲାଣ୍ଡ ପକ୍ଷରୁ ଏହି ଆମନ୍ତ୍ରଣ ସମ୍ପର୍କରେ କିଛି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆଜି ସକାଳୁ ଆଇସିସି ମୁଖ୍ୟ କାର୍ଯ୍ୟାଳୟ ଓ ସ୍କଟ୍‌ଲାଣ୍ଡ କ୍ରିକେଟ ସହ ହଟ୍ ଲାଇନ୍‌ରେ ଯୋଗାଯୋଗ ରହିଛି। ପୂର୍ବରୁ ମଧ୍ୟ ବିଶ୍ୱକପ୍ ଖେଳିବା ଲାଗି ପ୍ରସ୍ତୁତ ରହିବାକୁ ଆଇସିସି ପକ୍ଷରୁ ଅନୁରୋଧ କରାଯାଇଥିଲା। ଏବେ ବିଧିବଦ୍ଧ ଭାବେ ଆଇସିସି ଆଜି ଘୋଷଣା କରିଥିଲା। ଏହା ଫଳରେ କୋଟି କୋଟି ବାଂଲାଦେଶୀ ସମର୍ଥକ ଓ ଖେଳାଳିଙ୍କ ସ୍ୱପ୍ନ ଚୁରମାର ହୋଇଯାଇଛି। କାମଚଳା ସରକାର ବାଂଲାଦେଶରେ ଯେପରି ଅରାଜକତା ଲଗାଇଛନ୍ତି, ଠିକ୍ ସେହିପରି କ୍ରିକେଟକୁ ଧ୍ୱଂସ କରିବାକୁ ଚକ୍ରାନ୍ତ କରିଥିବା ସମର୍ଥକମାନେ ଅଭିଯୋଗ କରିଛନ୍ତି।

### ବେଖାତିର ଓ ଜିଦ୍

ବାଂଲାଦେଶ ସରକାରଙ୍କ ରାଜନୈତିକ ଜିଦ୍ ଓ ଖେଳାଳିମାନଙ୍କ ପ୍ରତି ବେଖାତିର ମନୋଭାବ ଲାଗି ଆଜି ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଭାରତରେ ବାଂଲାଦେଶ ଖେଳାଳି ଓ କର୍ମକର୍ତ୍ତାଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ତାହାର ସମସ୍ତ ମ୍ୟାଚ୍‌କୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। ଆଇସିସିର ନିରପେକ୍ଷ ସଂସ୍ଥା ପକ୍ଷରୁ ତଦନ୍ତ କରାଯାଇ ଭାରତରେ ବାଂଲା ଖେଳାଳିଙ୍କ ଜୀବନପ୍ରତି କିଛି ବିପଦ ନ ଥିବା ଦର୍ଶାଇଥିଲା। ଯାହା ଫଳରେ ଆଇସିସି ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା। ଜାନୁଆରୀ ୨୧ରେ ଆଇସିସିର ଶକ୍ତିଶାଳୀ ବୋର୍ଡ ବୈଠକରେ ବାଂଲା ବୋର୍ଡର ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଭେନ୍ୟୁ ପରିବର୍ତ୍ତନ ଦାବିକୁ ବାଂଲାଦେଶ ଓ ପାକିସ୍ତାନ କ୍ରିକେଟ ବୋର୍ଡ ବ୍ୟତୀତ ଅନ୍ୟ ସମସ୍ତେ ବିରୋଧ କରିଥିଲେ। ଏହା ପରେ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ଗୁରୁବାର ସୁଦ୍ଧା ଭାରତରେ ଖେଳିବ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବାଂଲା ବୋର୍ଡକୁ ଆଇସିସି ପକ୍ଷରୁ ଅନ୍ତିମ ଚେତାବନୀ ଦିଆଯାଇଥିଲା। ବାଂଲାଦେଶ ସରକାର ଭାରତରେ କ୍ରିକେଟ ଦଳ ଖେଳିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ ମଧ୍ୟ ଆଇସିସିକୁ ଏହା ଅବଗତି କରାଇ ନ ଥିଲା। ବରଂ ଏହାର ସମାଧାନ ଲାଗି ଆଉ ଏକ ନିରପେକ୍ଷ ସଂସ୍ଥାର ଦ୍ୱାରସ୍ଥ ହେବାକୁ କ୍ରିକେଟ ବୋର୍ଡକୁ କହିଥିଲା।

ଗୁରୁବାର ଦିନ ୨୪ ଘଣ୍ଟିଆ ଡେଡ୍‌ଲାଇନ ପୂରଣ ହେବା ପରେ ଆଇସିସି ସିଇଓ ସଂଯୋଗ ଗୁପ୍ତା କାର୍ଯ୍ୟନିର୍ବାହୀ କମିଟିରେ ଥିବା ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଶେଷ ମୁହୂର୍ତ୍ତରେ ଏକ ସଦସ୍ୟ ରାଷ୍ଟ୍ରର ଦାବି ଅନୁଯାୟୀ ଭେନ୍ୟୁ ପରିବର୍ତ୍ତନ କରାଗଲେ ଏକ ଖରାପ ପରମ୍ପରା ସୃଷ୍ଟି ହେବ ବୋଲି ଗୁପ୍ତା ସଦସ୍ୟମାନଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ। ବିଶ୍ୱକପ୍‌ର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ଆଞ୍ଚ ଆସିବ। ଏଣୁ ବାଂଲାର ଦାବି ଗ୍ରହଣ କରାଯାଇପାରିବ ନାହିଁ। ଆଇସିସି ନିୟମ ଅନୁଯାୟୀ ବାଂଲାଦେଶ ସ୍ଥାନରେ ଆଉ ଏକ ଦେଶକୁ ଖେଳିବା ଲାଗି ଆମନ୍ତ୍ରଣ କରାଯିବା ଜରୁରୀ ବୋଲି ଆଇସିସି ସିଇଓ ସଂଯୋଗ ଗୁପ୍ତା ଏହି ଚିଠିରେ ମଧ୍ୟ ଉଲ୍ଲେଖ କରିଥିଲେ। କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟଥିବା ବାଂଲାଦେଶର ଅମିନୁଲ ଇସ୍‌ଲାମ୍‌ଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ଏହି ଚିଠି ଦିଆଯାଇଥିଲା। ସଦସ୍ୟରାଷ୍ଟ୍ରଙ୍କଠାରୁ ସ୍ୱୀକୃତି ପାଇବା ପରେ ବାଂଲାଦେଶର ବିଶ୍ୱକପ୍ ଖେଳିବା ଆଶା ଶେଷ ହୋଇଯାଇଥିଲା।

### କାହିଁକି ସ୍କଟଲାଣ୍ଡ

ବାଂଲାଦେଶ ବାଦ୍ ପଡ଼ିବା ପରେ ସ୍କଟଲାଣ୍ଡକୁ ଟି-୨୦ ବିଶ୍ୱକପ୍‌ରେ ଖେଳିବାକୁ ସୁଯୋଗ ଦିଆଯାଇଛି। ଗତ ବିଶ୍ୱକପ୍ ଗୁଡ଼ିକରେ ଉନ୍ନତ ପ୍ରଦର୍ଶନ ଓ ଯୋଗ୍ୟତା ଅର୍ଜନ କରି ନ ଥିବା ଦଳ ଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ମାନ୍ୟତା ୧୪ ନମ୍ବରେ ଥିବାରୁ ସ୍କଟଲାଣ୍ଡକୁ ବାଂଲାଦେଶ ସ୍ଥାନରେ ବିଶ୍ୱକପ୍ ଖେଳିବାକୁ ସୁଯୋଗ ଦିଆଯାଇଛି। ୨୦୨୪ ବିଶ୍ୱକପ୍‌ରେ ଗ୍ରୁପ-ବି'ରେ ସ୍ଥାନ ପାଇଥିବା ସ୍କଟଲାଣ୍ଡ ପଡ଼ୋଶୀ ରାଷ୍ଟ୍ର ଇଂଲଣ୍ଡ ସହ ସମାନ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍‌ରନ୍‌ରେଟ୍ ଯୋଗୁ ତୃତୀୟ ସ୍ଥାନରେ ରହିଥିଲା। ୨୦୨୨ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲେ ମଧ୍ୟ ଦଳ ତୃତୀୟ ସ୍ଥାନରେ ଗ୍ରୁପ୍ ଲିଗ୍ ଶେଷ କରିଥିଲା। ଯାହା ଫଳରେ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ଦଳ ସୁପର-୧୨'କୁ ଉନ୍ନୀତ ହୋଇ ପାରି ନ ଥିଲା। ୨୦୨୧ରେ ବାଂଲାଦେଶକୁ ହରାଇ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରି ସୁପର-୧୨ରେ ପ୍ରବେଶ କରିଥିଲା। କିନ୍ତୁ ଏଥିରେ ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲା।

ଏବେ ବାଂଲାଦେଶ ବଦଳରେ ଖେଳିବାକୁ ସୁଯୋଗ ପାଇଥିବା ସ୍କଟଲାଣ୍ଡ ଗ୍ରୁପ୍-ସି'ରେ ସାମିଲ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ୱେଷ୍ଟଇଣ୍ଡିଜ୍ ସହ ଫେବୃଆରୀ ୭ରେ, ଇଟାଲୀ ସହ ଫେବୃଆରୀ ୯ରେ ଓ ଇଂଲଣ୍ଡ ସହ ଫେବୃଆରୀ ୧୪ରେ ଖେଳିବ। ଏହି ୩ଟି ମ୍ୟାଚ୍ କୋଲ୍‌କାତାରେ ଖେଳାଯିବ। ଏହା ପରେ ମୁମ୍ବଇରେ ନେପାଳ ସହ ଶେଷ ଲିଗ୍ ମ୍ୟାଚ୍ ଫେବୃଆରୀ ୧୭ରେ ଖେଳିବ।

## ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଭାରତ-ପାକିସ୍ତାନ ସୁପର ସିକ୍ସ ମୁକାବିଲା ୧ରେ



ବୁଲାୱାୟୋ,୨୪।୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୭ ୱିକେଟରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ହାସଲ କରିବା ସହ ସୁପର ସିକ୍ସରେ ପ୍ରବେଶ କରିଛି। ଏଠାରେ ଭାରତ ଖେଳିଥିବା କ୍ରମାଗତ ତୃତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ୪ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ନେଇ ଖେଳିଥିବା ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୩୬.୨ ଓଭରରେ ୧୩୫ ରନ୍ କରିଥିଲା। ଭାରତର ଆର୍‌ଏସ୍ ଅମ୍ବରିଶଙ୍କୁ ୪ଟି ଓ ହେନିଲ ପଟେଲ୍‌ଙ୍କୁ ୩ଟି ୱିକେଟ ମିଳିଥିଲା। ବର୍ଷା ଯୋଗୁଁ ଭାରତ ଆଗରେ ୩୭ ଓଭରରେ ୧୨୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଦଳ ପକ୍ଷରୁ ଆୟୁଷ ମାହତ୍ରେ ୨୭ ବଲ୍‌ରେ ୫୩ ଓ ବୈଭବ ସୂର୍ଯ୍ୟବଂଶୀ ୨୩ ବଲ୍‌ରେ ୪୦ ରନ୍ କରିଥିଲେ। ଏହି ବିଜୟ ସହ ଭାରତ ଉନ୍ନତ ରନ୍ ହାର ଓ ବୋନସ ପଏଣ୍ଟ ସହ ସୁପର ସିକ୍ସରେ ପ୍ରବେଶ କରିଛି। ସୁପର ସିକ୍ସରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଜିମ୍ବାୱେ ସହ ଜାନୁଆରୀ ୨୭ରେ ଓ ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ଫେବୃଆରୀ ୧ରେ ଖେଳିବ। ଫେବୃଆରୀ ୩ ଓ ୪ ରେ ସେମିଫାଇନାଲ, ଫେବୃଆରୀ ୬ରେ ଫାଇନାଲ ମୁକାବିଲା ଖେଳାଯିବ।

## ■ ସିକେ ନାଇଡୁ ଟ୍ରଫି

# ଶ୍ରେୟାଂଶ, ସୂଜଲଙ୍କ ଶତକରେ ଓଡ଼ିଶାର ସ୍ଥିତି ଦୃଢ଼

ଭୁବନେଶ୍ୱର, ୨୪।୧ (ସମିସ): ବଲାଙ୍ଗିରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହରିୟାଣା ବିପକ୍ଷରେ ଚାଲିଥିବା ଜାତୀୟ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି। ହରିୟାଣାର ପ୍ରଥମ ପାଳି ସ୍କୋର ୨୭୬ ରନ ଜବାବରେ ଓଡ଼ିଶା ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୯୮ ଓଭରରେ ୪ ୱିକେଟ୍‌ରେ ୪୩୯ ରନ ସଂଗ୍ରହ କରିଛି। ଫଳରେ ୬ ୱିକେଟ୍ ବଳକା ଥାଇ ଓଡ଼ିଶା ୧୬୩ ରନରେ ଅଗ୍ରଣୀ ରହିଛି। ଘରୋଇ ଦଳ ପକ୍ଷରୁ ଦୁଇ ମଧ୍ୟକ୍ରମ ବ୍ୟାଟର୍ ସୂଜଲ ସିଂ ଓ ଶ୍ରେୟାଂଶ ଭରଦ୍ୱାଜ ଦମ୍‌ଦାର ଶତକୀୟ ପାଳି ଖେଳିଛନ୍ତି। ସୁଜଲ ସର୍ବାଧିକ ୧୫୬ ରନ କରିଥିଲେ। ୧୬୩ ବଲର ଏହି ପାଳିରେ ସେ ୨୧ଟି ଚୌକା ମାରିଥିଲେ।


ସୂଜଲ ସିଂ


ଶ୍ରେୟାଂଶ ଭରଦ୍ୱାଜ

ସେହିଭଳି ୧୪ଟି ଚୌକା ସହ ୧୯୮ ବଲରୁ ସୂଜଲ ୧୨୧ ରନ କରି ଆଉଟ୍ ହୋଇଥିଲେ। ତୃତୀୟ ୱିକେଟ ଭାଗୀଦାରିରେ ସୂଜଲ ଓ ଶ୍ରେୟାଂଶ ୨୬୫ ରନ ଉଠାଇବା ଓଡ଼ିଶାର ସ୍ଥିତିକୁ ଦୃଢ଼ କରିଥିଲା। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ଓମ୍ ଟି ମୁଣ୍ଡେ ୬୭, ଦୀନେଶ ମାଝି ୪୪ ରନ କରି ଆଉଟ୍ ହୋଇଛନ୍ତି। ଖେଳ ଶେଷବେଳକୁ ଆଶୀର୍ବାଦ ସ୍ୱାଇଁ ୨୦ ଓ ସାଇଦୀପ ମହାପାତ୍ର ୫ ରନ କରି ଖେଳୁଛନ୍ତି। ହରିୟାଣାର ପରମ ଚାଣ୍ଡିଲାଙ୍କୁ ୨ଟି ୱିକେଟ୍ ମିଳିଥିଲା। ମ୍ୟାଚ ଆହୁରି ୨ ଦିନ ବାକି ରହିଥିବାରୁ ଓଡ଼ିଶା ଭଲସ୍ଥିତିରେ ରହିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

## ଗୌହାଟୀରେ ତୃତୀୟ ଟି-୨୦ ଆଜି

# ସିରିଜ୍ ଜିତିବା ଲକ୍ଷ୍ୟରେ ଭାରତ

ଗୌହାଟୀ,୨୪।୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୪୮ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୭ ୱିକେଟରେ ଜିତି ୨-୦ରେ ଆଗୁଆ ରହିଛି। ଆସନ୍ତାକାଲି ଦଳର ଶକ୍ତିଶାଳୀ ବ୍ୟାଟିଂ ଆଉଥରେ କ୍ଲିକ୍ କଲେ ଏଠାରେ ସିରିଜ୍ କବ୍‌ଜା କରିବା ଭାରତ ଲାଗି ବିଶେଷ ଅସୁବିଧା ହେବ ନାହିଁ। ଭ୍ରମଣକାରୀ ଦଳ ସହ ଭାରତରେ ୪ଟି ସିରିଜ୍ ଖେଳାଯାଇଥିଲାବେଳେ ସବୁଥିରେ ଘରୋଇ ଦଳ ବିଜୟୀ ହୋଇଛି। ଏଣୁ ଆଉ ଏକ ସିରିଜ୍ ଜିତିବା ଦ୍ୱାରଦେଶରେ ପହଞ୍ଚିଛି। ଦଳର ଅସୁବିଧା ହେଉଛି ବୋଲରଙ୍କର ଶୃଙ୍ଖଳାହୀନ ବୋଲିଂ ଓ ଫିଲ୍ଡିଂ। ଏହି ଦୁଇଟି କାଟାଗୋରୀରେ ଭାରତଠାରୁ ଆଗରେ ରହିଛି ନ୍ୟୁଜିଲାଣ୍ଡ। ଓପନର ସଞ୍ଜୁ ସାମସନଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଟପ୍ ଅର୍ଡର ଭାରତୀୟ ବ୍ୟାଟର ଫର୍ମରେ ଅଛନ୍ତି।

ନ୍ୟୁଜିଲାଣ୍ଡ ଦଳ ଭାରତରେ କିଭଳି ଖେଳିବାକୁ ହେବ ତାହାର ସୂତ୍ର ଆମକୁ ଜଣାଅଛି ବୋଲି କହିଛନ୍ତି ଅଧିନାୟକ ମିଚେଲ ସାଣ୍ଟନର। କିନ୍ତୁ ଭାରତୀୟ ବ୍ୟାଟରଙ୍କୁ ସେମାନେ କିପରି ଅଟକାଇବେ ତାହାର ସୂତ୍ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଜଣାପଡ଼ିନାହିଁ। ଭାରତକୁ ହରାଇବା କଷ୍ଟକର କିନ୍ତୁ ଅସମ୍ଭବ ନୁହେଁ ବୋଲି ସାଣ୍ଟନର କହିଛନ୍ତି।

### ବିପଦରେ ସାମସନ୍

ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ସଞ୍ଜୁ ସାମସନଙ୍କ କ୍ରମାଗତ ବିଫଳତା ତାଙ୍କୁ ବିପଦ ମଧ୍ୟକୁ ଠେଲିଦେଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ସର୍ଟବଲ୍ ଖେଳିବାକୁ ଯାଇ ମିଡ୍‌ୱିକେଟ ଓ ମିଡ୍‌ଅନ୍‌ରେ କ୍ୟାଚ୍ ଆଉଟ ହୋଇଛନ୍ତି। ଏପରିକି ସେ ୨୦୨୫ ପରଠାରୁ ସେ ୮ଥର ଇନିଂସ ଓପନ କରିଥିବା ବେଳେ ୭ଥର ପାୱାର ପ୍ଲେ'ରେ ଆଉଟ ହୋଇଛନ୍ତି। ଇଶାନ କିସାନ ବ୍ୟାଟିଂ ଫର୍ମକୁ ଫେରିବା ପରେ ସାମସନଙ୍କ ସ୍ଥାନ ୱିକେଟରକ୍ଷକ ଭାବେ ସୁରକ୍ଷିତ ନୁହେଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ୨୦୨୪ ବିଶ୍ୱକପ୍ ପରେ ନ୍ୟୁଜିଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତ ବିପକ୍ଷରେ ୮ଟି ମ୍ୟାଚ୍ ଖେଳି ୫ଟିରେ ପରାଜିତ ହୋଇଛି। ଅନ୍ୟ ୩ଟି ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହୋଇନାହିଁ। ଉଭୟ ସାମସନ ଓ ନ୍ୟୁଜିଲାଣ୍ଡ ଏହି ସିରିଜ୍‌ରେ ତିଷ୍ଠି ରହିବେ କି ନାହିଁ ତାହା ତୃତୀୟ ମ୍ୟାଚ୍ ପରେ ସ୍ପଷ୍ଟ ହେବ।

## ଡବ୍ଲ୍ୟୁପିଏଲ୍: ଆର୍‌ସିବିର ବ୍ୟାଟିଂ ବିପର୍ଯ୍ୟୟ

ଭଦୋଦରା, ୨୪।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୧୫ତମ ମ୍ୟାଚରେ ଶନିବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଦିଲ୍ଲୀ କ୍ୟାପିଟାଲ୍ସ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏକଦା ୧୪ ଓଭରବେଳକୁ ଅଧା ବ୍ୟାଟରଙ୍କୁ ହରାଇ ଆର୍‌ସିବି ୭୮ ରନ ସଂଗ୍ରହ କରିଥିଲା। ଅଧିନାୟିକା ସ୍ମୃତି ମନ୍ଧାନା କେବଳ ୩୮ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧା ଯାଦବ ୧୮, ଜର୍ଜିଆ ଭଲ୍ ୧୧, ଗ୍ରେସ୍ ହାରିସ ୯, ରିଚା ଘୋଷ ୫, ଗୌତମୀ ନାଏକ ୩ ରନ କରିଥିଲେ। ବୋଲିଂରେ ମାରିଜାନ କାପ୍ପ ଓ ମିନୁ ମାନି ୨ଟି ଲେଖାଏ ୱିକେଟ୍ ନେଇଥିଲେ।

## ଓଡ଼ିଶା-ସର୍ଭିସେସ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୪।୧ (ସମିସ): ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ଓଡ଼ିଶା ପ୍ରଥମ ପଏଣ୍ଟ ହାସଲ କରିଛି। ଶନିବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ସର୍ଭିସେସ ବିପକ୍ଷରେ ଓଡ଼ିଶା ଗୋଲଶୂନ୍ୟ ଭାବେ ମ୍ୟାଚ୍ ଡ୍ର ରଖିଛି। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ରହିଥିଲେ। ଓଡ଼ିଶା ପୂର୍ବରୁ ପ୍ରଥମ ମ୍ୟାଚରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଥିଲା। ପରବର୍ତ୍ତୀ ଗ୍ରୁପ୍ ମ୍ୟାଚରେ ଓଡ଼ିଶା ମଙ୍ଗଳବାର କେରଳ ବିପକ୍ଷରେ ଖେଳିବ।

## ଓଡ଼ିଶା ଓପନ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ

# ଏ'ରେ ଅଭିଜିତ, ସି'ରେ ବୈଭବ ଚାମ୍ପିଅନ

ଭୁବନେଶ୍ୱର,୨୪।୧(ସମିସ): ଅଲ୍ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓପନ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କାଟାଗୋରୀ-ଏ'ରେ ଭାରତର ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା ଓ କାଟେଗୋରୀ ସି'ରେ ଝାଡଖଣ୍ଡର ବୈଭବ ଶାହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କାଟାଗୋରୀ-ଏ'ରେ ସମାନ ୮ ପଏଣ୍ଟ ରଖିଥିବା ଭିଏତନାମର ଦୁଇ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ୍ ଡକ୍ ହୋଆ ଓ ଏନ୍‌ଗୁଏନ ଭାନ ହୁଏ




ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ତାଙ୍କ ପଛକୁ ରୁଷିଆର ଦୁଇ ଗ୍ରାଣ୍ଡମାଷ୍ଟର ବୋରିସ ସେଭାଚେଙ୍କୋ ଚତୁର୍ଥ ଓ ଡେଭିଡ୍ ଜି. ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ୪ଟି ସ୍ଥାନରେ ଥିବା ଖେଳାଳିମାନେ ସମାନ ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୭ ପଏଣ୍ଟ ରଖିଥିଲେ ମଧ୍ୟ ବୁକୋଲଜ୍‌ରେ ୧୬ଶ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ କୌଣସି ଓଡ଼ିଆ ଖେଳାଳି ପ୍ରଥମ ୫୦ଜଣଙ୍କ ମଧ୍ୟରେ ସ୍ଥାନ ପାଇନାହାନ୍ତି। ୫.୫ ପଏଣ୍ଟ ରଖିଥିବା ରାଜ୍ୟ ମହିଳା ଚାମ୍ପିଅନ ଯଶିତା ରାଉତ ୯୧ତମ ସ୍ଥାନରେ ରହିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫.୫ ଲକ୍ଷ, ଦ୍ୱିତୀୟସ୍ଥାନରେ ଥିବା ଖେଳାଳିଙ୍କୁ ଟ୍ରଫି ସହ ୩.୫ ଲକ୍ଷ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳି ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ଲାଭ କରିଛନ୍ତି। ଯଶିତା ମଧ୍ୟ ଓଡ଼ିଶାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

କାଟାଗୋରୀ-ସି'ରେ ବୈଭବ ଅପରାଜିତ ରହିବା ସହ ୯ ରାଉଣ୍ଡରୁ ୯ ପଏଣ୍ଟ ପାଇ ଚାମ୍ପିଅନ ହୋଇଥିଲେ। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୧ଲକ୍ଷ ଟଙ୍କାର ପୁରସ୍କାର ମିଳିଥିଲା। ଓଡ଼ିଶାର ସୁରଜ ମହାରଣା ରନସଅପ୍ ହେବା ସହ ୭୦,୦୦୦ ଟଙ୍କା ଓ ଟ୍ରଫି ପାଇଥିଲେ। ଦେବୀପ୍ରସାଦ ବିଶ୍ୱାଳ ଓଡ଼ିଶାର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ୯ମ ଓ ଶ୍ରେୟସ ବେହୁରିଆ ୧୧ଶ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜେତାଙ୍କୁ ଅଲ୍ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଥିଲେ। ଖେଳ ଶେଷରେ ଆୟୋଜିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, ପ୍ରମୁଖ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ କୁମାର ସାହୁ, କାଳନ୍ଦି ସାମଲ, ଶ୍ରୀମତୀ ପଲୀ ପଟ୍ଟନାୟକ, ଦେବବ୍ରତ ଭଞ୍ଜ, ଯୁଗ୍ମ ଆୟୋଜକ ଇଏସ୍‌ପିଏଓ ସମ୍ପାଦକ ଅଭିଷେକ ମିତ୍ର, ରୋଟାରିଆନ ରାକେଶ ଦଳାଇ, କୋପକୁମାର ଏମ୍‌ଏସ୍, କରୁଣାକର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ତାମିଲନାଡୁ ବିପକ୍ଷ ରଣଜୀ ଲଢ଼େଇ

# ଟାର୍ଗେଟ୍ ୪୫୫; ଓଡ଼ିଶା ୪୭/୨

ଭୁବନେଶ୍ୱର, ୨୪।୧ (ସମିସ): ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ତାମିଲନାଡୁ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପରାଜୟ ଦ୍ୱାରରେ



ରହିଛି। ତାମିଲନାଡୁ ପକ୍ଷରୁ ଧାର୍ଯ୍ୟ ୪୫୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଓଡ଼ିଶା ଶନିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୨ ୱିକେଟ୍ ହରାଇ ୪୭ ରନ ସଂଗ୍ରହ କରିଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ଟି ଚୌକା ସହାୟତାରେ ୩୪ ବଲରୁ ୩୬ ରନ କରି ଅପରାଜିତ ରହିଛନ୍ତି। ଦୁଇ ଓପନର୍ ସ୍ୱସ୍ତିକ ସାମଲ ୧୦ ରନ ଓ ଶାନ୍ତନୁ ମିଶ୍ର ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ଭ୍ରମଣକାରୀ ଅଧିନାୟକ ସାଇ କିଶୋର ଓ ସୋନୁ ଯାଦବ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ବିଜୟ ଲାଗି ଓଡ଼ିଶାକୁ ଦିବସରେ ଖେଳାଯିବାକୁ ଥିବା ୯୦ ଓଭରରେ ଆହୁରି ୪୦୮ ରନ ଆବଶ୍ୟକ ହେଉଛି। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୁପରଙ୍କ ଭଳି ଅଭିଜ୍ଞ ବ୍ୟାଟର୍ ରହିଥିଲେ ମଧ୍ୟ ଓଡ଼ିଶା ପାଇଁ ଏହି ଲକ୍ଷ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ ହେବ। ସେହିଭଳି ଓଡ଼ିଶାର ବଳକା ୮ ୱିକେଟ୍ ନେଇ ତାମିଲନାଡୁ ମ୍ୟାଚରୁ ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି।

ପୂର୍ବରୁ ତାମିଲନାଡୁ ପ୍ରଥମ ପାଳିରେ ୨୮୬ ରନ ଜବାବରେ ଓଡ଼ିଶା ୧୪୮ ରନରେ ସୀମିତ ରହିଥିଲା। ୧୩୮ ରନରେ ଆଗୁଆ ରହିଥିବା ତାମିଲନାଡୁ ଦ୍ୱିତୀୟ ପାଳିରେ ୩୧୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ୫ ୱିକେଟ୍ ସଫଳତା ପାଇଥିବା ସୋନୁ ୭୪ ଓ ଅତିଶ ଏସଆର ୮୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୩ଟି ଏବଂ ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

## ଅଷ୍ଟ୍ରେଲିଆନ୍ ଓପନ୍

# ଜୋକୋଭିଚ୍‌ଙ୍କ ରେକର୍ଡ ୪୦୦ ମ୍ୟାଚ୍ ବିଜୟ


ଆମାଣ୍ଡା ଆନିସିମୋଭା

ମେଲବୋର୍ଣ୍ଣ, ୨୪।୧ (ଏଜେନ୍ସି):

୨୪ଥରର ରେକର୍ଡ ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡ ମ୍ୟାଚରେ ଜୋକୋଭିଚ୍ ୬-୩, ୬-୪, ୭-୬ ସେଟ୍‌ରେ ନେଦରଲାଣ୍ଡ୍‌ସର ବୋଟିକ ଭାନ ଜାଣ୍ଡସ୍କୁଲ୍‌ପଙ୍କୁ ହରାଇଥିଲେ। ଏଥିସହ ବିଶ୍ୱର ପ୍ରଥମ ପୁରୁଷ ଟେନିସ ଖେଳାଳି ଭାବେ ୩୮ ବର୍ଷୀୟ ଜୋକୋଭିଚ୍ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ମେଲବୋର୍ଣ୍ଣ ପାର୍କରେ ଜୋକୋଭିଚଙ୍କ ଏହା ୧୦୨ତମ ବିଜୟ ଥିଲା। ପୁରୁଷ ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୫ମ ସିଡ୍ ଲୋରେଞ୍ଜୋ ମୁସେଟ୍ଟି, ୮ମ ସିଡ୍ ଆମେରିକାର ବେନ୍ ସେଲଟନ୍, ୯ମ ସିଡ୍ ଟେଲର ଫ୍ରିଜ, ୧୨ତମ ସିଡ୍ କାସ୍ପର ରୁଡ୍ ବିଜୟୀ ହୋଇ ରାଉଣ୍ଡ-୪ରେ ପହଞ୍ଚିଛନ୍ତି। ତେବେ ପୂର୍ବତନ ଚାମ୍ପିଅନ ଷ୍ଟାନ ୱାରିଙ୍କା ନିଜର ଶେଷ ଅଷ୍ଟ୍ରେଲିଆନ୍ ଓପନରେ ପରାଜୟ ସହ ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଆମେରିକାର ମାଡିସନ କିଜ୍, ୬ଷ୍ଠ ସିଡ୍ ଜେସିକା ପେଗୁଲା, ୪ର୍ଥ ସିଡ୍ ଆମାଣ୍ଡା ଆନିସିମୋଭା, ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ, ୫ମ ସିଡ୍ ଏଲିନା ରିବାକିନା ବିଜୟୀ ହୋଇ ପ୍ରି-କ୍ୱାର୍ଟରକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଆହତ ସମସ୍ୟା ଲାଗି ଦୁଇଥରର ଚାମ୍ପିଅନ ନାଓମି ଓସାକା ୩ୟ ରାଉଣ୍ଡ ପୂର୍ବରୁ ଓହରିଯାଇଥିଲେ। ଫଳରେ ତାଙ୍କ ପ୍ରତିପକ୍ଷ ଅଷ୍ଟ୍ରେଲୀୟ ଖେଳାଳି ମାଡିସନ ଇଂଲିଶ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି।

### ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ୟୁକି ଭାମ୍ବ୍ରୀ

ଭାରତୀୟ ଟେନିସ ଖେଳାଳି ୟୁକି ଭାମ୍ବ୍ରୀ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ରାଉଣ୍ଡ-୩୨'ର ଏକ ମ୍ୟାଚରେ ଭାମ୍ବ୍ରୀ ଓ ତାଙ୍କ ସ୍ୱିଜରଲାଣ୍ଡ ପାର୍ଟନର ଆନ୍ଦ୍ରେ ଗୋରାନସନ ଯୋଡ଼ି ୪-୬, ୭-୬ (୫), ୬-୩ ସେଟରେ ସାଣ୍ଟିଆଗୋ ଗୋଞ୍ଜାଲେ ଓ ଡେଭିଡ୍ ପିଲ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଭାମ୍ବ୍ରୀ-ଆନ୍ଦ୍ରେ ଯୋଡ଼ିଙ୍କୁ ୨ ଘଣ୍ଟା ୬ ମିନିଟ୍ ସମୟ ଲାଗିଥିଲା। ତେବେ ମିକ୍ସଡ ଡବଲ୍ସରେ ଭାରତର ଶ୍ରୀରାମ ବାଲାଜୀ ଓ ତାଙ୍କ ଅଷ୍ଟ୍ରିଆ ଯୋଡ଼ି ନେଲ ଓବେରଲେଇଟନର ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS